# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 10/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 286 | ମୂଲ୍ୟ ₹୭/-




**'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍**

'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍' ଫିଲ୍ମରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଲୁକ୍ ଉପରୁ ମଙ୍ଗଳବାର ପରଦା ଉଠିଛି।

୦୫

୧୪


**ନିଖତ କ୍ୱାର୍ଟର ଫାଇନାଲରେ**

ଭାରତର ନିଖତ ଜରିନ ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



# ରାଧାକ୍ରିଷ୍ଣନ୍ ୧୫ତମ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯



ସି.ପି. ରାଧାକ୍ରିଷ୍ଣନ

ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ବିଜୟୀ ହୋଇଛନ୍ତି। ତାଙ୍କୁ ୪୫୨ ଭୋଟ ମିଳିଥିବାବେଳେ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ ଭୋଟ ମିଳିଥିବା ରିଟର୍ନିଂ ଅଫିସର ତଥା ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଘୋଷଣା କରିଛନ୍ତି। ଭୋଟ ଟାଲିକୁ ଦେଖିଲେ କେତେଜଣ ବିରୋଧୀ ଦଳ ଏମ୍‌ପି ରାଧାକ୍ରିଷ୍ଣନଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡୁଛି। ଅନ୍ୟୂନ ୧୫ ଜଣ ବିରୋଧୀ ଦଳ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭାଜପାର କେତେଜଣ ନେତା ଦାବି କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

**ଆସିପାରେ ୪ରୁ ଅଧିକ ପ୍ରସ୍ତାବ**

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସାଢ଼େ ୫ଟାରେ ଅନୁଷ୍ଠିତ ହେବାକୁଥିବା ଏହି କ୍ୟାବିନେଟ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଭଳି ୪ଟି ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯିବାକୁ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ବିକାଶକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାକୁ ନେଇ ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କ୍ରୋଧର ଶିକାର

**ନେପାଳରେ ଅରାଜକତା**

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେଲେ

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋମବାର ଅନେକ ହଜାର ଯୁବ ଛାତ୍ର ବିକ୍ଷୋଭରେ ସାମିଲ ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସ୍କୁଲ ପିଲା ରହିଛନ୍ତି। ଏପରି କି ସୁରକ୍ଷା ଯବାନମାନେ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସିତ ହେଉଥିବା ଆହତମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଦୁର୍ନୀତି ବିରୋଧରେ କହିବାରୁ ମହିଳା ଓ ଝିଅମାନଙ୍କୁ ସେମାନଙ୍କ ଘରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଆନ୍ଦୋଳନକାରୀଙ୍କୁ ଆହୁରି କ୍ରୋଧିତ କରିଥିଲା। ସ୍ଥିତି ସୁଧାରିବାକୁ ଯାଇ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋମବାର ବିଳମ୍ବିତ ରାତିରେ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇନାହିଁ। ମଙ୍ଗଳବାର ଆନ୍ଦୋଳନ ଆହୁରି ବ୍ୟାପକ ହେବା ସହ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ପାର୍ଲାମେଣ୍ଟ ଭବନ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ମଧ୍ୟ ଜାଳି ଦେଇଛନ୍ତି। ଦେଶରେ ରାଜନୈତିକ ଅଚଳାବସ୍ଥା ଦେଖାଦେଇଥିବାବେଳେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି। ବ୍ୟାପକ ଆନ୍ଦୋଳନ ନେପାଳକୁ ଦୋହଲାଇ ଦେଇଛି। ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଥିବା ଏକ ବିବୃତିରେ କହିଛି। ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ମଙ୍ଗଳବାର ମିଳିତ ଭାବେ ନିବେଦନ କରିଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।




କାଠମାଣ୍ଡୁରେ ସରକାର ବିରୋଧୀ ଆନ୍ଦୋଳନବେଳେ ଜଣେ ବିକ୍ଷୋଭକାରୀ ପୋଲିସ ଜ୍ୟାକେଟ୍ ପିନ୍ଧି ସ୍ଲୋଗାନ ଦେଉଛନ୍ତି।

- ଇସ୍ତଫା ଦେଲେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ
- ପାର୍ଲାମେଣ୍ଟ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ପୋଡ଼ିଦେଲେ
- ଅର୍ଥମନ୍ତ୍ରୀ, ସଚିବଙ୍କୁ ଗୋଡ଼ାଇ ପିଟିଲେ ବିକ୍ଷୋଭକାରୀ

କାଠମାଣ୍ଡୁ,୯।୯(ପି.ଟି./ଏଜେନ୍ସି)

୨୦୦୧ ଜୁନ୍ ୧ରେ କାଠମାଣ୍ଡୁସ୍ଥିତ ନେପାଳ ରାଜପ୍ରାସାଦରେ ତତ୍କାଳୀନ ରାଜା ବୀରେନ୍ଦ୍ର ବୀର ବିକ୍ରମ ଶାହା ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ସମେତ ରାଜପରିବାରର ୯ ଜଣଙ୍କୁ ରାଜକୁମାର ଦୀପେନ୍ଦ୍ର ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ଏହା ପରେ ବୀରେନ୍ଦ୍ରଙ୍କ ସାନଭାଇ ଜ୍ଞାନେନ୍ଦ୍ରଙ୍କ ରାଜ୍ୟାଭିଷେକ କରାଯାଇଥିଲା। ତେବେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଲଗାତର ଆନ୍ଦୋଳନ ପରେ ୨୦୦୮ରେ ୨୩୯ ବର୍ଷ ପୁରୁଣା ନେପାଳ ରାଜତନ୍ତ୍ରକୁ ଉଚ୍ଛେଦ କରାଯାଇଥିଲା। ସେବେଠୁ ଦେଶରେ ବିଭିନ୍ନ ଦଳର ୧୪ ସରକାର ଗଠିତ ହୋଇଥିଲେ ମଧ୍ୟ କାହା ଶାସନ ଟିକ୍ତିପାରିନାହିଁ। ୨୦୨୪ ଜୁଲାଇରେ ଖଡ୍ଗ ପ୍ରସାଦ ଶର୍ମା ଓଲି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରଠୁ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ଦେଶ ଭ୍ରଷ୍ଟାଚାର ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ଥର ଆନ୍ଦୋଳନ ମୁଣ୍ଡ ଟେକିଛି। ଇତିମଧ୍ୟରେ ଗତ ୪ ତାରିଖରେ ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏମ୍‌ଏଲ୍)-ନେପାଳୀ କଂଗ୍ରେସ ମେଣ୍ଟ ସରକାର ଦେଶରେ ଫେସ୍‌ବୁକ୍, ☞ପୃଷ୍ଠା-୪


ODISHA
INDIA'S BEST KEPT SECRET.

DSPL-251



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶୁଭାରମ୍ଭ

"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"
ଟ୍ରେନ୍

ଏହି ତୀର୍ଥଯାତ୍ରାରେ ୫ ଗୋଟି ପ୍ରାରମ୍ଭ ଷ୍ଟେସନରୁ ୧୦ ଗୋଟି ତୀର୍ଥଯାତ୍ରା ଟ୍ରେନ୍ ନିର୍ଦ୍ଧାରିତ ତୀର୍ଥସ୍ଥଳୀକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଯାତ୍ରା କରିବେ।
ପ୍ରତ୍ୟେକ ତୀର୍ଥଯାତ୍ରା ଟ୍ରେନ୍‌ରେ ୮୦୦ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବାର ସୁବିଧା ରହିଅଛି।

ତୀର୍ଥଯାତ୍ରା ସମୟ: ପୂର୍ବାହ୍ନ ୧୧.୦୦ ଘଟିକା

| ଯାତ୍ରା ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ୍‌ର ନାମ | ଅନ୍ତର୍ଭୁକ୍ତ ଜିଲ୍ଲାର ନାମ | ଭ୍ରମଣ ସ୍ଥାନ | ଯାତ୍ରା ପ୍ରାରମ୍ଭ ତାରିଖ | ଯାତ୍ରା ସମାପ୍ତ ତାରିଖ |
|---|---|---|---|---|---|
| ୧ | ଭୁବନେଶ୍ୱର | ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଜଗତସିଂହପୁର | ୧. ଅଯୋଧ୍ୟା-ବାରଣାସୀ | ୧୦.୦୯.୨୦୨୫ | ୧୫.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୨୫.୧୧.୨୦୨୫ | ୩୦.୧୧.୨୦୨୫ |
| ୨ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୧୯.୦୯.୨୦୨୫ | ୨୪.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୧୭.୧୧.୨୦୨୫ | ୨୨.୧୧.୨୦୨୫ |
| ୩ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୦୮.୧୦.୨୦୨୫ | ୧୩.୧୦.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୫.୧୨.୨୦୨୫ | ୧୦.୧୨.୨୦୨୫ |
| ୪ | ରାୟଗଡ଼ | ରାୟଗଡ଼, କୋରାପୁଟ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି | ୧. ଅଯୋଧ୍ୟା-ବାରଣାସୀ | ୨୯.୧୦.୨୦୨୫ | ୦୩.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୧୫.୧୨.୨୦୨୫ | ୨୦.୧୨.୨୦୨୫ |
| ୫ | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ଅଯୋଧ୍ୟା-ବାରଣାସୀ | ୦୭.୧୧.୨୦୨୫ | ୧୨.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୭.୦୧.୨୦୨୬ | ୧୨.୦୧.୨୦୨୬ |



OIPR-37001/13/0057/2526

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର
www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

# ହିମସ୍ଖଳନରେ ୩ ଯବାନଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୯।୯

ଲଦାଖର ସିଆଚେନ୍ ବେସ୍‌କ୍ୟାମ୍ପଠାରେ ମଙ୍ଗଳବାର ବଡ଼ ଧରଣର ହିମ ସ୍ଖଳନରେ ୩ ଜଣ ସେନା ଯବାନ ପ୍ରାଣ ହରାଇଛନ୍ତି। ବିଶ୍ୱର ସର୍ବୋଚ୍ଚ ଯୁଦ୍ଧଭୂମି ଭାବେ ପରିଚିତ ସିଆଚେନ୍‌ରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯବାନମାନେ ମାହାର ରେଜିମେଣ୍ଟର ହୋଇଥିବାବେଳେ ସେମାନଙ୍କ ଘର ଗୁଜରାଟ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡରେ। ବରଫ ଅତଡ଼ା ତଳେ ସେମାନେ ୫ ଘଣ୍ଟା ରହିଯିବାରୁ ମୃତ୍ୟୁ ଘଟିଥିଲା। ତେବେ ଜଣେ ସେନା କ୍ୟାପ୍‌ଟେନ୍‌ଙ୍କୁ ବରଫ ତଳୁ ଉଦ୍ଧାର କରାଯାଇଛି। ପାଖାପାଖି ୨୦ ହଜାର ଫୁଟ୍ ଉଚ୍ଚରେ ଥିବା ନିୟନ୍ତ୍ରଣ ରେଖାର ଉତ୍ତର ପାର୍ଶ୍ୱରେ ସିଆଚେନ୍ ଗ୍ଲେସିୟର ଅବସ୍ଥିତ। ସେଠାରେ ତାପମାତ୍ରା ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାବେଳେ ହିମସ୍ଖଳନ ସାଧାରଣ କଥା। ୨୦୨୧ରେ ହିମସ୍ଖଳନ ଘଟି ୨ ଯବାନ ପ୍ରାଣ ହରାଇଥିବାବେଳେ ଦୀର୍ଘ ୬ ଘଣ୍ଟାର ଅଭିଯାନ ପରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୧୯ରେ ଆଉ ଏକ ହିମସ୍ଖଳନରେ ୪ ଯବାନ ଓ ୨ ଜଣ ପୋର୍ଟରଙ୍କ ମୃତ୍ୟୁ ଘଟିଥିଲା।

# ପୁଞ୍ଚ୍‌ରେ ମାଟି ଦବି ୫୦ ବିଲ୍ଡିଂ କ୍ଷତିଗ୍ରସ୍ତ

ଜମ୍ମୁ,୯।୯

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ପାହାଡ଼ ଗଡ଼ାଣିରେ ଥିବା ଏକ ଗାଁର ମାଟି ଦବିଯିବାରୁ ୫୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଜମ୍ମୁ-କଶ୍ମୀର ମନ୍ତ୍ରୀ ତଥା ମେନ୍ଧର ବିଧାୟକ ଜାଭେଦ ଅହମଦ ରାଣା କାଲାବାନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ଥଇଥାନ ପ୍ରତିଶ୍ରୁତି ଦେଇଛନ୍ତି। ୨୫ରୁ ଊର୍ଦ୍ଧ୍ୱ ଆବାସିକ ଘର, ୩ଟି ସ୍କୁଲ୍ ବିଲ୍ଡିଂ, ଗୋଟିଏ ମସ୍‌ଜିଦ, ଗୋଟିଏ କବରସ୍ଥାନ ଏବଂ ଉକ୍ତ ଗାଁକୁ ଯାଇଥିବା ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟ ୨୦ଟି ଘରେ ଫାଟ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳର ମାଟି ଦବିବା ଜାରି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ପୁଞ୍ଚ୍, ରାଜୌରୀ ଓ କଶ୍ମୀରର ବିଭିନ୍ନ ଭାଗରେ ଭୂମି ଦବୁଥିବା ମନ୍ତ୍ରୀ ରାଣା କହିଛନ୍ତି।

ଦିଲ୍ଲୀରେ ଆଜି



ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଏମ୍‌ପି ଏଚ୍.ଡି. ଦେବେଗୌଡ଼ା ଭୋଟ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ଆର୍‌ଏସ୍‌ଏସ୍ ସଦସ୍ୟରୁ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯(ପି.ଟି.)

ଚନ୍ଦ୍ରପୁରମ୍ ପୋନ୍ନୁସାମି ରାଧାକ୍ରିଷ୍ଣନ୍ ମଙ୍ଗଳବାର ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସଦସ୍ୟତାରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ନମ୍ରଭାଷୀ ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହୋଇପାରିଛନ୍ତି। ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଭଲ ଅଭିଜ୍ଞତା ରହିଥିବାରୁ ରାଜ୍ୟ ସଭାର ଅଧ୍ୟକ୍ଷ ଭାବେ ସେ ନିଜ ଭୂମିକାକୁ ସୁଚାରୁ ରୂପେ ତୁଲାଇବେ ବୋଲି କୁହାଯାଉଛି। ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ସମସ୍ତଙ୍କୁ ଚକିତ କରି ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା ଦେଇଥିଲେ। ଏହି ପଦବୀ ଗ୍ରହଣ କରିବାରେ ରାଧାକ୍ରିଷ୍ଣନ ତାମିଲନାଡୁର ତୃତୀୟ ନେତା। ୬୭ ବର୍ଷୀୟ ରାଧାକ୍ରିଷ୍ଣନଙ୍କୁ ତାଙ୍କ ଶୁଭେଚ୍ଛୁମାନେ 'ପାଚାଇ ତିମିଝାନ' (ସଚ୍ଚା ତାମିଲ) କହିଥାନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ


ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ପାଖରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ ଏବଂ ଜେ.ପି. ନଡ୍ଡା ଅଛନ୍ତି।

ତାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ବେଳେ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ୨ ଥର କୋଏମ୍ବାଟୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ତାଙ୍କ ନାଁ ମନ୍ତ୍ରୀପଦ ପାଇଁ ଚର୍ଚ୍ଚା ହେଉଥିଲା। ତେବେ ନାମକୁ ନେଇ ଭାଜପାର ତତ୍କାଳୀନ ଗୃହ ପରିଚାଳନାକାରୀଙ୍କ ଭୁଲ୍ ବୁଝାମଣାରୁ ୧୯୯୮ରେ ପୋନ୍ ରାଧାକ୍ରିଷ୍ଣନ ମନ୍ତ୍ରୀ ହୋଇଥିଲେ। ୧୯୫୭ ମେ' ୪ରେ ଜନ୍ମିତ ରାଧାକ୍ରିଷ୍ଣନ ୧୬ ବର୍ଷ ବୟସରୁ ଆର୍‌ଏସ୍‌ଏସ୍ ସହ ଜଡ଼ିତ ହୋଇ ପରେ ଜନସଂଘରେ ସାମିଲ ହୋଇଥିଲେ। କଲେଜ ପଢ଼ା ସମୟରେ ରାଧାକ୍ରିଷ୍ଣନ ଟେବୁଲ ଟେନିସ୍ ଚାମ୍ପିୟନ୍ ହେବା ସହ ମାରାଥନ ରନର ଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୧୯୯୬ରେ ତାମିଲନାଡୁ ଶାଖାର ସମ୍ପାଦକ ହୋଇଥିଲେ। ୨୦୦୩ରୁ ୨୦୦୬ ସେ ତାମିଲନାଡୁ ଭାଜପା ସଭାପତି ରହିଥିଲେ। ସେ ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଓ ପଣ୍ଡିଚେରୀର ରାଜ୍ୟପାଳ ରହିଥିଲେ। ରାଜ୍ୟପାଳ ଭାବେ ସେ ସାଧାରଣ ନାଗରିକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେଉଥିଲେ। ବ୍ୟବସ୍ଥାପିକା ଓ ସମ୍ବିଧାନ ଉପରେ ତାଙ୍କର ପର୍ଯ୍ୟାପ୍ତ ଜ୍ଞାନ ରହିଛି। ଏନ୍‌ଡିଏ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ ଚୟନ କରିବା ପରେ ସେ ଜଣେ ପ୍ରେରଣାଦାୟୀ ଉପରାଷ୍ଟ୍ରପତି ହେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

## ପଞ୍ଜାବ, ହିମାଚଳରେ ବନ୍ୟାସ୍ଥିତି ଅନୁଧ୍ୟାନ କଲେ ମୋଦି

ନୂଆଦିଲ୍ଲୀ,୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବ ଓ ହିମାଚଳପ୍ରଦେଶର ବନ୍ୟା ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ସେ ଲଗାଣ ବର୍ଷା ଓ ଭୂସ୍ଖଳନଜନିତ କ୍ଷୟକ୍ଷତି ଆକଳନ କରିବା ସହ ହିମାଚଳପ୍ରଦେଶ ପାଇଁ ତୁରନ୍ତ ୧,୫୦୦ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ରାଜ୍ୟର ଉଚ୍ଚ ପଦାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ସହାୟତା ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଜାବର ଗୁରଦାସପୁରରେ ପ୍ରଧାନମନ୍ତ୍ରୀ ଓହ୍ଲାଇ ପ୍ରଭାବିତ ଲୋକମାନଙ୍କ ସମେତ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ସହ କଥା ହୋଇଥିଲେ। ଗୁରଦାସପୁରରେ ସେ ଅଫିସରମାନଙ୍କ ସହ ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ, ପଞ୍ଜାବ କୃଷିମନ୍ତ୍ରୀ ଗୁରମିତ୍ ସିଂ ଖୁଡ଼ିଆନ୍, କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଉପସ୍ଥିତ ଥିଲେ।

# ଭ୍ରଷ୍ଟ ଶାସନତନ୍ତ୍ର ବିରୋଧୀ ବିକ୍ଷୋଭରୁ ହିଂସା



କାଠମାଣ୍ଡୁରେ ଛାତ୍ରମାନେ ନେପାଳ ସରକାରଙ୍କ ବିରୋଧରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି।

କାଠମାଣ୍ଡୁ, ୯।୯

ନେପାଳରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଜାରି ନିଷେଧାଦେଶ ବିରୋଧରେ ଯୁବପିଢ଼ିଙ୍କ ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିଛି। ସୋମବାର ପୋଲିସ ଗୁଳିରେ ୨୩ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ବିକ୍ଷୋଭକାରୀମାନେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ବାସଭବନକୁ ଜାଳି ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ହିଂସ୍ର ରୂପ ନେବା ପରେ ମଙ୍ଗଳବାର ନେପାଳ ସରକାର ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ହଠାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଭାରତର ଏହି ପଡ଼ୋଶୀ ଦେଶରେ ଶାନ୍ତି ଫେରି ଆସିପାରି ନାହିଁ। ଏଥିରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଏହି ଆନ୍ଦୋଳନର ଏକମାତ୍ର କାରଣ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ନେଇ ଦେଶର ଅନେକ ବୁଦ୍ଧିଜୀବୀ କହିଛନ୍ତି। ନେପାଳ ସରକାରରେ ପ୍ରଚଳିତ ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ କ୍ଷମତାରେ ଥିବା ରାଜନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାମାନଙ୍କୁ ଦିଆଯାଉଥିବା ଅନୁଚିତ ଲାଭକୁ ନେଇ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ରହିଥିବା ଆକ୍ରୋଶର ଏହା ପ୍ରତିଫଳନ ବୋଲି ସେମାନେ କହିଛନ୍ତି।

ନେପାଳରେ ଏହି ହିଂସାତ୍ମକ ଆନ୍ଦୋଳନ ସୋମବାର ଆରମ୍ଭ ହୋଇଥିବା ବେଳେ ଏହାର କିଛିଦିନ ତଳେ ଦେଶରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନେପୋକିଡ୍ସ, ନେପୋବେବି, ପଲିଟିସିଆନ୍ସନେପୋବେବି ପରି ହ୍ୟାଶ୍‌ଟ୍ୟାଗ୍ ଟ୍ରେଣ୍ଡ୍ କରୁଥିଲା। ସୋସିଆଲ ମିଡିଆରେ ଲୋକମାନେ ଦେଶର ଯୁବପିଢ଼ିଙ୍କ ତୁଳନା ନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାଙ୍କ ସହ କରୁଥିଲେ। ଯୁବପିଢ଼ି ୨ ଓଳିର ରୁଟି ଖାଇବା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପିଲାମାନେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ଦେଶ ଆର୍ଥିକ ସଙ୍କଟ ଓ ଦୁର୍ନୀତି ମଧ୍ୟରେ ପେଶି ହେଉଥିବା ବେଳେ ଉକ୍ତ ଟ୍ରେଣ୍ଡ୍ ବିଦେଶରେ ରାଜନେତାଙ୍କ ପିଲାମାନଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ପ୍ରଦର୍ଶିତ କରିଥିଲା। ନେପାଳୀ ଯୁବପିଢ଼ି ଦେଶରେ ଶିକ୍ଷା, ନିଯୁକ୍ତି ଆଦି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ଲୋକଙ୍କ ପିଲାମାନେ ବିଦେଶରେ ବିଳାସପୂର୍ଣ୍ଣ ଜୀବନଶୈଳୀ ବିତାଉଥିବା ଦର୍ଶାଇ ଏହା ନେପାଳ ଶାସନ ବ୍ୟବସ୍ଥାରେ ଅସମାନତାର ନଗ୍ନ ଉଦାହରଣ ବୋଲି ଅନେକ ନେପାଳୀ ୟୁଜର୍ସ ପୋଷ୍ଟ କରିଥିଲେ।

ନେପାଳର ଦାରିଦ୍ର୍ୟ ଓ ବେକାରିକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଆକ୍ରୋଶ ରହିଆସିଛି। ଏକ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରାୟ ୧୯% ଯୁବପିଢ଼ି ବେରୋଜଗାର ରହିଛନ୍ତି। ରୋଜଗାର ପାଇଁ ଅଧିକାଂଶ ଯୁବକଙ୍କୁ ଦେଶ ବାହାରକୁ ଯିବାକୁ ପଡୁଛି। ଦେଶରେ ଏପରି ବେକାରି ସ୍ତର ରହିଛି, ଯେଉଁଥିରେ ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧରେ ନେପାଳୀ ଲୋକଙ୍କୁ ଭଡ଼ାଟିଆ ସୈନିକ ଭାବରେ କାମ କରିବାକୁ ବାଧ୍ୟ କରାଯାଉଛି। ନେପାଳୀ ଯୁବପିଢ଼ିଙ୍କ ଏହି ଆକ୍ରୋଶ ଚରମସୀମାରେ ଥିବାବେଳେ ଦେଶର ସରକାରଙ୍କ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ପାଇଁ ନିର୍ଦ୍ଦେଶନାମା ସେମାନଙ୍କ ଆକ୍ରୋଶକୁ ବଢ଼ାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

## ଚର୍ଚ୍ଚାରେ ବାଲେନ୍ ଶାହ

ନେପାଳରେ ଜେନ୍ ଜେଡ୍‌ଙ୍କ ହିଂସ୍ର ଆନ୍ଦୋଳନ ମଧ୍ୟରେ ବାଲେନ୍ ଶାହାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବାଲେନ୍‌ଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ କରି ଶାସନତନ୍ତ୍ର ହସ୍ତାନ୍ତର କରିବାକୁ ଯୁବପିଢ଼ି ଦାବି କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ବାଲେନ୍ ହେଉଛନ୍ତି କାଠମାଣ୍ଡୁର ମେୟର। ନେପାଳର ଯୁବପିଢ଼ିଙ୍କ ମଧ୍ୟରେ ତାଙ୍କର ଢେର୍ ଲୋକପ୍ରିୟତା ରହିଛି। ପ୍ରାୟତଃ ବିଭିନ୍ନ ପ୍ରସଙ୍ଗକୁ ନେଇ ତାଙ୍କ ପୋଷ୍ଟ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଥାଏ ଏବଂ ଖୁବ୍‌ଶୀଘ୍ର ଟ୍ରେଣ୍ଡ୍ ମଧ୍ୟ ହୋଇଥାଏ। ଟାଇମ୍ ମାଗାଜିନ ପକ୍ଷରୁ ୨୦୨୩ର ଶ୍ରେଷ୍ଠ ୧୦୦ ବ୍ୟକ୍ତିତ୍ୱଙ୍କ ତାଲିକାରେ ତାଙ୍କ ନାମ ସାମିଲ ଥିଲା। ସୋସିଆଲ ମିଡିଆ ନିଷେଧ



ବିରୋଧୀ ଜେନ୍ ଜେଡ୍‌ର ଆନ୍ଦୋଳନକୁ ସମର୍ଥନ କରି ବାଲେନ୍ ଖୁବ୍ ସହଜରେ ଯୁବପିଢ଼ିଙ୍କ ସମର୍ଥନକୁ ନିଜ ସପକ୍ଷରେ ହାଇଜ୍ୟାକ୍ କରିଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।


କାଠମାଣ୍ଡୁରେ ନେପାଳୀ କଂଗ୍ରେସ ପାର୍ଟିର କାର୍ଯ୍ୟାଳୟକୁ ମଙ୍ଗଳବାର ବିକ୍ଷୋଭକାରୀମାନେ ଜାଳି ଦେଇଛନ୍ତି।

## ଭାରତ-ନେପାଳ ସୀମାରେ ସୁରକ୍ଷା ବୃଦ୍ଧି

ଭାରତ ଏବଂ ନେପାଳ ମଧ୍ୟରେ ରହିଥିବା ୧,୭୫୧ କିଲୋମିଟର ଲମ୍ବା ବାଡ଼ହୀନ ସୀମାର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଏହି ସୀମାର ସୁରକ୍ଷା ପାଇଁ ନିୟୋଜିତ ଥିବା ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏହାର ସମସ୍ତ ସୀମା ପୋଷ୍ଟରେ ସୁରକ୍ଷାକୁ ବଢ଼ାଇଛି। ସେହିପରି ସତର୍କ ରହିବାକୁ ଏସ୍‌ଏସ୍‌ବି କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୀମାରେ ଥିବା ଏସ୍‌ଏସ୍‌ବିର ୨୨ଟି ଆଉଟ୍‌ପୋଷ୍ଟରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ସେହିପରି ଭାରତ-ନେପାଳ ସୀମାନ୍ତ ଅଞ୍ଚଳରେ ଥିବା ୫ଟି ଥାନାର ଅଧିକାରୀମାନେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଲୋକଙ୍କ ଉପରେ କଡ଼ା ନଜର ରଖୁଥିବା ନେଇ ଉତ୍ତରପ୍ରଦେଶ ବଲରାମପୁର ଜିଲାର ଏସ୍‌ପି ବିକାଶ କୁମାର ସୂଚନା ଦେଇଛନ୍ତି।

## ନେପାଳ ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

ନେପାଳରେ ହିଂସା ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟମାନଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି। ସ୍ଥିତିରେ ଉନ୍ନତି ନ ଆସିବା ପର୍ଯ୍ୟନ୍ତ ନେପାଳ ନ ଯିବା ପାଇଁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ପ୍ରତି ନେପାଳରେ ଫସିଥିବା ଭାରତୀୟ ନାଗରିକମାନେ ରାସ୍ତାକୁ ନ ବାହାରିବା ସହ ସତର୍କତା ଅବଲମ୍ବନ କରିବାକୁ ଆଡ୍‌ଭାଇଜରିରେ କୁହାଯାଇଛି। ସ୍ଥାନୀୟ ନେପାଳୀ ଅଧିକାରୀ ଓ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସର ସୁରକ୍ଷା ନିର୍ଦ୍ଦେଶକୁ ପାଳନ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସହାୟତାର ଆବଶ୍ୟକ ହେଲେ ନେପାଳରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ହେଲ୍‌ପ୍‌ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଜରୁରୀ ସ୍ଥିତିରେ +୯୭୭ - ୯୮୦ ୮୬୦ ୨୮୮୧ ଏବଂ +୯୭୭ - ୯୮୧ ୦୩୨ ୬୧୩୪ ନମ୍ବରକୁ କଲ୍ କରିବା ପାଇଁ ନେପାଳରେ ଥିବା ଭାରତୀୟମାନଙ୍କୁ ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଛି। ନେପାଳର ସ୍ଥିତି ଉପରେ ଭାରତର କଡ଼ା ନଜର ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## କାଠମାଣ୍ଡୁକୁ ବିମାନ ଉଡ଼ାଣ ବାତିଲ କଲା ଏୟାର ଇଣ୍ଡିଆ, ଇଣ୍ଡିଗୋ

ଦିଲ୍ଲୀ ଏବଂ କାଠମାଣ୍ଡୁ ମଧ୍ୟରେ ୪ଟି ବିମାନ ଉଡ଼ାଣକୁ ମଙ୍ଗଳବାର ଏୟାର ଇଣ୍ଡିଆ ବାତିଲ କରିଛି। ସେହିପରି ନେପାଳରେ ହିଂସା ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଇଣ୍ଡିଗୋ ଏୟାରଲାଇନ୍ସ ମଧ୍ୟ କାଠମାଣ୍ଡୁର ତ୍ରିଭୁବନ ଏୟାରପୋର୍ଟରୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛି। ରିପୋର୍ଟ ଅନୁଯାୟୀ, କାଠମାଣ୍ଡୁ ବିମାନବନ୍ଦର ନିକଟରେ ଧୂଆଁ ଦେଖାଯିବାରୁ ଏୟାର ଇଣ୍ଡିଆର ଏକ ବିମାନ ମଙ୍ଗଳବାର ୟୁଟର୍ନ ନେଇ ନୂଆଦିଲ୍ଲୀ ଫେରିଆସିଛି।




# ବନ୍ଦ ହେବ ଅକାମୀ ଯୋଜନା

**ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)**

ରାଜ୍ୟରେ ୫ ବର୍ଷରୁ ଅଧିକ ଦିନ ଧରି ପଡ଼ିରହିଥିବା ପୁରୁଣା ତଥା ଅକାମୀ ଯୋଜନା ବନ୍ଦ ହେବ। ଏହାବାଦ୍ ଯେଉଁ ଯୋଜନାଗୁଡ଼ିକ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନ ଥିବ ସେଗୁଡ଼ିକୁ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କେଉଁ(ଆର୍ଥିକ ପରିମାଣ) ଯୋଜନାକୁ କେଉଁ ସ୍ତରରେ ଅନୁମୋଦନ ମିଳିବ ସେନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଅବଗତ କରାଇଛନ୍ତି।

ଅର୍ଥବିଭାଗ ପ୍ରମୁଖ ଶାସନସଚିବ ମିଶ୍ର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ବିଭାଗୀୟ ସଚିବଙ୍କ କ୍ଷମତା ୫ କୋଟି ଟଙ୍କା ରହିଛି। ସଚିବ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିପାରିବେ। ସେହିପରି ୫ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ବିଭାଗୀୟ ମନ୍ତ୍ରୀଙ୍କ ରହିଛି। ଏହାବାଦ୍ ବିଭାଗୀୟ ମନ୍ତ୍ରୀ, କ୍ୟାବିନେଟ୍ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ୫୦ରୁ ୨୫୦ କୋଟି ଟଙ୍କାର ଯୋଜନାକୁ ଅନୁମୋଦନ ମିଳିପାରିବ।

## ସବୁ ବିଭାଗକୁ ଅର୍ଥ ବିଭାଗର ଚିଠି

ରାଜ୍ୟରେ ନୂତନ ଯୋଜନା କାର୍ଯ୍ୟକାରୀ ନେଇ ୨୦୨୧ ମାର୍ଚ୍ଚ ୨୨ରେ ଏକ ମାର୍ଗଦର୍ଶିକା ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିଲା। ଏହାକୁ ସରକାରଙ୍କ ପକ୍ଷରୁ ସଂଶୋଧନ କରାଯାଇଛି, ଯେଉଁଥିରେ ବିଭିନ୍ନ ବିଭାଗରେ ପଡ଼ିରହିଥିବା ପୁରୁଣା ଯୋଜନାକୁ ବନ୍ଦ କରାଯିବ। ଯେଉଁ ଯୋଜନାଗୁଡ଼ିକ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଅକାମୀ ହୋଇରହିଥିବ ତାକୁ ବନ୍ଦ କରାଯାଇପାରିବ ନଚେତ୍ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏଥିସହିତ କୌଣସି ଯୋଜନା ମିଶ୍ରଣ ବେଳେ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗର ସମ୍ପୂର୍ଣ୍ଣ କ୍ଷମତା ରହିଛି। ସେମାନେ ଚାହିଁଲେ ବନ୍ଦ କରିପାରିବେ କିମ୍ବା ମିଶ୍ରଣ କରିପାରିବେ ନଚେତ୍ ଏହାର ପୁନରୁଦ୍ଧାର ମଧ୍ୟ କରିପାରିବେ। ଏନେଇ ଆଗାମୀ ଆର୍ଥିକବର୍ଷ ୨୦୨୬-୨୭ ବଜେଟ୍ ପ୍ରସ୍ତୁତି ବେଳେ ବିଭାଗ ପକ୍ଷରୁ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି। ତେବେ ଯୋଜନା ପ୍ରସ୍ତାବ ପ୍ରସ୍ତୁତ କରିବାବେଳେ ପ୍ରଶାସନିକ ଅଧିକାରୀମାନେ ଯୋଜନାଟି ସାଧାରଣ ଲୋକଙ୍କ ପାଇଁ କେତେଦୂର ଲାଭବାନ୍ ହେବ ତାହାକୁ ଦୃଷ୍ଟି ଦେବାକୁ ପଡ଼ିବ। ଯୋଜନାର ସଫଳତାକୁ ନେଇ ତା'ର ମାନଦଣ୍ଡ ସ୍ଥିରୀକୃତ ହେବ। ଯେପରିକି ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସମାଜରେ ସମାନତା ଆସିପାରିବ, ଆର୍ଥିକ ଭାରସାମ୍ୟ ଓ ପ୍ରଭାବୀ ରହିବ। ପ୍ରମୁଖ ଶାସନ ସଚିବ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ତା'ର ପରିବେଶ ପ୍ରଭାବ ଦିଗକୁ ମଧ୍ୟ ଆକଳନ କରିବାକୁ ହେବ। ଯଦି ଯୋଜନାଟି ପରିବେଶ ପ୍ରତିକୂଳ ପ୍ରଭାବ ପକାଉଥିବ ତେବେ ତାହା ଗ୍ରହଣୀୟ ହେବନାହିଁ। ଯେପରିକି ଗଛ କାଟିବା, ଜମି ଅଧିଗ୍ରହଣ କରିବା, ବିସ୍ଥାପନ ଓ ଥଇଥାନ ସମସ୍ୟା ଉପୁଜିବାର ଆଶଙ୍କା ଥିବ ସେକ୍ଷେତ୍ରରେ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ସେହିପରି ଯୋଜନା ପ୍ରସ୍ତୁତି ବେଳେ ବିପର୍ଯ୍ୟୟ ମୁକାବିଲା ଦିଗକୁ ଧ୍ୟାନ ଦେବା ସହିତ ନିରନ୍ତର ବିକାଶ ଲକ୍ଷ୍ୟ ଯେଭଳି ସାଧିତ ହୋଇପାରିବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାସହିତ ଯୋଜନାଟି ମହିଳା ଓ ଶିଶୁ ବିକାଶକେନ୍ଦ୍ରିକ ହୋଇଥିବ କିମ୍ବା ଆଞ୍ଚଳିକ ଭାରସାମ୍ୟ ହ୍ରାସରେ ଯେପରି ସହାୟକ ହେଉଥିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ଭିତରକନିକାରେ ବଢ଼ିଲେ ୬୭୩ ଦେଶୀୟ ପକ୍ଷୀ

**ରାଜନଗର,୯।୯ (ଭାସ୍କର ରାଉତରାୟ)**

ଚଳିତବର୍ଷ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଏବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ଏବର୍ଷ ୧୪୦୯ ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି। ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ଯାଏ ୩ ଦିନ ଧରି ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବନ ବିଭାଗର ୩ ଟି ଟିମ ଓ ବାହାରେ



୨ଟି ଟିମ୍ ପକ୍ଷୀଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡ଼ିକ ମଧ୍ୟରେ ଗେଣ୍ଡାଳିଆ, ରାଣୀ ବଗ, ମଝିଆ ବଗ, ଛୋଟ ବଗ, ଖଇରା ବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡିଆରେ ୧୩,୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭,୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡିଆରେ ୨୭,୧୮୮ ବଡ଼ପକ୍ଷୀ ଓ ୩୬,୩୬୪ ଶାବକ, ଦୁର୍ଗାପ୍ରସାଦଡିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡ଼ପକ୍ଷୀ ଓ ୧୯୪୪ ଶାବକଙ୍କୁ ଗଣନା ସମୟରେ ଠାବ କରାଯାଇଥିଲା। ସୂଚନାଯୋଗ୍ୟ, ଜୁନ୍ ଶେଷଭାଗରୁ ଭିତରକନିକାକୁ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରିଯିବେ। ମୌସୁମୀ ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି।

# 'ମହିଳା, କନ୍ୟାଙ୍କ ସୁରକ୍ଷା ପୋଲିସର ପ୍ରାଥମିକ କର୍ତ୍ତବ୍ୟ'

- **ଅପରାଧ ରୋକିବାକୁ ଡିଜିପିଙ୍କ ଆହ୍ୱାନ**
- **୧୩ ଜିଲାର ଏସ୍‌ପିଙ୍କୁ ମାନପତ୍ର ପ୍ରଦାନ**

**ଭୁବନେଶ୍ୱର,୯।୯ (ସତ୍ୟଜିତ୍ ରାଉତ)**

ରାଜ୍ୟରେ ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଆଗାମୀ ଦିନରେ ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ। ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ମହିଳାମାନେ ହେଲେ ସମାଜର ଭିତ୍ତିଭୂମି। ସମାଜକୁ ଠିକ୍ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। ବିଭିନ୍ନ ସମୟରେ ମହିଳାମାନେ ବଳାତ୍କାର, ଯୌନ ଅତ୍ୟାଚାର, ଘରୋଇ ହିଂସା, ସାଇବର ଅପରାଧ ଆଦିର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ସବୁ ସ୍ତରରେ ଯତ୍ନବାନ ହେବାକୁ ପଡ଼ିବ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ କହିଛନ୍ତି। ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ମଙ୍ଗଳବାର ଆୟୋଜିତ ମହିଳା ଓ ଶିଶୁ ସୁରକ୍ଷା ସଂକ୍ରାନ୍ତ ଦିନିକିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଡିଜିପି ଉଦ୍‌ଘାଟନ କରି କହିଲେ ଯେ, ମହିଳାମାନଙ୍କ ଉପରେ ହେଉଥିବା ଅପରାଧ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟର ୫୩୭ଟି ଥାନାରେ ଖୋଲାଯାଇଥିବା ମହିଳା ଓ ଶିଶୁ ଡେସ୍କର ଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଳିମିଶି ସୁରକ୍ଷିତ ଓଡ଼ିଶା ଗଢ଼ିବା ଲାଗି ଆଗେଇ ଆସିବାକୁ ସବୁ ପୋଲିସ ଅଧିକାରୀଙ୍କୁ ଡିଜିପି ଖୁରାନିଆ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଜିଲାରେ ସଂଘଟିତ ହୋଇଥିବା ଗଣବଳାତ୍କାର ଭଳି ସଙ୍ଗିନ ଘଟଣା ସମାଜରେ ମହିଳାମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏସବୁ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀଙ୍କୁ ଦଣ୍ଡ ଦେବାରେ ଅଗ୍ରଣୀ ଭୂମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏଭଳି ମାମଲାର ଦଣ୍ଡାଦେଶ ହାର ୯.୧% ମାତ୍ର, ଯାହା ଯଥେଷ୍ଟ ନୁହେଁ। ତଦନ୍ତରେ ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପୀଡ଼ିତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ ବୃଦ୍ଧି କରିହେବ ବୋଲି ସେ କହିଥିଲେ। ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ ରୋକିବା ତଥା ନିଖୋଜଙ୍କୁ ଠାବ କରି ଫେରାଇ ଆଣିବାକୁ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ପକ୍ଷରୁ ୩୭ଟି ଆଣ୍ଟି ହ୍ୟୁମାନ ଟ୍ରାଫିକିଂ ୟୁନିଟ ସ୍ଥାପନ କରାଯାଇଛି। ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଥାନାରେ ମହିଳା ଅଧିକାରୀଙ୍କୁ ଥାନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ମହିଳା ଏବଂ ଶିଶୁମାନଙ୍କ ସମ୍ବେଦନଶୀଳ ଫଟୋ ଓ ଭିଡିଓ ଭାଇରାଲ ରୋକିବାକୁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନାବାଳିକାଙ୍କୁ ବଳାତ୍କାର ଭଳି ସଙ୍ଗିନ ମାମଲାଗୁଡ଼ିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲାର ଏସ୍‌ପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମନ ଦାସ ଭଞ୍ଜମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ସୁଜାତା ମିଶ୍ର, ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ପ୍ରାରମ୍ଭରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ୩ ବିଭାଗର ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏକ ସମୀକ୍ଷା ବୈଠକ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ସାମିଲକରିବା ଲାଗି ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଏହାସହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍‌ଦେବା ଲାଗି ଯୋଜନା କରାଯିବ। ସୁଭଦ୍ରା ସମୀକ୍ଷା ବୈଠକ ପୂର୍ବରୁ ୩ଟି ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ଲୋଡ଼ାଯାଇଥିଲା। ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ତଥ୍ୟ ମଗାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାହାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। କେଉଁ ମହିଳାମାନଙ୍କ ନାଁରେ ୩ ଚକିଆ ଯାନ ରହିଛି ସେମାନଙ୍କ ରିପୋର୍ଟ ପ୍ରଦାନ କରିବାକୁ ପରିବହନ ବିଭାଗକୁ କୁହାଯାଇଥିଲା। ଏହି ସମସ୍ତ ୩ ବିଭାଗ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପ୍ରଦାନ କରାଯାଇସାରିଛି। ଉକ୍ତ ତଥ୍ୟ ଆଧାରରେ ସୁଭଦ୍ରା ଯୋଜନାର ସମୀକ୍ଷା ଖୋଦ୍ ଉପମୁଖ୍ୟମନ୍ତ୍ରୀ କରିବେ।

**ଆଜି ସୁଭଦ୍ରା ସମୀକ୍ଷା ବୈଠକ**

# ବିଷାକ୍ତ ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

**ଉମରକୋଟ, ୯।୯(ସନ୍ତୋଷ ଶତପଥୀ)**

ଯେକୌଣସି ରୋଗ ହେଉ କିମ୍ବା ସାପ କାମୁଡ଼ୁ ଏ ସବୁ କ୍ଷେତ୍ରରେ ଗୁଣିଆ ଦିଶାରୀଙ୍କ ପାଖକୁ ନ ଯାଇ ଡାକ୍ତରଖାନାକୁ ଯିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। କିନ୍ତୁ ଲୋକେ ଏବେ ବି ସଚେତନ ହେଉନାହାନ୍ତି। ଫଳରେ ଅନେକ ଜୀବନ ଚାଲିଯାଉଛି। ଏହାର ସଦ୍ୟ ଉଦାହରଣ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ରାଜପୁର ଗ୍ରାମରେ ଦେଖିବାକୁ ମିଳିଛି। ଶୋଇଥିବା ଅବସ୍ଥାରେ ସୋମବାର ରାତିରେ ଏକ ବିଷାକ୍ତ ସାପ ସୁକୁରାମ ହରିଜନଙ୍କ ଝିଅ ଅମିତା (୧୧) ଓ ୯ ମାସର ପୁଅ ଋତୁରାଜଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ଗୁଣିଆଙ୍କ ପାଖକୁ ନେଇଥିଲେ। ଅଧିକ ଗୁରୁତର ହେବାରୁ ସେଠାରୁ ଡାକ୍ତରଖାନା ଆଣିଥିଲେ, କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ ସୋମବାର ରାତିରେ ସୁକୁରାମ ତାଙ୍କ ସ୍ତ୍ରୀ ହେମବତୀ, ଝିଅ ଅମିତା, ପୁଅ ଋତୁରାଜ ଓ ପରିବାରର ଅନ୍ୟ ସଦସ୍ୟମାନେ ରାତ୍ରିଭୋଜନ ପରେ ଶୋଇଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ଅମିତା ଓ ଋତୁରାଜଙ୍କୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଝିଅ ଓ ପୁଅଙ୍କୁ ଗୁରୁତର ଅବସ୍ଥାରେ ଦେଖି ପରିବାର ଲୋକେ ଏହାର କାରଣ ଜାଣିପାରି ନ ଥିଲେ। କିଛି ସମୟ ପରେ ଘର ଭିତରେ ବୁଲୁଥିବା ବିଷାକ୍ତ ସାପକୁ ଦେଖିଥିଲେ। ପିଲାମାନଙ୍କୁ ସାପ କାମୁଡ଼ିଥିବା ଅନୁମାନକରି ଉଭୟଙ୍କୁ ଗାଁ ନିକଟରେ ଥିବା ଜଣେ ଗୁଣିଆଙ୍କ ପାଖକୁ ନେଇ ଚିକିତ୍ସା କରିଥିଲେ। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଭୋର ୪ଟାରେ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହୁଏତ ପିଲା ୨ ଜଣଙ୍କ ଜୀବନ ବଞ୍ଚିପାରିଥାଆନ୍ତା ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା କହିଛନ୍ତି। ଘଟଣାକୁ ନେଇ ଡାବୁଗାଁ ଥାନା ଅଧୀନ ସିଂସାରୀ ଫାଣ୍ଡିରେ କେସ୍ ନଂ. ୨୭/୨୫ ଓ ୨୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଫାଣ୍ଡି ଏସ୍‌ଆଇ ହରିହର ଭତ୍ରା ତଦନ୍ତ କରୁଛନ୍ତି। ଉମରକୋଟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜପୁର ଗ୍ରାମରେ ଅମିତା ଓ ଋତୁରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


# ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

### ଚିକିତ୍ସା ଅବହେଳାରୁ ରାୟଗଡ଼ା ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା

**କଟକ,୯।୯(କାର୍ତ୍ତିକ ସାହୁ)**

ଚିକିତ୍ସା ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଆଗତ ମାମଲାରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ (ଓଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଆୟୋଗ ୩ ମାସରେ ମୃତକଙ୍କ ପରିବାରକୁ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ତଥ୍ୟ କମିଶନଙ୍କ ନିକଟରେ ଦାଖଲ କରିବାକୁ ଆୟୁକ୍ତ ଆଦେଶରେ ସ୍ପଷ୍ଟ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସା ପ୍ରଦାନରେ ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ମନିଷା ମଡ଼ାଙ୍ଗୀଙ୍କ ୨୦୨୪ ଜୁଲାଇ ୮ରେ ମୃତ୍ୟୁ ଘଟିଥିଲା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧୀନରେ ପରିଚାଳିତ ଏହି ଆଶ୍ରମ ସ୍କୁଲରେ ଅଧ୍ୟୟନରତ ଛାତ୍ରୀ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କୁ ଚିକିତ୍ସା ପ୍ରଦାନରେ ବିଳମ୍ବ କରିଥିଲେ। ଫଳରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆବେଦନକାରୀ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଥିଲେ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଇଏମ୍‌ବି ସ୍କୁଲ୍ ଅଫ୍ ହସ୍ପିଟାଲିଟି ପକ୍ଷରୁ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍, ସ୍ଥାନ: ଆଇଏମ୍‌ବି କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଚୌଦ୍ୱାର ଗୋଡ଼ିପାଟଣା ଇନ୍ଦୁପୂର୍ଣ୍ଣିମା ଭସାଣି ଉତ୍ସବ, ସ୍ଥାନ: ଗୋଡ଼ିପାଟଣା ଯାତ୍ରା ପଡ଼ିଆ, ଚୌଦ୍ୱାର, ସମୟ: ସକାଳ ୯ଟା।
- ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପଯୋଜନା କେନ୍ଦ୍ର-୨୦, ବାଖରାବାଦ, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବାଘାଯତୀନଙ୍କ ଶହୀଦ ଦିବସ, ସ୍ଥାନ: ବାରବାଟୀ ବାଳିକା ବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସକ, ସ୍ଥାନ:ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବାଘାଯତୀନଙ୍କ ୧୧୦ତମ ସ୍ମୃତି ଦିବସ, ସ୍ଥାନ:ଦେଶୁଆଁ ପୋଖରୀ, ଚଷାଖଣ୍ଡ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା
- ବାଘାଯତୀନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା, ସ୍ଥାନ:ବାଘାଯତୀନ ହାଇସ୍କୁଲ, ଓଡ଼ଙ୍ଗୀ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା।
- ବାଘାଯତୀନଙ୍କ ସ୍ମୃତି ପୀଠରେ ମାଲ୍ୟାର୍ପଣ, ସ୍ଥାନ: ଜିଲ୍ଲା କାରାଗାର, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଅମର ଶହୀଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସ,ସ୍ଥାନ: କପ୍ତିପଦା, ମହୁଲଡିହା ବାଘାଯତୀନଙ୍କ ସ୍ମୃତିପୀଠ,ସମୟ:ପୂର୍ବାହ୍ନ ୧୧ଟା।
- ରଙ୍ଗମଞ୍ଚ ରାଉରକେଲା ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜୀବନ ଯେମିତି, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦।
- ପଲ୍ଲବୀ କରଞ୍ଜିଆ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସେମାନେ ଆମ ପ୍ରତିନିଧି', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ରାତି ୮ଟା ୩୦।

**ବ୍ରହ୍ମପୁର**
- ଟ୍ରେଡ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ଗଣଧାରଣା, ସ୍ଥାନ: ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିଭାଗର ପାଠଚକ୍ର, ସ୍ଥାନ: ମହାମାୟୀ ମହିଳା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।

**ଗଞ୍ଜାମ**
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଟେକ୍ନିକାଲ ହାଇସ୍କୁଲ ଖେଳପଡ଼ିଆ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଋଷିକୁଲ୍ୟା ଜିଲା ଗଠନ ଦାବିରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଆସିକା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ତୁମୁଡିବନ୍ଧ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଏଚଆଇଭି ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ପକାରୀ, ବୁଡ଼ାଗୁଡା, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦ୍ରାପଡ଼ା**
- ମା' ପାଇଁ ଗଛଟିଏ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଅଣ୍ଟା ସୋସାଇଟି କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖ ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ଧର୍ମଶାଳା ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ, ସ୍ଥାନ: ଜାରକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୩ତମ ଜୟନ୍ତୀ ପାଳନ, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ, ସ୍ଥାନ: କଣ୍ଟିଲୋ ଜନକଲ୍ୟାଣ କ୍ଲବ, ସମୟ: ସକାଳ ୯ଟା।
- ଜାମୁକଣ ବୈଷ୍ଣୋଦେବୀଙ୍କ ନବରାତ୍ର ପୂଜା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫, ସ୍ଥାନ: ମୁନିଗୁଡା କଲେଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୌରାଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନୋଡାଲ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ବିଦ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଜିଲାପାଳଙ୍କ କୋରାପୁଟ ଓ ସେମିଳିଗୁଡ଼ା ବ୍ଲକ ପରିଦର୍ଶନ, ସ୍ଥାନ: କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାରେ ଯଶୋଦା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା।

**ସମ୍ବଲପୁର**
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୩ଟା।
- ରଙ୍ଗ ଫଗୁଆ ଆୟୋଜନରେ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ, ସ୍ଥାନ: ମାଝିପାଲି ସ୍ଥିତ ହୋମିଓପାଥି ମହାବିଦ୍ୟାଳୟ ପଡିଆ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ବିଶ୍ୱାମ୍ ବିଦ୍ୟାମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ଏବଂ ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜଙ୍କ ଜନ୍ମୋତ୍ସବ, ସ୍ଥାନ: ଆନନ୍ଦ ନିକେତନ, ଖୁଜେନପାଲି, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା( ପ୍ରଥମ ଅଧିବେଶନ), ଅପରାହ୍ନ ୫ଟା ୩୦(ଦ୍ୱିତୀୟ ଅଧିବେଶନ)।

**ରାଉରକେଲା**
- ୪ର୍ଥ ଏଚ୍‌ଏଓ ଷ୍ଟେଟ୍ ହକି ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜଗଦା ନବଜୀବନ ମଣ୍ଡଳୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏମ୍‌ଏସ୍‌ଏମ୍‌ଇ ବିକଶିତ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡିଶା ପିଆଇ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ସି' ଫୁଡ ଫେଷ୍ଟିଭାଲ, ସ୍ଥାନ: ସରୋବର ପରିସର, ସେକ୍ଟର-୧୯, ସମୟ: ଅପରାହ୍ନ ୫ଟା।
- ୩-ଗୋ ସୁରକ୍ଷା ସମିତିର ଦାନା ବିତରଣ, ସ୍ଥାନ: ବେଦବ୍ୟାସ ଗୋଶାଳା, ସମୟ: ଅପରାହ୍ନ ୫ଟା।

**ସୁନ୍ଦରଗଡ଼**
- ଏନ୍‌ଟିପିସି ଦର୍ଲିପାଲି ତାପଜ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର, ସ୍ଥାନ: ଦର୍ଲିପାଲି, ସମୟ: ପୂର୍ବାହ୍ନ୧୦ଟା।

**କଳାହାଣ୍ଡି**
- ଭୂ ଅଧିଗ୍ରହଣ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ବ୍ଲକସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା, ସ୍ଥାନ: ଅମଠି ହାଇସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସମବାୟ ବିଭାଗର ଦିନିକିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ଓକିଲ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଜିଲା ବାର୍ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଡିୟୁଜେ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଆପଣଙ୍କ କାର୍ଯ୍ୟ ସକାଶେ କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। କୃତି ଓ କୃତିତ୍ୱ ସକାଶେ ସନ୍ତାନଙ୍କ ଖୁସୀରେ ଖୁସୀ ହୋଇପାରନ୍ତି। ବାହାରେ ଦୀର୍ଘସମୟ କଟାଇବାକୁ କେନ୍ଦ୍ରକରି ନିଜର ଘର ଲୋକମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ସନ୍ତାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଆନନ୍ଦ ଅନୁଭବ କରିବେ। ଆଗାମୀ କାଲିର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସ୍ଥଗିତକାର୍ଯ୍ୟ ଓ ବିବାଦୀୟ ଘଟଣାକୁ ନେଇ ବ୍ୟସ୍ତତା ଲାଗିରହିବ।

**ମିଥୁନ** ବନ୍ଧୁଙ୍କ ପ୍ରେରଣାରେ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ସାଧାରଣ ଘଟଣାରେ ବିତର୍କଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସମସ୍ୟା ସମାଧାନର ଆଶା ରହିଛି। ମୂଲ୍ୟହୀନ କଥାକୁ କେନ୍ଦ୍ରକରି ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ।

**ସିଂହ** ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେବେ। ପୂର୍ବର କଳହ ସମ୍ପୂର୍ଣ୍ଣ ଥମି ନ ଥିବା ହେତୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା** ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହୋଇପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ପ୍ରିୟଜନଙ୍କ ଶୁଭବାର୍ତ୍ତା ମନକୁ ଆହ୍ଲାଦିତ କରିବ। ପୁରୁଣାକଥାକୁ ମନ ଭିତରେ ସ୍ଥାନ ଦେବା କାରଣରୁ ଚିତ୍ରା ନକ୍ଷତ୍ରର ମନଟା ଭଲ ଲାଗି ନ ପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ଜମି ବିବାଦ ଏବଂ କଚେରି ମାମଲାର ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ, ବନ୍ଧୁ ମିଳନରେ କିମ୍ବା ସଭାସମିତିରେ ଯୋଗଦେବାର ସୁଯୋଗ ମିଳିବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢିପାରେ। ନିଜର ମନେ ହେଉଥିବା କେତେକ ଲୋକ ଅପପ୍ରଚାର ଚଳାଉଥିବାର ଲକ୍ଷ୍ୟ କରି ପାରନ୍ତି।

**ଧନୁ** ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାକୁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରର ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜି କୌଣସି ଦୁଃସାହସିକ କାମରେ କଠୋର ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର** ଅଭାବ ଲାଗି ରହିଥିଲେ ମଧ୍ୟ କରଜ କରି କାମ ତୁଲାଇ ନେବେ। ପୂର୍ବଶତ୍ରୁତାରୁ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ। ଆଜି ପାରିବାରିକ କ୍ଷେତ୍ର, ସାମାଜିକ ସ୍ଥିତି, ଅର୍ଥନୈତିକ ପରିସ୍ଥିତି ଭଲ ରହିବ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ମଧ୍ୟ ଲାଭବାନ ହେବେ। ଯାନ ବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** ଗୃହକର୍ତ୍ତାଙ୍କ ପରାମର୍ଶକ୍ରମେ ଆଜି ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଥିବା କାରଣରୁ ସାମୟିକ ଖୁସୀ ରହିବେ।

**ମୀନ** ସହକର୍ମୀଙ୍କ ପରୋକ୍ଷ ଅସହିଷ୍ଣୁତା ହେତୁ କାମରେ ପ୍ରତିବନ୍ଧକଜନିତ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ପରିସ୍ଥିତି ବଶତଃ ଅନ୍ୟ ବାଟରେ ବ୍ୟୟ ହେବାର ସୂଚନା ରହିଛି। ପଡ଼ୋଶୀଙ୍କ ଜରିଆରେ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ।

ଆଜି ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ଆଶ୍ୱିନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୬ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୫ମି. ମଧ୍ୟେ ରାହୁ କାଳ।

# ଇଭି ପଲିସି-୨୦୨୫ ପାଇଁ ଚିଠା ପ୍ରସ୍ତାବ ଆଣିଲେ ସରକାର

ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)

ଓଡ଼ିଶା ଇଭି ପଲିସି ପାଇଁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହାର ପୂର୍ବ ଅର୍ଥାତ୍ ୨୦୨୧ ଇଭି ପଲିସି ଅନୁସାରେ ୪ ବର୍ଷ ଅର୍ଥାତ୍ ୨୦୨୫ ଅଗଷ୍ଟ ୩୧ ସୁଦ୍ଧା ୨୦ ପ୍ରତିଶତ ଇଭି ଚଳାଚଳର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ହେଲେ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ମାତ୍ର ୯ ପ୍ରତିଶତ ଇଭି ଗାଡ଼ି ରାସ୍ତାରେ ଗଡ଼ିଛି। ତେଣୁ ଲକ୍ଷ୍ୟ ହାସଲ ଲାଗି ସରକାର ଓଡ଼ିଶା ଇଭି ପଲିସି-୨୦୨୫ ଆଣିବେ। ଓଡ଼ିଶାକୁ ଦେଶର ମଡେଲ ରାଜ୍ୟ କରିବା ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ୨୦୩୬ ସୁଦ୍ଧା ଏହି ନୂଆ ପଲିସି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୮୦ ପ୍ରତିଶତ ଇଭି ଗଡ଼ିବା ଲକ୍ଷ୍ୟ ରଖାଯାଇଛି। ବିଜ୍ଞପ୍ତି ପ୍ରକାଶଠାରୁ ୨୦୩୦ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ପଲିସି ବଳବତ୍ତର ରହିବ। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ୧୨ ମାସ ଭିତରେ ଇଭି ଗାଡ଼ି ଆପଣାଇବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ଏବଂ ଗୃହ ବିଭାଗକୁ ମଧ୍ୟ ବର୍ଷ ଭିତରେ ଇଭି ଗାଡ଼ି ଆପଣାଇବା ଲାଗି ପରାମର୍ଶ ଦିଆଯାଇଛି। ୨୦୨୧ ଇଭି ପଲିସି ଅନୁଯାୟୀ ଲୋକମାନେ ଯେପରି ଅଧିକ ଇଭି ଗାଡ଼ିର ବ୍ୟବହାର କରିବେ ସେଥିଲାଗି ଅଧିକ ଇନ୍‌ସେନ୍‌ଟିଭ, କର ଛାଡ଼ ଏବଂ ଚାର୍ଜିଂ ଷ୍ଟେଶନର ଉନ୍ନତୀକରଣ କରାଯାଇଥିଲା। ୨୦୨୫ ଜୁନ୍ ସୁଦ୍ଧା ରାଜ୍ୟରେ ଲୋକମାନେ ୮.୮% ଇଭି ଗାଡ଼ି ଆପଣାଇଥିଲେ। ସରକାର ନୂଆ ପଲିସି ଅନୁଯାୟୀ ଲକ୍ଷ୍ୟ ରଖିଛନ୍ତି ୨୦୩୦ ସୁଦ୍ଧା ଯେତିକି ଗାଡ଼ି ରେଜିଷ୍ଟ୍ରେଶନ ହେବ ସେଥିରୁ ୫୦ ପ୍ରତିଶତ ଇଭି ଗାଡ଼ି ହୋଇଥିବ। ଇଭି କିଣିଲେ ରୋଡ୍ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ ରହିବ। ଚାର୍ଜିଂ ଷ୍ଟେଶନ କ୍ଷେତ୍ରରେ ଘରୋଇ ଲୋକଙ୍କୁ ମଧ୍ୟ ସୁଯୋଗ ମିଳିବ। ଯେଉଁମାନେ ୩ ଚକିଆ ଇ-ରିକ୍ସା କିମ୍ବା ଇ-କାର୍ଟ କିଣିବେ ସେମାନଙ୍କୁ ଫ୍ଲାଟ୍ ୨୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୩ ଚକିଆ ଏଲ୍‌୫ଏମ୍ କିମ୍ବା ଏଲ୍‌୫ଏନ୍ କାଟାଗୋରିର ଗାଡି କିଣିବେ ସେମାନଙ୍କୁ ୩୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ କାର୍ କିଣିଲେ ଦେଢ ଲକ୍ଷ ଟଙ୍କା ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ ପରିବହନ ଗାଡ଼ି ଯାହାର କ୍ଷମତା ସାଢେ ୩ ଟନ୍ ହୋଇଥିବ ସେହି ଗାଡି ଲାଗି ଦେଢ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ଇଲେକ୍ଟ୍ରିକ ବସ୍ ଲାଗି ୨ ଲକ୍ଷ, ଇଲେକ୍ଟ୍ରିକ୍ ଯାହାର କ୍ଷମତା ୩.୫ରୁ ୭.୫ କ୍ଷମତା ବିଶିଷ୍ଟ ଗାଡିକୁ ୫ ଲକ୍ଷ, ୭.୫ରୁ ୧୨ ଟନ୍ କ୍ଷମତାର ଗାଡିକୁ ୭ ଲକ୍ଷ, ୧୨ରୁ ୧୮.୫ ଟନ୍ କ୍ଷମତାର ଗାଡି ଲାଗି ୧୬ ଲକ୍ଷ, ୧୮.୫ରୁ ୩୫ ଟନ୍ କ୍ଷମତାର ଗାଡି ଲାଗି ୧୮ ଲକ୍ଷ, ୩୫ରୁ ୫୫ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଲାଗି ୨୦ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ ବୋଲି ଚିଠା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହିଭଳି ଆହୁରି ଅନେକ କଥା ସରକାର ଯୋଗାଇଦେବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।

# ବିଧାନସଭା ବେଳେ ସଚିବଙ୍କ ବିଦେଶ ଗସ୍ତ ବାତିଲ: ମୁଖ୍ୟ ସଚିବ

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ଚଳିତ ବିଧାନସଭା ଅଧିବେଶନ ସମୟରେ କୌଣସି ଅଧିକାରୀ ଯେଭଳି ବିଦେଶ ଗସ୍ତ କରି ନ ପାରିବେ ଏବଂ ରାଜ୍ୟ ବାହାରକୁ ନ ଯିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୧୮ରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବିଧାନସଭା ସମ୍ପର୍କିତ ସମସ୍ତ କାର୍ଯ୍ୟ ଗମ୍ଭୀରତା ସହ ଯଥାଶୀଘ୍ର କରିବା ଆବଶ୍ୟକ। ବିଧାନସଭା ପ୍ରଶ୍ନସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ୍ ସମୟରେ ଦିଆଯାଇପାରିବ ସେଥିପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନଦେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ ପତ୍ରରେ ଦର୍ଶାଇଛନ୍ତି।

ମୁଖ୍ୟ ଶାସନ ସଚିବ ମନୋଜ କହିଛନ୍ତି, ଏହି ସମୟ ମଧ୍ୟରେ ସଦର ମହକୁମାରେ ଉପସ୍ଥିତ ରହିବାକୁ ପଡ଼ିବ। ବିଭାଗୀୟ ସଚିବମାନେ ବିଦେଶଯାତ୍ରାରୁ ନିବୃତ୍ତ ହେବା ସହ ରାଜ୍ୟ ବାହାରକୁ ଗସ୍ତ ଯଥାସମ୍ଭବ ସୀମିତ କରିବା ବାଞ୍ଛନୀୟ। ଏହାସହ ପୂର୍ବରୁ ଯେକୌଣସି ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ତାହାକୁ ଘୁଞ୍ଚାଇବାକୁ ପଡ଼ିବ। ଅଧିକନ୍ତୁ ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ପ୍ରଭୃତିରେ ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ, ସେମାନେ ମଧ୍ୟ ସଦର ମହକୁମାରେ ଉପସ୍ଥିତ ରହିବା ଜରୁରୀ। ବିଧାନସଭା ଅଧିବେଶନ କାଳରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ ସେମାନଙ୍କ ସଭା ଡକାଯାଇପାରିବ ନାହିଁ। ଆବଶ୍ୟକ ସ୍ଥଳେ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ଆପଣା ଯାଇପାରିବ। ସଂପୃକ୍ତ ବରିଷ୍ଠ ଅଧିକାରୀମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ, ତାହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ସଚିବ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି, ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରିରେ ଯଥାଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ରହିବା ବାଞ୍ଛନୀୟ। ବିଧାନସଭା ସମ୍ପର୍କିତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ଆପଣଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଅନିବାର୍ଯ୍ୟ। ବିଧାୟକମାନେ ଅଧ୍ୟକ୍ଷ ବା ସଭ୍ୟ ଥିବା କମିଟି ବା ବୋର୍ଡ ପ୍ରଭୃତିର ସଭା ଏହି ସମୟ ମଧ୍ୟରେ ଆହୂତ ନ କରିବାକୁ ଅଧସ୍ତନ ଅଧିକାରୀଙ୍କୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏହାସହ ଅଧିବେଶନ କାଳରେ ପ୍ରକାଶିତ ପ୍ରମୁଖ ଖବରଗୁଡ଼ିକ ଅନୁଧ୍ୟାନକରି ତା'ର ଠିକ୍ ବିବରଣୀ ଓ ଉଚିତ୍ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଛି ବିଭା ହେବ କୁଳର ନାରୀ**
**ଜୀଅନ୍ତେ ମରନ୍ତେ ସେ ଉପୁକାରୀ।**

ଉଚ୍ଚକୁଳ, ଶିକ୍ଷିତ ଓ ଖାନ୍‌ଦାନ୍ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଯାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ତେଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ, ଲତାଗୋତା ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ବାଇଗଣ**
**ବାଆକୁ ଟଣଟଣ।**

ବାତ୍ୟାରେ ବାଇଗଣ ଗଛର ବିଶେଷ କ୍ଷତି ହୋଇ ନ ଥାଏ। ସେହିପରି ବିପଦ ବେଳେ ବ୍ରାହ୍ମଣ ବିଚଳିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଧାକ୍ରିଷ୍ଣନ୍ ୧୫ତମ...

ପ୍ରଥମ ପୃଷ୍ଠାରୁ...

ଦେବା ପାଇଁ ସମସ୍ତ ୩୧୫ ବିରୋଧୀ ଏମ୍‌ପି ଏକଜୁଟ ରହିଥିବା ପୂର୍ବରୁ କଂଗ୍ରେସ ଦାବି କରିଥିଲା।

ଉପରାଷ୍ଟ୍ରପତି ନିର୍ବାଚନରେ ୭୬୭ ଜଣ ଏମ୍‌ପି ଭୋଟ ଦେଇଥିଲେ, ଯାହା କି ୯୮.୨ ପ୍ରତିଶତ। ସେଥିରୁ ୭୫୨ ଭୋଟ ବୈଧ ହୋଇଥିବାବେଳେ ୧୫ଟି ଅବୈଧ ଭାବେ ନିଆଯାଇଥିବା ରିଟର୍ନିଂ ଅଫିସର କହିଛନ୍ତି। ଜଣେ ଏମ୍‌ପି ଭୋଟ ଦେବାକୁ ମନା କରିଦେବାରୁ ଗୋଟିଏ ପୋଷ୍ଟାଲ ବାଲଟ୍ ନାକଚ ହୋଇଛି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୋଇଥିବା ରିଟର୍ନିଂ ଅଫିସର ଘୋଷଣା କରିବା ସହ ଏନେଇ ନିର୍ବାଚନ କମିଶନଙ୍କୁ ଜଣାଇ ଦେଇଛନ୍ତି। ସେ ଶପଥ ଗ୍ରହଣ କରିବା ପରେ ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ହେବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ହୋଇଥିଲା। ରାଜ୍ୟ ସଭାର ୨୪୫ ଏବଂ ଲୋକ ସଭାର ୫୪୩ ସଦସ୍ୟଙ୍କୁ ନେଇ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ୭୮୮ ସଦସ୍ୟ ରହିଥିବାବେଳେ ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେବାପାଇଁ ଯୋଗ୍ୟ। ତେବେ ସମ୍ପ୍ରତି ରାଜ୍ୟ ସଭାର ୬ ଓ ଲୋକ ସଭାର ଗୋଟିଏ ଆସନ ଖାଲିଥିବାରୁ ଇଲେକ୍ଟୋରାଲ କଲେଜ ସାମର୍ଥ୍ୟ ୭୮୧ ରହିଛି। ବିଜେଡିର ୭ ଏବଂ ବିଆର୍‌ଏସ୍‌ର ୪ ରାଜ୍ୟ ସଭା ସଦସ୍ୟ ଭୋଟ ଦେବାରୁ ବିରତ ରହିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

## ଆଜି ରାଜ୍ୟ...


୧୧ଟି ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ 'ସୁଭଦ୍ରା'ଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୩,୫୦୦ଟଙ୍କା(୮୦ ବର୍ଷରୁ ଊର୍ଦ୍ଧ୍ୱ)କୁ ବୃଦ୍ଧି କରିବା ଭଳି ଲୋକାଭିମୁଖୀ ଯୋଜନା ରହିଛି। ତେବେ ବୁଧବାର ଅନୁଷ୍ଠିତ ହେବାକୁଥିବା କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର କେଉଁସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେବେ ତାହା ଉପରେ ରହିଛି ରାଜ୍ୟବାସୀଙ୍କ ନଜର।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ...

ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ଼ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଥିଲେ। ସରକାର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରି କି ସେମାନେ ପାର୍ଲାମେଣ୍ଟକୁ ଧସେଇ ପଶିଥିଲେ, ଯାହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ସୋମବାର ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ସରକାର ସୋସିଆଲ ମିଡିଆ ଉପରୁ ବ୍ୟାନ୍ ହଟାଇ ଦେଇଥିଲେ ମଧ୍ୟ ଲୋକଙ୍କ ଆକ୍ରୋଶ କମି ନ ଥିଲା। ମଙ୍ଗଳବାର ଏହା ଆହୁରି ଉଗ୍ରରୂପ ଧାରଣ କରିଥିଲା।

ସୋସିଆଲ ମିଡିଆ ଉପରେ ନିଷେଧାଦେଶ, ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣକୁ ନେଇ କ୍ଷୁବ୍ଧ ଯୁବ ପିଢ଼ି କର୍ଫ୍ୟୁକୁ ଖାତିର ନ କରି ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ଯୋଗୁ ବିଭିନ୍ନ ସହରରେ ସୁରକ୍ଷା ବଳ ସହ ସଂଘର୍ଷ ହୋଇଥିଲା। ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ଦେଶର ବିଭିନ୍ନ ଭାଗରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ସେମାନେ ପାର୍ଲାମେଣ୍ଟ ଭବନ, ଦେଶର ସୁପ୍ରିମକୋର୍ଟ, ରାଷ୍ଟ୍ରପତି ପୌଡେଲ ଏବଂ ପ୍ରଧାନମନ୍ତ୍ରୀ ଓଲିଙ୍କ ଘରୋଇ ବାସଭବନରେ ନିଆଁ ଲଗାଇଦେଇଥିଲେ। ରାଷ୍ଟ୍ରପତିଙ୍କ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଓରଫ ପ୍ରଚଣ୍ଡ ଏବଂ ଶେର୍‌ବାହାଦୁର ଦେଉବା, ଶକ୍ତିମନ୍ତ୍ରୀ ଦୀପକ ଖାଡ୍‌କାଙ୍କ ଘର ମଧ୍ୟ ଭଙ୍ଗାରୁଜାରୁ ବର୍ତ୍ତିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖାନାଲଙ୍କ କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ଘରେ ବିକ୍ଷୋଭକାରୀ ନିଆଁ ଲଗାଇଦେବାରୁ ଭିତରେ ରହିଯାଇଥିବା ତାଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ଘଟିଛି। ସିଂହ ଦରବାର ପରିସର, ଦଳୀୟ କାର୍ଯ୍ୟାଳୟ ଓ ବରିଷ୍ଠ ନେତାମାନଙ୍କ ଘରେ ବିକ୍ଷୋଭକାରୀ ପୋଡ଼ାଜଳା କରିଛନ୍ତି। କାଠମାଣ୍ଡୁ ରାସ୍ତାରେ ସେମାନେ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଗୋଇଠା ମାରି ତଳେ ପକାଇଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ଏବଂ ସରକାରଙ୍କଠାରୁ ଦୂରେଇଯିବା ପରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବା ପାଇଁ ଚାପ ଜୋର୍‌ଦାର ହୋଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ପୌଡେଲ ଇସ୍ତଫା ଦେଇଛନ୍ତି। ଗତବର୍ଷ କେ.ପି. ଶର୍ମା ଓଲି ନେପାଳୀ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ମେଣ୍ଟ ସରକାର ଗଢ଼ିଥିଲେ। ଦେଶରେ ନେତୃତ୍ୱ ସଙ୍କଟ ଦେଖାଦେବା ପରେ ସେନା ଓ ଅନ୍ୟ ସୁରକ୍ଷା ବାହିନୀର ମୁଖ୍ୟମାନେ ଏକ ମିଳିତ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ମିଳିତ ବିବୃତିରେ ନେପାଳୀ ସେନା ମୁଖ୍ୟ ଅଶୋକ ରାଜ ସିଗ୍‌ଡେଲ୍, ନେପାଳ ସରକାରଙ୍କ ମୁଖ୍ୟ ସଚିବ ଏକନାରାୟଣ ଆର୍ଯ୍ୟାଲ, ଗୃହ ସଚିବ ଗୋକର୍ଣ୍ଣ ଦୱାଡ଼ି, ସଶସ୍ତ୍ର ପୋଲିସ ବଳ ମୁଖ୍ୟ ରାଜୁ ଆର୍ଯ୍ୟାଲ, ପୋଲିସ ଆଇଜି ଚନ୍ଦ୍ର କୁବେର ଖପୁଙ୍ଗ ଏବଂ ଜାତୀୟ ତଦନ୍ତ ବିଭାଗ ମୁଖ୍ୟ ହୁତରାଜ ଥାପା ସ୍ୱାକ୍ଷର କରିଛନ୍ତି। କାଠମାଣ୍ଡୁ ମେଟ୍ରୋପଲିଟାନ ସିଟି ମେୟର ବଲେନ ଶାହ ଅନ୍ୟ ଏକ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ପାଇଁ ନିବେଦନ କରିଛନ୍ତି। ସେନାମୁଖ୍ୟଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ହେବାକୁ ସେ କହିବା ସହ ଏହା ପୂର୍ବରୁ ପାର୍ଲାମେଣ୍ଟ ଭଙ୍ଗ ହେବା ଆବଶ୍ୟକ ବୋଲି କହିଛନ୍ତି। ଆନ୍ଦୋଳନ ଜୋର୍‌ଦାର ହେବାରୁ କାଠମାଣ୍ଡୁ ସମେତ ବିଭିନ୍ନ ବିମାନବନ୍ଦର ବନ୍ଦ ରହିଛି।

# ଖାଦ୍ୟନଳୀରୁ ବାହାରିଲା ୨୨ ସେ.ମି.ର ଦାନ୍ତକାଠି



ଖାଦ୍ୟନଳୀରୁ ବାହାରିଥିବା ଦାନ୍ତକାଠି।

## ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୯।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତରଙ୍କ ଏକ ଟିମ୍ ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ଜଣେ ବୃଦ୍ଧଙ୍କ ଖାଦ୍ୟନଳୀରୁ ୨୨ ସେ.ମି.ର ଦାନ୍ତକାଠି ବାହାର କରିଛନ୍ତି। ବୃଦ୍ଧ ଜଣକ ବର୍ତ୍ତମାନ ସୁସ୍ଥ ଅଛନ୍ତି।

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୭୦) କିଛିଦିନ ତଳେ ଦାନ୍ତ ଘଷୁଥିବା ବେଳେ ଦାନ୍ତକାଠି ଗିଳି ଦେଇଥିଲେ। ଏଥିଯୋଗୁ ତାଙ୍କର ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ଦୈନନ୍ଦିନ କାମରେ ଅନେକ ସମସ୍ୟା ଉପୁଜୁଥିଲା। ଏ ବିଷୟରେ ସେ ଘର ଲୋକଙ୍କୁ କହିଥିଲେ ମଧ୍ୟ ପ୍ରଥମେ କେହି ତାଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। କିନ୍ତୁ ଖାଇବାରେ ସମସ୍ୟା ହେବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସପ୍ତାହେ ହେବ ସେ କେବଳ ତରଳ ପଦାର୍ଥ ଖାଇ ରହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଭଞ୍ଜନଗର ଚିକିତ୍ସାଳୟରେ କୌଣସି ସୁଫଳ ନ ମିଳିବାରୁ କାମରାଜୁଙ୍କୁ ଏକାଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନା ନେଇ ଶେଷରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ସୋମବାର କାମରାଜୁ ନାସା, ଗଳା କର୍ଣ୍ଣ (ଇଏନ୍‌ଟି) ବିଭାଗରେ ଭର୍ତ୍ତି ହୋଇଥିଲେ। ଇଏନ୍‌ଟି ବିଭାଗର ମୁଖ୍ୟ ସଞ୍ଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଯିବାରୁ ଖାଦ୍ୟନଳୀରେ ଦାନ୍ତକାଠି ଥିବା ଜଣାପଡିଥିଲା। ମଙ୍ଗଳବାର ଡା. ମିଶ୍ରଙ୍କ ନେତୃତ୍ୱରେ ଡା. ସରିତା ଦାସ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସାତୀ ସ୍ୱରୂପ, ଡା. ସରିତା ମାରାଣ୍ଡି, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ ମିଶି ଏକ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି।

# ଜବରଦଖଲକାରୀଙ୍କ କବ୍‌ଜାରେ ବାୟୁସେନାର ଜାଗା

ଭୋଗରାଇ,୯।୯ (ପ୍ରଦୀପ ଦାସ)

ସମ୍ପ୍ରତି ଭାରତର ଅର୍ଥନୈତିକ ଓ ସାମରିକ ଶକ୍ତି ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣବଶତଃ ବିଭିନ୍ନ ସ୍ଥାନରେ ସ୍ଥଗିତ ରହିଥିବା ପ୍ରତିରକ୍ଷା ବିଭାଗ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ୯୦ ଦଶକରେ ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ବେଳାଭୂମିଠାରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା କଲେଇକୁଣ୍ଡା ବାୟୁସେନା ବିଭାଗ ପକ୍ଷରୁ ମାନବବିହୀନ କ୍ଷେପଣାସ୍ତ୍ର ପରୀକ୍ଷା ସମୁଦ୍ର ମଧ୍ୟକୁ କରାଯାଇଥିଲା। ଏଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ଏକର ଜାଗା ନିଆଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସାଇନବୋର୍ଡରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବା ସୂଚନା ଲେଖାଥିବା ବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନିଷେଧାଜ୍ଞା ଜାରି କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଛୋଟ ଘର କରାଯାଇ ୪ଜଣ ସିକ୍ୟୁରିଟି ଗାର୍ଡ ମଧ୍ୟ ଡ୍ୟୁଟିରେ ରହିଥିବା ନଜରକୁ ଆସିଛି। ସେଠାରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାକୁ ବେଆଇନ ଜବରଦଖଲ କରି ତାରବାଡ଼ କରି ଘେରି ରଖିଥିବା ଅଭିଯୋଗ ହୋଇଛି।




ତାଳସାରୀଠାରେ ବାୟୁସେନା ପକ୍ଷରୁ ଲଗାଯାଇଥିବା ଫଳକ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କୋଷ୍ଟାଲ ରେଗୁଲେଶନ ଜୋନ(ସିଆରଜେଡ) ୧୯୮୬ ଅନୁଯାୟୀ ସମୁଦ୍ରକୂଳରୁ ୫୦୦ମିଟର ଦୂର ମଧ୍ୟରେ କେହି ବ୍ୟକ୍ତି ଜମି ଅଧିଗ୍ରହଣ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ବେଳେ ତାଳସାରୀ ଚଢ଼ରେ କିପରି ବାଲି ପାହାଡ଼ କ୍ରୟ ବିକ୍ରୟ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। ଏପରିକି ଉକ୍ତ ମନ୍ତ୍ରଣାଳୟ ପରିସର ନିକଟରେ ସଂଖ୍ୟାଲଘୁ ଶ୍ରେଣୀର ସନ୍ଦିଗ୍ଧ ଜଣେ ବାଂଲାଦେଶୀଙ୍କ ହୋଟେଲ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କେତେକ ବାଂଲାଦେଶୀ ମତ୍ସ୍ୟଜୀବୀ ରହିଥିବା ଅଭିଯୋଗ ହୋଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଧାର ଓ ଭୋଟ ପରିଚୟପତ୍ର ଏଏନ୍‌ଆଇ ଯାଞ୍ଚ କଲେ ସେମାନେ ଭାରତୀୟ କି ବାଂଲାଦେଶୀ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ, ଭଦ୍ରକ ହୁଇଲର ଦ୍ୱୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ହୋଇଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଶତ୍ରୁରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରଣାଳୟ ସଶକ୍ତ ହେଉଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ଏୟାରବେସର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଓ ପ୍ରତିରକ୍ଷା ବିଭାଗ ଅଣ୍ଟା ଭିଡୁଥିବା ବେଳେ ମେଦିନୀପୁର କଲେଇକୁଣ୍ଡା ବାୟୁସେନା ତାଳସାରୀଠାରେ ବାୟୁସେନା ବିଭାଗର ଅଫିସରମାନଙ୍କର ଘନ ଘନ ତଦାରଖ, ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟି ତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନା ଘାଟି କିମ୍ବା ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକ ତାଳସାରୀଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆମକୁ କୌଣସି ସୂଚନା ମିଳି ନ ଥିବା କହିଛନ୍ତି। ପ୍ରତିରକ୍ଷା ବିଭାଗ ନେଇଥିବା ସ୍ଥାନ ଏବଂ ଏହାର ଆଖପାଖ ସରକାରୀ ଜାଗାରୁ ବେଆଇନ ଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ଧରିତ୍ରୀକୁ ସୂଚନା ଦେଇଛନ୍ତି।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି: ବ୍ୟାନର ଲଗାଯିବାକୁ ନେଇ ହୋହଲ୍ଲା



ଭଦ୍ରକ କଲେଜ ଫାଟକ ସମ୍ମୁଖରେ ଛାତ୍ରମାନେ ହୋହଲ୍ଲା କରୁଛନ୍ତି।

## ବାଉଁଶ ବାନ୍ଧି ଫାଟକ ଅବରୋଧ

ଭଦ୍ରକ,୯।୯(ସନାତନ ରାଉତ)

ଭଦ୍ରକ କଲେଜ ମୁଖ୍ୟ ଫାଟକରେ ବ୍ୟାନର ଲଗାଯିବାକୁ ନେଇ ଦୁଇଦିନ ଧରି ଛାତ୍ର ଅଶାନ୍ତି ଲାଗିରହିଛି। ସୋମବାର ରାତିରୁ କଲେଜ ପରିସରରେ ଗୋଟିଏ ଗୋଷ୍ଠୀର ଛାତ୍ର ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ମଙ୍ଗଳବାର ସକାଳ ୮ଟାରୁ ସେହି ଗୋଷ୍ଠୀର ଛାତ୍ର ଲାଗିଥିବା ବ୍ୟାନର ଖୋଲିବା ଦାବିରେ ଫାଟକରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। କଲେଜ ଭିତରକୁ ଛାତ୍ରୀଛାତ୍ର, ଅଧ୍ୟାପକ ଏପରିକି ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରବେଶ କରିବାକୁ ଦେଇ ନ ଥିଲେ। ଭିତରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଥିଲଶ। ଟାଉନ ଥାନାଅଧିକାରୀ ପ୍ରଭାଂଶୁ ମିଶ୍ର ଏବଂ କଲେଜ ଅଧ୍ୟକ୍ଷ ଦୁର୍ଗା ଶଙ୍କର ଦାଶ ଛାତ୍ରମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ବ୍ୟାନର୍ ଖୋଲିବା ଦାବିରେ ସେମାନେ ଅଟଳ ରହିଥିଲେ।

ପ୍ରକାଶ ଯେ, କଲେଜର ମୁଖ୍ୟ ଫାଟକ ଗତ ୨ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଗତ ଗଣେଶ ପୂଜା ସମୟରେ ସ୍ଥାନୀୟ ଏକ କ୍ଲବ୍ ସେହି ଫାଟକରେ ଏକ ବ୍ୟାନର ଲଗାଇଥିଲା। ସୋମବାର ସେହି ବ୍ୟାନରକୁ ଅନ୍ୟ ଏକ ଗୋଷ୍ଠୀର ଛାତ୍ର ବାହାର କରି ଦେଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଲଗାଇଥିଲେ। ଏହି ବ୍ୟାନରରେ ଆଂଶିକ ଗେରୁଆ ରଙ୍ଗ ଥିବାରୁ ଏହା ଏବିଭିପି ପକ୍ଷରୁ ଲଗାଯାଇଥିବା ଅଭିଯୋଗ କରି ଛାତ୍ର ବିଜେଡି ସମର୍ଥିତ କେତେଜଣ ଛାତ୍ର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସେହି ବ୍ୟାନରକୁ ସୋମବାର ଅପରାହ୍ନରେ ଖୋଲି ଦିଆଯାଇଥିଲା। ଏହାକୁ ଏବିଭିପି ସମର୍ଥିତ ଛାତ୍ରମାନେ ରାତିରେ ବିରୋଧ କରି ଧାରଣା ଦେବାରୁ ପୁନର୍ବାର ଖୋଲାଯାଇଥିବା ବ୍ୟାନରକୁ ଗେଟ୍‌ରେ ଲଗାଯାଇଥିଲା। ପରେ ଛାତ୍ର ବିଜେଡିର ସମର୍ଥକମାନେ ରାତିରେ ଏହି ବ୍ୟାନର ଖୋଲିବାକୁ ବିରୋଧ କରିବା ସହ ଧାରଣା ଦେଇଥିଲେ। ମଙ୍ଗଳବାର ସକାଳୁ ସେହି ଗୋଷ୍ଠୀର ଛାତ୍ରମାନେ ବ୍ୟାନର ଖୋଲାଯିବା ଦାବିରେ ଗେଟ୍‌ରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। ଅଧ୍ୟକ୍ଷ ଏବଂ ଟାଉନ ଥାନାଧିକାରୀ ସେମାନଙ୍କୁ ଦୀର୍ଘ ସମୟ ଧରି ବୁଝାଶୁଝା କରିଥିଲେ ମଧ୍ୟ ଓହରି ନ ଥିଲେ। କଲେଜ ଭିତରକୁ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାୟ ଅପରାହ୍ନ ୧ଟା ପରେ ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ କଲେଜରୁ ବାହାରକୁ ଆସିବା ପାଇଁ ଛାଡ଼ି ଦିଆଯାଇଥିଲା। ଅପରାହ୍ନରେ କଲେଜ ଆଲୁମ୍ନି କମିଟି ସହ ବୈଠକ କରାଯାଇ ଫାଟକରୁ ଉକ୍ତ ବ୍ୟାନର ଖୋଲାଯାଇ କଲେଜ ପକ୍ଷରୁ ଏକ ବ୍ୟାନର୍ ଲଗାଯିବ ବୋଲି ନିଷ୍ପତ୍ତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୂର୍ବ ସରକାର ସମୟରୁ ଆରମ୍ଭ ହୋଇଥିବା ଫାଟକ ନିର୍ମାଣ କାର୍ଯ୍ୟ ପାଇଁ ନୂଆ ସରକାରରେ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରିବାକୁ ଆଲୋଚନା କରାଯାଇଥିବା ଅଧ୍ୟକ୍ଷ କହିଛନ୍ତି।

# 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍



ମୁମ୍ବାଇ: ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଶୁଟିଂ ଆରମ୍ଭ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହାସହ ସଲ୍‌ମାନ ଫିଲ୍ମ ଶୁଟିଂ ସମୟର ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ସଲମାନ ସେନା ପୋଷାକ ପିନ୍ଧିଥିବା ସହ ଦେଶପ୍ରେମରେ ବୁଡ଼ି ରହିଥିବାର ନଜରକୁ ଆସିଛନ୍ତି। ସଲ୍‌ମାନଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶନାରେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ' ଫିଲ୍ମ ନିର୍ମିତ ହେଉଛି। ୨୦୨୦ ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନିକଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଯୁଦ୍ଧକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ କମାଣ୍ଡିଂ ଅଫିସର କଲୋନେଲ ବିକ୍କୁମଲ୍ଲା ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ନଜରକୁ ଆସିବେ। ସେହିପରି ଏହି ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂଙ୍କୁ ଦେଖିବାକୁ ମିଳିବ।

MAA TARATARINI
MULTI GYM REQUIRED
Only Boy Candidate for FRONT OFFICE EXECUTIVE & GYM TRAINER
Interested Candidate may apply:
sagarparida29@gmail.com
Qualification: 12th above
Salary: Negotiable for Experience Candidate
Contact: 9937542268/9337542268

WALK-IN-INTERVIEW

An Interview for the post of **Lecturer-in-Sanskrit** (Guest Faculty), **Lecturer-in-Political Scinece** (Self Finance), **Lecturer-in-Commerce** (Self Finance), **Peon** (Self Finance), **Night Watchman** (Self Finance), **Sweeper** (Self Finance) is scheduled to be held in Pallishree Higher Secondary School, Sindhekela on **Dt.21.09.2025 at 11 A.M. to 3 P.M.** Interested candidates for said lecturers post having at least 55% of marks in Post Graduation level may attend the interview.

**N.B.:** No TA, DA will be given to the applicants.

**Sd./- Principal-cum-Secretary**
**Pallishree H.S.S., Sindhekela**

**Contact No.: 9937697269**










# ରାଜେନ୍ଦ୍ର ଢୋଲକିଆଙ୍କ ଶେଷକୃତ୍ୟ ସମ୍ପନ୍ନ

ନୂଆପଡ଼ା,୯।୯ (ମକାରୁ ବେମାଲ)



ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

ନୂଆପଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (୬୮)ଙ୍କ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଖରିଆର ରୋଡ ଜୋଙ୍କ ନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଜୟ ଢୋଲକିଆ ମୁଖାଗ୍ନି ଦେଇଥିଲେ। ଏମ୍‌କେସିଜି ହସ୍ପିଟାଲରୁ ତାଙ୍କ ପ୍ରାର୍ଥିବ ଶରୀର ସ୍ୱତନ୍ତ୍ର ବିମାନରେ ରାୟପୁର ଆସି ସେଠାରୁ ସଡକ ପଥରେ ଛତିଶଗଡ ସୀମା ଟେମରିଠାରେ ପହଞ୍ଚିଥିଲା। ସେଠାରୁ ସ୍ୱତନ୍ତ୍ର ଭ୍ୟାନରେ ମର ଶରୀରକୁ ଶୋଭାଯାତ୍ରାରେ ନୂଆପଡା ଏକତା ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଖରିଆର ରୋଡ ସହର ପରିକ୍ରମା ସମୟରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟଠାରେ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ସହରବାସୀ ଶେଷ ଦର୍ଶନ କରିଥିଲେ। ପରେ ଜୋଙ୍କ ନଦୀକୂଳ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ ହୋଇଛି। ସୂଚନା ଅନୁଯାୟୀ ବିଧାୟକ ଢୋଲକିଆ ୬ ମାସ ହେବ ଅସୁସ୍ଥ ହୋଇ ଚେନ୍ନାଇଠାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଆସିଥିଲେ। ପୁନଶ୍ଚ ଜୁନ ଶେଷ ଭାଗକୁ ଅସୁସ୍ଥ ହେବାରୁ ଚେନ୍ନାଇ ଯାଇ ଚିକିତ୍ସିତ ହେଉଥିଲେ । ଅଗଷ୍ଟ ୨୭ରେ ଚେନ୍ନାଇର ଏମ୍‌କେସିଜି ହସ୍ପିଟାଲରେ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଥିଲା। ଏହା ସତ୍ତ୍ୱେ ସେପ୍ଟେମ୍ବର ୮ ପୂର୍ବାହ୍ନ ୧୧ଟାରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କୁ ସମସ୍ତେ ଆଦରରେ ରାଜୁ ଭାଇ ବୋଲି ଡାକୁଥିଲେ। ୧୯୯୨ରେ ସେ ରାଜନୀତିରେ ପ୍ରବେଶ କରି ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ପରେ ୧୯୯୭ ଓ ୨୦୦୩ ପୁଣି ଏନ୍‌ଏସି ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ନୂଆପଡା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହେଲା ପରେ ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ରେ ବିଜେଡି ଟିକେଟରୁ ପୁଣି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଶେଷକୃତ୍ୟ ସମ୍ପନ୍ନ ବେଳେ ବିଭିନ୍ନ ଦଳର ନେତା ସ୍ନେହାଙ୍ଗିନୀ ଛୁରିଆ, ବବି ଦାସ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଦିବ୍ୟ ଶଙ୍କର ମିଶ୍ର, ଦେବେଶ ଆଚାର୍ଯ୍ୟ, ନବୀନ ଜୈନ, ଚିନ୍ମୟ ସାହୁ, ସୌଭାଗ୍ୟ ନାଏକ, ଦେବକୀ ସାହୁ, ଟୁକୁନି ସାହୁ, ଅଧୀରାଜ ମୋହନ ପାଣିଗ୍ରାହୀ, ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଲମ୍ବୋଦର ନିଆଲ, ସରୋଜ ମେହେର, ବର୍ଷା ବରିହାଙ୍କ ସମେତ ତାଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ଭାଇବୋହୂ ମିଲନ ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ ।

सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत

सूचना / NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/ सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

## ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର
### ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ

**ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026**

**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରାସାୟନିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ**

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ **ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୨ ଓ ୨୩, ୨୦୨୫** ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ **ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ)** (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ ।

୨୦୨୬ ମସିହାର ସମ୍ପୃକ୍ତ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ ।

**ନାମ ପଞ୍ଜୀକରଣ ପାଇଁ:**

**ଏନ୍‌ଏସ୍‌ଇ:** https://www.iapt.org.in (ଅଗଷ୍ଟ ୨୧ - ସେପ୍ଟେମ୍ବର ୧୪, ୨୦୨୫)

ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in

cbc 48143/12/0007/2526

ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢ଼ିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ–ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି– ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। –ଶ୍ରୀଅରବିନ୍ଦ



# କ୍ରୋଧର ଶିକାର

ନେପାଳରେ ଯୁବପିଢ଼ି ସେଠାକାର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ପରେ ଉପୁଜିଥିବା ସ୍ଥିତିକୁ ନେଇ ସେପ୍ଟେମ୍ବର ୯ରେ 'ଯୁବ ମେଣ୍ଟ' ଶୀର୍ଷକରେ ସମ୍ପାଦକୀୟ ଲେଖିଥିଲୁ। ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା ଯୁବପିଢ଼ିର କର୍ତ୍ତବ୍ୟ ବୋଲି ଦର୍ଶାଇଥିଲୁ। ପରିବର୍ତ୍ତନ ଲାଗି ନେପାଳରେ ଯୁବବର୍ଗର ପ୍ରତିବଦ୍ଧତା ଆଗରେ ସରକାର ମୁଣ୍ଡ ନୁଆଁଇଲା ଭଳି ଛବି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏବେ ଆସିବାରେ ଲାଗିଛି। ସ୍ଥିତି ଏମିତି ସ୍ତରରେ ପହଞ୍ଚିଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲନାଥ ଖନାଲଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି ଓ ରାଷ୍ଟ୍ରପତି ଆର୍. ସି. ପୌଡେଲ ଇସ୍ତଫା ଦେଇଥିବା ବେଳେ ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପୌଡେଲଙ୍କୁ ରାସ୍ତା ଉପରେ ବିକ୍ଷୋଭକାରୀ ଗୋଇଠା ବିଧା ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ରାଜନେତା ନୁହନ୍ତି, ସେଠାକାର ପ୍ରଶାସନିକ ଅଧିକାରୀଙ୍କୁ ପାଣି ଭିତରେ ଗୋଡ଼ାଇ ଗୋଡ଼ାଇ ପିଟିବାର ଦୃଶ୍ୟ ପଦାକୁ ଆସିଛି। ଏମାନେ ଭାବିପାରି ନ ଥିଲେ ଯେ 'ଜେଡ୍ ସିକ୍ୟୁରିଟି' ଓ ପୋଲିସ ସୁରକ୍ଷା ଥିବା ସତ୍ତ୍ୱେ ସେମାନଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ। କୁହାଯାଇପାରେ ଯେ, ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।

**ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।**

ଦେଖିବାକୁ ଗଲେ ତିନି ବର୍ଷ ମଧ୍ୟରେ ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ବାଂଲାଦେଶ ପରେ ଏବେ ନେପାଳ ଗଣପ୍ରତିବାଦର ସମ୍ମୁଖୀନ ହୋଇ ଶାସକଙ୍କୁ ବିତାଡ଼ିତ କରିଛି। ଜୁଲାଇ ୨୦୨୨ରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଗାଦିଚ୍ୟୁତ ହୋଇ ଦେଶଛାଡ଼ି ପଳାଇଥିଲେ। ସେହିଭଳି ଜୁଲାଇ ୨୦୨୪ରେ ବାଂଲାଦେଶର ହିଂସାତ୍ମକ ପ୍ରତିବାଦ ଯୋଗୁ ଗାଦି ଛାଡ଼ି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ୱାଜେଦ୍ ଭାରତ ପଳାଇ ଆସିଥିଲେ। ଏପରିକି ରାଜନୈତିକ ଦଳର କର୍ମୀ ମଧ୍ୟ ରାସ୍ତାରେ ବାହାରିବା ପାଇଁ ଭୟ କରିଥିଲେ। ପୋଷା ଗୁଣ୍ଡାମାନେ ଲୁଚିବା ପାଇଁ ସ୍ଥାନ ଖୋଜିଥିଲେ। ବାଂଲାଦେଶରେ ହାସିନା ସରକାର ପତନ ବେଳକୁ ଯାହା ଦୃଶ୍ୟ ଦେଖିବାକୁ ମିଳିଥିଲା ତାହା ଏବେ ନେପାଳରେ ପୁନର୍ବାର ଦେଖିବାକୁ ମିଳିଛି। ଏହା ପୂର୍ବରୁ ଶ୍ରୀଲଙ୍କାର ଗୋଟାବାୟାଙ୍କ ଶାସନ ବେଳେ ସାଧାରଣ ନାଗରିକ ଯେଉଁଭଳି ଭାବେ ସରକାରୀ ଲୋକଙ୍କୁ ନିର୍ଘାତ ମାଡ଼ ଦେଲେ ସେଥିରୁ ପ୍ରମାଣ ମିଳୁଛି ଯେ ଉତ୍ତ୍ୟକ୍ତ ଜନତା ମାତିଲେ କୌଣସି ପୋଲିସ, ମିଲିଟାରୀ ବା ଦଳୀୟ ଗୁଣ୍ଡା ସୁରକ୍ଷା ଯୋଗାଇ ପାରନ୍ତି ନାହିଁ। ସମସ୍ତେ ନିଜ ନିଜର ଜୀବନ ବଞ୍ଚାଇ ଦୌଡ଼ିବା ପାଇଁ ଲକ୍ଷ୍ୟ ରଖିଥିବାରୁ ନେତା ଓ ବଡ଼ ଅଫିସରଙ୍କ ସୁରକ୍ଷା ଚିନ୍ତା ବ୍ୟସ୍ତ କରେନାହିଁ। ନେପାଳର ଯୁବବର୍ଗ ଆହୁରି ଆଗକୁ ଯାଇ କେବଳ ଶାସନରେ ଥିବା ନେତା ନୁହନ୍ତି, ଅନ୍ୟ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଦୀର୍ଘବର୍ଷ ଧରି ସେଠାରେ ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ବେକାରି ସମସ୍ୟା ଉତ୍କଟ ହେବା ସହ ସୋସିଆଲ ମିଡିଆର ବ୍ୟାନ୍ ଯୁବପିଢ଼ିର ପୁଞ୍ଜିଭୂତ କ୍ରୋଧକୁ ପରିପ୍ରକାଶ କରାଇଛି। ଏଥିରୁ ବୁଝାପଡ଼ିଯାଉଛି ଯେ, ନାଗରିକଙ୍କ ସ୍ୱାର୍ଥକୁ ଅଣଦେଖା କଲେ କୌଣସି ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ସୁରକ୍ଷିତ ଭାବେ ରହିପାରିବେ ନାହିଁ। ଏହି ଶିକ୍ଷା ଭାରତ ମଧ୍ୟ ନେବା ଦରକାର। ଯେତେବେଳେ କ୍ରୋଧ ଜାଗ୍ରତ ହେବ, ତାହା କେଉଁଭଳି ରୂପ କରିବ କହିହେବ ନାହିଁ। କେହି ଯଦି ଭାବୁଥିବେ ଭାରତରେ ଏଭଳି ହୋଇପାରିବ ନାହିଁ, ଏହା ଏକ ବିରାଟ ଦେଶ, ବଡ଼ବଡ଼ିଆମାନେ ଜେଡ୍ ପ୍ଲସ୍ ସିକ୍ୟୁରିଟିରେ ରହୁଥିବାରୁ ତାଙ୍କୁ କେହି ଛୁଇଁପାରିବେ ନାହିଁ କିମ୍ବା ବିରୋଧୀଙ୍କୁ ଦଳୀୟ କର୍ମୀ ସାମ୍ନା କରିନେବେ ଭଳି ଭ୍ରମ ଧାରଣା ପୋଷଣ କଲେ ତାହା ମାରାତ୍ମକ ମୋଡ଼ ନେଇପାରେ।



# ବୁଝିବାକୁ ୮ ବର୍ଷ ଲାଗିଲା

ସନ୍ତୋଷ କୁମାର ମହାପାତ୍ର

ଜିଏସ୍‌ଟି ବା ସାମଗ୍ରୀ ଓ ସେବା ଟିକସ ଅତ୍ୟନ୍ତ ଜଟିଳ ହେବା ସହ ଏହାର ବୋଝ ଗରିବଙ୍କ ଉପରେ ପଡୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସରେ 'ପରବର୍ତ୍ତୀ ପିଢ଼ିର' ଜିଏସ୍‌ଟି ସଂସ୍କାର ଆଣିବା ପାଇଁ ଘୋଷଣା କରିଥିଲେ। ଅଗଷ୍ଟ ୧୧ରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଦାଖଲ ପ୍ରସ୍ତାବଗୁଡ଼ିକର ସମୀକ୍ଷାକରିବା ପରେ ୩ଟି ଟ୍ୟାକ୍ସ ସ୍ଲାବ୍ ପ୍ରସ୍ତାବ ଦେଇଥିଲେ। ସେପ୍ଟେମ୍ବର ୩ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଜିଏସ୍‌ଟି ହାରରେ ପରିବର୍ତ୍ତନ କରାଯାଇଛି। ଏହା ସେପ୍ଟେମ୍ବର ୨୨ରେ ନବରାତ୍ରର ପ୍ରଥମଦିନରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ୨୦୧୭ରେ ଜିଏସ୍‌ଟି ପ୍ରଚଳନ ପରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ଏହି ସାମଗ୍ରୀ ଏବଂ ସେବା ଟିକସ ସଂସ୍କାରକୁ ପ୍ରଶଂସାକରି କହିଛନ୍ତି, ଏହା ପରିବାର ଉପରେ ବୋଝ କମ୍ କରିବ, ଛୋଟ ବ୍ୟବସାୟକୁ ପ୍ରୋତ୍ସାହିତ କରିବ ଏବଂ ସାଧାରଣ ଲୋକ, ଚାଷୀ, ମହିଳା, ଯୁବକମାନେ ଲାଭବାନ୍ ହେବେ।

କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ଆତ୍ମନିର୍ଭର ଭାରତରେ ଏହା ସହାୟକ ହେବା ସହ ଟ୍ରମ୍ପଙ୍କ ଟାରିଫ ବୃଦ୍ଧିର କୁପ୍ରଭାବକୁ ସମ୍ମୁଖୀନ ହେବାରେ ସାହାଯ୍ୟ କରିବ। ଏହା ଦରଦାମ ହ୍ରାସ କରିବ , ମୁଦ୍ରାସ୍ଫୀତି ହାର ହ୍ରାସ କରିବ , ଲୋକଙ୍କ କ୍ରୟଶକ୍ତି ବୃଦ୍ଧି କରିବ ଏବଂ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଅନେକ ଅର୍ଥନୀତିଜ୍ଞ କହୁଛନ୍ତି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ଏହି ଜିଏସ୍‌ଟି ସରଳୀକରଣରେ ଏତେ ଭଲ ହୋଇପାରିବ ତେବେ ଏହାକୁ ବୁଝିବାକୁ ସରକାରଙ୍କୁ ୮ ବର୍ଷ ଲାଗିଗଲା କାହିଁକି। ଏହାର ଅର୍ଥ ଦୀର୍ଘ ୮ ବର୍ଷ ଧରି ସରକାର ଲୋକଙ୍କଠାରୁ ବହୁମାତ୍ରାରେ ବା ଚଢ଼ା ଟିକସ ନେଇଛନ୍ତି , ଯାହାକୁ କିଛି ବର୍ତ୍ତମାନ ହ୍ରାସ କରୁଛନ୍ତି। ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ପ୍ରଚଳନ ବେଳେ ଆମେ କହିଥିଲୁ,ଏହା ଜଟିଳ। ଗରିବଙ୍କ ଉପରେ ଅଧିକ ବୋଝ ପଡ଼ିବ, କାରଣ ଗୁଡ଼ାଏ ଟିକସ ସ୍ଲାବ୍ ସହ ଟିକସ ହାର ରେକର୍ଡ ସର୍ବାଧିକ। ବର୍ତ୍ତମାନ ସେଥିରେ କିଛି ଟିକସ ହ୍ରାସ ବା ପରିବର୍ତ୍ତନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଶେଷ ସ୍ୱାଗତଯୋଗ୍ୟ ହେଉଛି ବ୍ୟକ୍ତିଗତ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସ୍‌ଟି ଉଠାଇଦେବା, ଯାହା ପାଇଁ ନିଖିଳ ଭାରତ ବୀମା କର୍ମଚାରୀ ସଙ୍ଗଠନ ଦେଶବ୍ୟାପୀ ସାଂସଦମାନଙ୍କୁ ଭେଟିଥିଲା। କିନ୍ତୁ ଏହାକୁ ନେଇ ରାଜନୈତିକ ଫାଇଦା ପାଇଁ ଚେଷ୍ଟା





କରିବା ନିନ୍ଦନୀୟ। ଅବଶ୍ୟ ଲୋକମାନେ ନିଶ୍ଚୟ ଉପକୃତ ହେବେ ଯଦି ବ୍ୟବସାୟୀ , ଉତ୍ପାଦନକାରୀ ବିଭିନ୍ନ ସାମଗ୍ରୀ ଓ ସେବାର ମୂଲ୍ୟ ହ୍ରାସ କରିବେ। କିନ୍ତୁ ତାହା ସମୟ କହିବ। କର୍ପୋରେଟ ଟିକସ ହ୍ରାସବେଳେ ସରକାର ପ୍ରଚାର କରୁଥିଲେ ଘରୋଇ ନିବେଶ ବୃଦ୍ଧିପାଇବ, କିନ୍ତୁ ତାହା ବିପରୀତ ହୋଇଛି।

ଜିଏସ୍‌ଟି ଆରମ୍ଭ ବେଳେ ଏହାକୁ ଏକ ଦେଶ, ଏକ ଟିକସ ଓ ଏକ ବଜାର ଆଖ୍ୟା ଦିଆଯାଇ ଏହା ଟିକସ ଫାଙ୍କି ରୋକିବା ସହ ଟିକସ ଉପରେ ଟିକସ ପଡ଼ିବାକୁ ରୋକିବ, ବିଭିନ୍ନ ମୂଲ୍ୟ ହ୍ରାସ ପାଇବ,ଦରଦାମ ହ୍ରାସ ପାଇବ ଓ ଟିକସ ଆଦାୟ ସହଜ ହେବ ବୋଲି କୁହାଯାଇଥିଲା। କିନ୍ତୁ ଦରଦାମ ହ୍ରାସ ପାଇନାହିଁ କି ଟିକସ ଫାଙ୍କି ରୋକାଯାଇପାରିନାହିଁ। ଡାଇରେକ୍ଟର ଜେନେରାଲ ଅଫ୍ ଦି ଇଣ୍ଟେଲିଜେନ୍ସ ଅନୁସାରେ ଗତ ୫ ବର୍ଷରେ ୭.୦୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଟିକସ ଫାଙ୍କି ହୋଇଛି। କେବଳ ୨୦୨୩-୨୪ରେ ଏହାର ପରିମାଣ ୨.୩୦ ଲକ୍ଷ କୋଟି ଟଙ୍କା। ଜିଏସ୍‌ଟି ଲାଗୁହେବା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଅଲଗା ଅଲଗା ଟିକସ ଅସୁଲ କରୁଥିଲେ। ଜିଏସ୍‌ଟିରେ ୧୭ଟି କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ଓ ୧୩ଟି ସେସ୍ ଅନ୍ତର୍ଭୁକ୍ତ। ମଦ ,ତମାଖୁ ଉପରେ ରାଜ୍ୟ ଅବକାରୀ ଶୁଳ୍କ ଓ ପେଟ୍ରୋଲିୟମ ସାମଗ୍ରୀ ଉପରେ ଭାଟ୍ ପୂର୍ବପରି ଲାଗୁରହିଥିଲା। ସମ୍ପତ୍ତିରେ ଷ୍ଟାମ୍ପ ଡ୍ୟୁଟି, ବିଦ୍ୟୁତ୍ ଶୁଳ୍କ, ଯାନ ରେଜିଷ୍ଟ୍ରେଶନ ଟିକସ, ସ୍ଥାନୀୟ ସଂସ୍ଥାର ଘରବାଡ଼ି ଉପରେ ହୋଲ୍ଡିଂ ବା ସମ୍ପତ୍ତି କର ଆଦି ରାଜ୍ୟ ଆଦାୟ କରୁଛି। କେନ୍ଦ୍ରର ପେଟ୍ରୋଲିୟମ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ କି ଏହି ସଂସ୍କାର ପରେ ମଧ୍ୟ ହୋଇନାହିଁ। ଏତେଗୁଡିଏ ପରୋକ୍ଷ କର ରହିବା ଅନୁଚିତ। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ହେବା ଉଚିତ। ପେଟ୍ରୋଲିୟମ ସାମଗ୍ରୀ ଉପରେ ୫୦ରୁ ୬୦% ଶୁଳ୍କ ଆଦାୟ କରାଯାଉଛି। ୨୦୧୪ ପରଠାରୁ ୩୦୦ ପ୍ରତିଶତ ଉତ୍ପାଦ ଶୁଳ୍କ ବୃଦ୍ଧି ଯୋଗୁ ଭାରତୀୟମାନେ ଇନ୍ଧନ ଉପରେ ସେମାନଙ୍କ ଆୟର ୨୨% ଖର୍ଚ୍ଚ କରନ୍ତି, ଯାହା ବିଶ୍ୱ ସ୍ତରରେ ସର୍ବାଧିକ।

ସଂସ୍କାର ପୂର୍ବରୁ ଜିଏସ୍‌ଟି ହାର ଶୂନ , ୦.୨୫% , ୧.୫% , ୩% , ୫%, ୧୨% , ୧୮ % ଏବଂ ୨୮% ରହିଛି। ବର୍ତ୍ତମାନର ୧୨% ଓ ୨୮ % ଟ୍ୟାକ୍ସ ସ୍ଲାବ୍ ଉଚ୍ଛେଦ କରାଯାଇଛି। ୨ ପ୍ରକାର ଷ୍ଟାଣ୍ଡାର୍ଡ ବା ମାନକ ଓ ମେରିଟ୍ ବା ଯୋଗ୍ୟତା ଜିଏସ୍‌ଟି ସ୍ଲାବ୍ ଯଥା ୫% , ୧୮% ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଧନିକ ଶ୍ରେଣୀକୁ ସୁହାଇଲା ପରି ହୀରା, ମୂଲ୍ୟବାନ୍/ଅର୍ଦ୍ଧ ମୂଲ୍ୟବାନ୍ ପଥର, ଅଶୋଧିତ ହୀରାରେ ୦.୨୫%; ପରିଶୋଧିତ ହୀରାରେ ୧.୫% ; ସୁନା,ମୁକ୍ତା ,ସୁନା ବାର୍ , କଏନ, ଡିଜିଟାଲ ଗୋଲ୍ଡ, ଗହଣାରେ ୩% ଜିଏସ୍‌ଟି ପୂର୍ବପରି ରହିବ। ଏହା ବ୍ୟତୀତ ବିଳାସପୂର୍ଣ୍ଣ ଏବଂ ଉଚ୍ଚ-ସମ୍ପନ୍ନ ସାମଗ୍ରୀ ଓ ତମାଖୁ ଏବଂ ପାନମସଲା ଇତ୍ୟାଦି ନିଶା ସାମଗ୍ରୀ ଉପରେ ଯେଉଁ ୨୮% ଓ ବିଭିନ୍ନ ହାରର ସେସ୍ ଥିଲା ତାକୁ ଉଚ୍ଛେଦ କରାଯାଇଛି ଓ ୪୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ବର୍ତ୍ତମାନ ୧୨% ସ୍ଲାବ୍ ଥିବା ୯୯% ସାମଗ୍ରୀ ୫% ହାରକୁ ସ୍ଥାନାନ୍ତରିତ ହେବ ଏବଂ ୨୮% ବର୍ଗରେ ଥିବା ୯୦% ସାମଗ୍ରୀ ଏବଂ ସେବା ୧୮% ସାମଗ୍ରୀକୁ ସ୍ଥାନାନ୍ତରିତ ହେବ ବୋଲି କୁହାଯାଉଛି। କିନ୍ତୁ ୨୮% ଉପରେ ଯେଉଁ ସେସ୍ ଲାଗୁଥିଲା ତାହା ଉଠାଇ ଦିଆଯାଇଛି। ଜିଏସ୍‌ଟି ପ୍ରଚଳନ ବେଳେ ରାଜ୍ୟଗୁଡ଼ିକ ଯେଉଁ କ୍ଷତି ସହିବାକୁ ପଡ଼ିଥିଲା ତାହା ଭରଣା ପାଇଁ ସେସ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହା ପରେ ଲାଗୁହେବ।

ଉଲ୍ଲେଖଯୋଗ୍ୟ, ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨%ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କରିଲା ବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ପୁନଶ୍ଚ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ ହୋଇଛି। ଅବଶ୍ୟ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ, କାରଣ ସେମାନେ ମୋଟ ବ୍ୟୟ ୬୨% କଲାବେଳେ ଟିକସ ଆଦାୟ କରିବାର କ୍ଷମତା ମାତ୍ର ୩୮% ଅବଶ୍ୟ। କେନ୍ଦ୍ର ଅଧିକ ସହାୟତା ଦେଇ ପରିବର୍ତ୍ତନ ଆଣିପାରିବ । ସରକାର ୨୦୧୯-୨୦ ରୁ ୨୦୨୪-୨୫ ମଧ୍ୟରେ ୨୨.୨୧ ଲକ୍ଷ କୋଟି ଟଙ୍କା ସେସ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ରାଜ୍ୟର କୌଣସି ଅଂଶ ନାହିଁ। କେବଳ ୨୦୨୩-୨୪ରେ ୩,୮୬,୬୩୦ କୋଟି ଟଙ୍କା ସଂଗ୍ରହ ହୋଇଛି। ଯଦିଓ ଅର୍ଥ କମିଶନ ବିଭାଜିତ ପୁଲ୍‌ରୁ ରାଜସ୍ୱର ୪୨% ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ କରିବାକୁ ସୁପାରିସ କରିଛନ୍ତି, ମାତ୍ର ୩୧% ରାଜ୍ୟଗୁଡ଼ିକ ପ୍ରାପ୍ତ ହେଉଛନ୍ତି । ତେଣୁ ସେସ୍ ବିଭାଜିତ ପୁଲ୍‌ର ଅଂଶ ହେବା ଉଚିତ ଏବଂ ବିଭାଜିତ ପୁଲ୍‌ରେ ରାଜ୍ୟଗୁଡ଼ିକର ଅଂଶ ବୃଦ୍ଧି କରାଯିବା ଉଚିତ। ଜିଏସ୍‌ଟି ସଂସ୍କାର ଯୋଗୁ ରାଜ୍ୟଗୁଡ଼ିକର ଯାହା ରାଜସ୍ୱ କ୍ଷତି ହେବ ବା ଭବିଷ୍ୟତରେ ହେବା ସମ୍ଭାବନା ଅଛି , ତାକୁ କେନ୍ଦ୍ର ଭରଣା କରିବା ଉଚିତ।

ମୋ:୯୪୩୭୨୦୮୭୬୨

## ଏଇ ଭାରତରେ

ମାତାପିତାଙ୍କ ପାଇଁ ଏବେ ବଡ଼ ସମସ୍ୟା ଆଣିଛି ପିଲାଙ୍କ ମୋବାଇଲ ଆସକ୍ତି। ଅନେକ ଘଣ୍ଟା ମୋବାଇଲ ଧରି ପିଲାମାନେ ଖେଳ ଓ ପାଠରୁ ଦୂରେଇଯିବାକୁ ବସିଲେଣି। ଏଭଳି ସ୍ଥିତିରେ ସେଭଳି ପିଲାଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି ଆଇଏଏସ୍ ଅଧିକାରୀ ପ୍ରେମ୍ କ୍ରିଷ୍ଣ। ସେ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ନେଇ ସେମାନଙ୍କୁ ଖେଳପଡ଼ିଆକୁ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ବିଶେଷକରି ପିଲାମାନେ ଫୁଟ୍‌ବଲ, କ୍ରିକେଟ୍ ସହ ଅନ୍ୟାନ୍ୟ ଦଳଗତ ଖେଳ ସହ ଯୋଡ଼ି ହୋଇଛନ୍ତି। ପ୍ରେମ୍ କେରଳ ପଥାନମିଥିତାର କଲେକ୍ଟର ଭାବେ ଏଭଳି ଅଭିଯାନ ଚଳାଇଛନ୍ତି। ସେ ତ୍ରିଭେନ୍ଦ୍ରମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ଡିଗ୍ରୀ ହାସଲ କରି ଇନ୍‌ଫୋସିସ୍ ଓ ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରୁଛନ୍ତି। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲାପାଳ ଭାବେ ଯୋଗଦେବା ପରେ '' ସ୍ୱାପ୍ ୟୋର ସ୍କ୍ରିନ୍ ଫର୍ ଏ ସ୍ପୋର୍ଟ୍ସ'' ଅଭିଯାନ ଚଳାଇ ପିଲାଙ୍କୁ ମୋବାଇଲରୁ ଦୂରେଇବାରେ ସଫଳ ହୋଇଛନ୍ତି।



# ପରଲୋକରୁ ପତ୍ର

ଉପେନ୍ଦ୍ର ବିଶ୍ୱାଳ

ହେ ସ୍ନେହାସ୍ପଦ ପୁତ୍ର/ ପୌତ୍ର/ ପ୍ରପୌତ୍ରଗଣ, ପରଲୋକରୁ ତୁମମାନଙ୍କୁ ଆମର କୋଟିଏ ଆଶିଷ। ମର୍ତ୍ତ୍ୟଲୋକରେ ଏବେ ଆରମ୍ଭ ହୋଇଯାଇଛି ପିତୃପକ୍ଷ। ଆମକୁ ସ୍ମରଣ ପୂର୍ବକ ସସମ୍ମାନ ଆମ ପାଇଁ ଶ୍ରାଦ୍ଧ ଓ ତର୍ପଣର ବ୍ୟବସ୍ଥା କରୁଛ ଆଜି। ଏହି ସମୟରେ ମର୍ତ୍ତ୍ୟଲୋକରେ ତୁମେ ଯେମିତି ଆମକୁ ସ୍ମରଣ କର, ପିତୃଲୋକରେ ଥାଇ ଆମେ ବି ବେଶି ଭାଳି ହେଉ ତୁମମାନଙ୍କ କଥା। ଆଜି ସବୁଠୁ ବିଷାଦ ଏବଂ ବିଡ଼ମ୍ବନାର ବିଷୟ ଯାହା ଆମକୁ ବିଚଳିତ କରୁଛି, ତାହା ହେଲା ପିଲା ଓ ଯୁବାଙ୍କ ଭିତରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା। କିଟ୍‌ରୁ କୋଟା, ବାଲେଶ୍ୱରରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ପିଲାଙ୍କ ଆତ୍ମହତ୍ୟା ଖବର ଆମକୁ ମ୍ରିୟମାଣ କରୁଛି। ଜୀବନ ହାରିଦେବା କଦାପି ପାରିବାପଣିଆ ନୁହେଁ ବରଂ ଭୀରୁଙ୍କ ବ୍ୟାକରଣ। ହେ ଆମର ଶ୍ରଦ୍ଧେୟ ପିଲେ, ଦୟାକରି ଛୁଆଙ୍କୁ ବୁଝାଅ ଯେ ବିପଦକୁ ଡରି ଆତ୍ମହତ୍ୟା କରିବା ଅପେକ୍ଷା ତା'ସହ ଲଢ଼ିବା ହିଁ ବଞ୍ଚିବାର ବ୍ୟାକରଣ। ବିପଦକୁ ସାମ୍ନା ନ କଲେ ଜୀବନ ସଂଗ୍ରାମରେ ସେମାନେ ବିଜୟୀ ହେବେ କିପରି ? ସଂସାରରେ ଯେତିକି ସମସ୍ୟା ଅଛି, ତା'ଠାରୁ ସମାଧାନର ପନ୍ଥା ତ ଅଧିକ। କାରଣ ପ୍ରତି ସମସ୍ୟାର ଏକ ବା ଅଧିକ ସମାଧାନର ସୂତ୍ର ରହିଥାଏ।

ସମସ୍ୟା ମଧ୍ୟେ କେଉଁଠି ନା କେଉଁଠି ଲୁଚି ରହିଥାଏ ସୁଯୋଗଟିଏ। ଆମେ ଧୈର୍ଯ୍ୟର ସହିତ ତାକୁ ଖୋଜି ବାହାରକରିବା ଉଚିତ। ଆଉଗୋଟେ କଥା, ରାତ୍ରି ଅନ୍ଧାରରେ ହିଁ ତ ତାରାର ଚମକ ଜଣେ ଦେଖିପାରେ। ବର୍ଷାର ବିପ୍ଳାତ ପରେ ହିଁ ତ ଦେଖିବାକୁ ମିଳିଥାଏ ଇନ୍ଦ୍ରଧନୁର ବର୍ଣ୍ଣବିଭା। ଅର୍ଥାତ୍ ବାଧାବିଘ୍ନ ପାଇଲେ ବା ଦୁଃଖରେ ପଡ଼ିଲେ ଯାଇ ସତ୍ୟ ବା ସୁନ୍ଦରତାକୁ ଜଣେ ଉପଲବ୍ଧି କରିପାରିବ। ଅଗ୍ନିର ଦହନ ନ ପାଇଲେ ସୁନାର ଔଜ୍ଜ୍ୱଲ୍ୟ ବଢ଼ିବ କି? ସେମିତି ବି ଦୁଃଖରେ ନ ପଡ଼ିଲେ ମଣିଷ ଭିତରେ ଥିବା ପ୍ରକୃତ ତେଜ ଫୁଟି ବାହାରିବ କେମିତି ? ଏହିପରି ପ୍ରତିଟି ପ୍ରତିକୂଳ ପରିସ୍ଥିତି ମନୁଷ୍ୟକୁ ଅଗ୍ରସର ହେବା ପାଇଁ ପ୍ରେରଣାଦିଏ। ଦୟାକରି ପିଲାଙ୍କୁ ଟିକେ ବୁଝାଅ ଯେ ପଛେଇଯିବା ବା ପଡ଼ିଯିବା ବା ବିଫଳ ହେବାକୁ ପରାଜୟ ବୋଲି ଭାବିବେ ନାହିଁ କି ଗ୍ଲାନିବୋଧ କରିବେ ନାହିଁ। ପଡ଼ିଯାଇ ନ ଉଠିବାରେ ବା ପଛେଇଗଲା ପରେ ପୁଣି ବାଟଚାଲି ଆଗକୁ ଯିବାର ଝୁଙ୍କ ନ ରଖିଲେ, ତାକୁ ହିଁ ବିଫଳତା ବୋଲି କୁହାଯାଏ। ସେତେବେଳେ ଯାଇ ମନରେ ଗ୍ଲାନିବୋଧ, ଲଜ୍ଜାବୋଧ ଆସିବା କଥା। ବିଶ୍ୱରେ ଏମିତି କେହି ସଫଳ ବ୍ୟକ୍ତି ନାହାନ୍ତି, ଯିଏ କି ଜୀବନରେ କେବେ ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନାକରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ 'ସଫଳବ୍ୟକ୍ତି' ଭାବେ ଦୁନିଆ ଆଗରେ ଉଭା



ହେଇଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ପଥ ଦେଇ ଗତି କରିବାକୁ ପଡ଼ିଥାଏ। ଯେଉଁଦିନୁ ଜଣେ କଷ୍ଟକର ପରିସ୍ଥିତି ସହିତ ଲଢ଼ିବା ତ୍ୟାଗକଲା, ସେହିଦିନୁ ହିଁ ସେ ପରାଜୟକୁ ସ୍ୱୀକାର କରିନେଲା ଓ ମାନବିକ ଗରିମାଚ୍ୟୁତ ହୋଇଗଲା। ଯେପର୍ଯ୍ୟନ୍ତ ଜଣେ ହାର ମାନିନାହିଁ, ସେପର୍ଯ୍ୟନ୍ତ ତାକୁ ପରାଜୟ କରିବା ଅସମ୍ଭବ। ଯେଉଁଠୁ ସାହସ ସମାପ୍ତ ହୋଇଯାଏ, ସେଇଠୁ ପରାଜୟର ପଥ ଆରମ୍ଭ ହୁଏ। ଏଣୁ ଛାନିଆ ନ ହୋଇ ସତର୍କତା ସହିତ ଆଗକୁ ପାଦ ବଢ଼େଇଲେ, ସଫଳତା ନିଶ୍ଚେ ଚରଣ ଛୁଇଁବ।

ଜୀବନ ହେଉଛି ସମ୍ଭାବନାର ସମାହାର। ଏଣୁ ସେମାନେ କେବେ ବି ନିରାଶ ହୁଅନ୍ତୁ ନାହିଁ। ଯୁଗ ବଦଳିବା ସହିତ ପିଲାଙ୍କ ମାନସିକତା ବଦଳୁଛି। ପୁଣି ପିଲାଙ୍କ ହାତେ ଆଜି ଦାମିକା ମୋବାଇଲ ; ଯାହାକି ତାଙ୍କୁ ବିପଥଗାମୀ କରୁଛି। ଏହି ସମୟରେ ତୁମେ ସେମାନଙ୍କ ସହିତ ଯେତେ ସାଙ୍ଗ ହେବ, ସେତେ ଭଲ। ତୁମର ଓ ପିଲାଙ୍କ ଭିତରେ ଯେମିତି ଦୂରତା ନ ରୁହେ, ସେଥିପ୍ରତି ଯତ୍ନବାନ ହେବ। ଏହି ସମୟରେ ପିଲାମାନେ ଭୁଲ୍ କରିବା ସ୍ୱାଭାବିକ। ପିଲାଙ୍କର ସବୁବେଳେ ସବୁକଥା ଠିକ୍ ହେଉ ବୋଲି ଭାବିବା ହେଉଛି ମାତାପିତାଙ୍କ ବଡ଼ ଭୁଲ୍। ନିଜେ ଆଗ ଧୈର୍ଯ୍ୟ ଧରି ପିଲାଙ୍କୁ ବୁଝିବାକୁ ଟିକେ ଚେଷ୍ଟାକରିବ। ତାଙ୍କୁ ଏମିତି ଦୃଢ଼ ବିଶ୍ୱାସ ଓ ଆଶ୍ୱାସନା ଦିଅ, ଯେମିତି କି ତାଙ୍କର ସବୁ କଥା/ ସମସ୍ୟା ନ ଲୁଚାଇ ସାଙ୍ଗ ଭଳିଆ ତୁମ ଆଗରେ ନିଃସଙ୍କୋଚରେ ପ୍ରକାଶ କରିବେ। ଏପରି କି ପ୍ରେମ ବ୍ୟାପାର ମଧ୍ୟ। କାରଣ ଏହି ସମୟରେ ପ୍ରେମ ପାଇଁ ସେମାନେ ପାଗଳ ହୁଅନ୍ତି। ଉଚିତ ବା ଅନୁଚିତ ବୁଝିବାକୁ ସେମାନଙ୍କ ବୁଦ୍ଧି କି ବିଚାର ଆସି ନ ଥାଏ। ସେତେବେଳେ ସେମାନେ ଅପରିପକ୍ୱ ଏବଂ ଅନ୍ଧ। ସେଭଳି ପରିସ୍ଥିତିରେ ହଠାତ୍ ଉତ୍କ୍ଷିପ୍ତ ନ ହୋଇ ଅତ୍ୟନ୍ତ ଚତୁରତାର ସହିତ ତାଙ୍କୁ ପ୍ରଥମେ ମିଛ ସମର୍ଥନ କର। ତା'ପରେ ସମୟ ସୁବିଧା ଦେଖି ଧୀରେ ଧୀରେ ତାଙ୍କ ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ। ଭୟ ଦେଖାଇ ତାଙ୍କୁ ଶାସନ କରିବା ପରିବର୍ତ୍ତେ, ତାଙ୍କର ଗୋଟାପଣେ ହୋଇ ଅତ୍ୟନ୍ତ ସାବଧାନତାର ସହିତ ତାଙ୍କୁ ସସ୍ନେହ ସମୁଚିତ ପରାମର୍ଶ ଦେବ।

ତାଙ୍କୁ ବୁଝାଅ, ମନ ବିବ୍ରତ ଥିଲାବେଳେ ସେମାନେ ଯେମିତି କିଛି ବି ନିଷ୍ପତ୍ତି ନ ନିଅନ୍ତି। ବରଂ ନିଜ ଭିତରେ ଯେଉଁ ଶକ୍ତି/ ସାମର୍ଥ୍ୟ ରହିଛି, ତାକୁ କେବଳ ଟିକେ ଜାଗ୍ରତ କରିବେ। ନିଜ ଭିତରେ ଥିବା ଆତ୍ମବଳ/ଆତ୍ମବିଶ୍ୱାସ ଯୋଗୁ ହନୁମାନ ତ ପୁଣି ବହୁ ଅସାଧ୍ୟକୁ ସାଧ୍ୟ କରିପାରୁଥିଲେ। ପିଲାଙ୍କୁ କହିବ, ସେମାନଙ୍କ ଜନ୍ମ ପଛରେ ଈଶ୍ୱରଙ୍କ ମହତ୍ ଉଦ୍ଦେଶ୍ୟ ନିହିତ। ଏଣୁ ନିଜ ମହତ୍ତ୍ୱକୁ ସେମାନେ ଆଗ ବୁଝନ୍ତୁ। ଦୁନିଆରେ କେହି ବି ନିଜ ଇଚ୍ଛାନୁଯାୟୀ ଜନ୍ମନିଏନି। ଜନ୍ମ ହେଉ ଅବା ମରଣ, ତାହା ଈଶ୍ୱରଙ୍କ ଇଚ୍ଛାଧୀନ। ଈଶ୍ୱରଙ୍କ ଇଚ୍ଛା ବିରୋଧରେ ଯାଇ ଆତ୍ମହତ୍ୟା କରିବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଅତଏବ ପିଲାଙ୍କୁ ଭରଷା ଦିଅ, ନିଜ ଉପରେ ସେମାନେ ବିଶ୍ୱାସ ରଖିବେ ଯେ ସେମାନେ ହେଉଛନ୍ତି ଈଶ୍ୱରଙ୍କ ସୁନ୍ଦରତମ ସୃଷ୍ଟି। ଏଣୁ ବିଭୁଦତ୍ତ ମହାର୍ଘ୍ୟ ମାନବ ଜୀବନକୁ କୌଣସି ପରିସ୍ଥିତିରେ ବି ସେମାନେ ହରେଇବା ଉଚିତ ନୁହେଁ। ଇତି, ପରଲୋକରୁ ତୁମ ପିତୃପୁରୁଷଗଣ।

ମୋ: ୯୪୩୭୪୩୬୦୭୩

## ୫୦ ବର୍ଷ ତଳର ଧରିତ୍ରୀ

### ୧୦ ସେପ୍ଟେମ୍ବର ୧୯୭୬

- ସରୋଜିନୀ ଭରଦାସ୍ୱାନଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସମାଜମଙ୍ଗଳ ବୋର୍ଡ ପୁନର୍ଗଠିତ।
- ସରକାରୀ କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ହୋଇ ଭୂଦାନ ନେତା ଆଚାର୍ଯ୍ୟ ବିନୋବା ବାଭେଙ୍କ ପ୍ରସ୍ତାବିତ ଗୋବଧ ନିରୋଧ ଆନ୍ଦୋଳନ ଓ ଅନଶନ ପ୍ରତ୍ୟାହୃତ।
- ବିଶ୍ୱର ମହାନ ବିପ୍ଳବୀ ଚୀନ ଗଣସାଧାରଣତନ୍ତ୍ରର ପ୍ରତିଷ୍ଠାତା, ଚୀନ କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ ତଥା କବି ଓ ଦାର୍ଶନିକ ମାଓ ସେ ତୁଙ୍ଗଙ୍କ ୮୬ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 7 | 8 | | |
| | 5 | | | 6 | | | | |
| | 1 | | 8 | | | 4 | 7 | |
| | 2 | | | 4 | 3 | 5 | 9 | |
| 1 | | | | | | | | |
| | | | | | | 6 | 3 | |
| | 7 | 9 | | | 4 | | | |
| | | | | | | | | |
| 6 | | | 2 | 9 | 5 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 2 | 3 | 8 | 4 | 5 | 6 |
| 8 | 6 | 3 | 7 | 4 | 5 | 2 | 1 | 9 |
| 5 | 2 | 4 | 9 | 6 | 1 | 8 | 3 | 7 |
| 9 | 4 | 2 | 3 | 1 | 7 | 6 | 8 | 5 |
| 7 | 8 | 5 | 6 | 9 | 4 | 3 | 2 | 1 |
| 3 | 1 | 6 | 8 | 5 | 2 | 9 | 7 | 4 |
| 6 | 9 | 8 | 1 | 7 | 3 | 5 | 4 | 2 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 5 | 1 | 4 | 8 | 9 | 7 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେରଳ ଢାଞ୍ଚାରେ ଗ୍ରାମାଞ୍ଚଳର ବିକାଶ ହେଉ

ମହାଶୟ,

ରାଜ୍ୟ ସରକାର ନିକଟରେ ବହୁ ଛୋଟ ଛୋଟ ସହରକୁ ଏନ୍‌ଏସି ଓ ମ୍ୟୁନିସିପାଲିଟି ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଏହିସବୁ ଅଞ୍ଚଳରେ ଗ୍ରାମପଞ୍ଚାୟତ ମାଧ୍ୟମରେ ଯୋଜନା ପ୍ରସ୍ତୁତ ହୋଇ ଉନ୍ନତିମୂଳକ କାର୍ଯ୍ୟ ହେଉଥିଲା। ବ୍ଲକରୁ ସମସ୍ତ ପଞ୍ଚାୟତକୁ ଯାଉଥିଲା ଏବଂ ଏବେ ଢାଞ୍ଚା ବଦଳିବ। ନିକଟରେ ଘୋଷିତ ଏନ୍‌ଏସିଗୁଡ଼ିକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିବେ। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ଅଧିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ସରକାର କେରଳ ଢାଞ୍ଚାରେ ଗାଁଗୁଡ଼ିକୁ ବିକଶିତ କଲେ ଆଉ ସହରାଞ୍ଚଳ ପାଇଁ ଦାବି ହୁଅନ୍ତା ନାହିଁ। କେରଳରେ କ୍ଷୁଦ୍ର ସହରକୁ ଏନ୍‌ଏସି ବ୍ୟବସ୍ଥା ବଦଳରେ ଗ୍ରାମପଞ୍ଚାୟତକୁ ସଶକ୍ତ କରାଯାଇ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଫଳରେ ପଞ୍ଚାୟତବାସୀ ପୌରାଞ୍ଚଳ ଲାଗି ଦାବି କରୁନାହାନ୍ତି। ସାଧାରଣ ଲୋକେ ସହରାଭିମୁଖୀ ନ ହୋଇ ଗ୍ରାମରେ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ଏଣୁ ଆମ ରାଜ୍ୟରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ସଶକ୍ତ କରିବାକୁ ଉଦ୍ୟମ ହେବା ଉଚିତ।

–ନିର୍ମଳ ଚନ୍ଦ୍ର ସାମଲ, ପୋଖରିପୁଟ, ଭୁବନେଶ୍ୱର

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି–ନିବିଡ଼େ ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ ।
–(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡିରୁ ଇସ୍ତଫା ଦେଲେ ଭାସ୍କର ରାଓ, ହିମିରିକା

ରାୟଗଡ଼ା,୯।୯
(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଦକ୍ଷିଣ ଓଡ଼ିଶାର ଚାଣକ୍ୟ ନେତା ଏନ୍. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନଙ୍କ ସହ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ଲୋକମାନଙ୍କ ସେବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଥିବା ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାସ୍କର ରାଓ ସୂଚନା ଦେଇଛନ୍ତି। ଗତ ୪ ତାରିଖରେ ରାୟଗଡ଼ା ବିଜେଡି ଜିଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା ପରେ ଜିଲା ବିଜେଡିରେ ଦେଖାଦେଇଥିଲା ବିବାଦ। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତ୍ତିକୁ ଜିଲାରେ ବରିଷ୍ଠ ନେତା, କର୍ମୀ ଗ୍ରହଣ କରି ନ ଥିଲେ। ଏ ନେଇ ଜିଲାର ବହୁ ନେତା ଓ କର୍ମୀ ଭାସ୍କର ରାଓଙ୍କ ଘରେ ବୈଠକ କରିଥିଲେ। କର୍ମୀଙ୍କ ନିଷ୍ପତ୍ତି ପ୍ରକାରେ ଭାସ୍କର ରାଓଙ୍କ ସହ ଜିଲାର ବହୁ ବରିଷ୍ଠ ନେତା ଓ କର୍ମୀ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳର ପ୍ରାଥମିକ ସଦସ୍ୟ ଛାଡ଼ିବା ସାଙ୍ଗକୁ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଏଭଳିକି ୪ ତାରିଖରେ କାର୍ଯ୍ୟକାରୀ ସଭାପତି ପଦ ପାଇଥିବା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ୩ ଜିଲା ପରିଷଦ ସଭ୍ୟ, ୩ ବ୍ଲକ ଅଧ୍ୟକ୍ଷଙ୍କ ସମେତ କେସିସି ବ୍ୟାଙ୍କ ନିର୍ଦ୍ଦେଶକ, ଆର୍‌ଏମ୍‌ସି ସଭାପତି, ଲ୍ୟାମ୍ପସ ସଭାପତି ଓ ଅନ୍ୟମାନେ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ରାଇଫି ବିଡ଼ିକା, ଭି.ଗୌରୀ ଜୟନ୍ତୀ, ଚୁନି ହୁଇକା, ହରପ୍ରସାଦ ହେପୃକା, କଣ୍ଡ ମାଝି, ସନ୍ଧ୍ୟାରାଣୀ ପୁଲାକା, ପ୍ରଶାନ୍ତ କୁଲେସିକା, ମଣିମାଳା ଶବର, ପତି କ୍ରାସ୍କା, ତିରୁପତି ବାନାଗାଡ଼ି, ବିନାୟକ କର, ଅମିୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ଚନ୍ଦ୍ରକାନ୍ତ ସାମଲ, ଅମିତ ନାୟକ, ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ପ୍ରାୟ ୪୦ଜଣ ବିଜେଡିର ବିଭିନ୍ନ ପଦବୀରୁ ଇସ୍ତଫା ଦେବା ସହ ବହୁ ସଂଖ୍ୟାରେ କର୍ମୀ ଦଳର ପ୍ରାଥମିକ ସଦସ୍ୟତା ଛାଡ଼ିଛନ୍ତି। ଏହି ଅବସରରେ ଖବରଦାତା ସମ୍ମିଳନୀରେ ଭାସ୍କର କହିଛନ୍ତି, ୧୯୭୪ ମସିହାରୁ ବିଜୁ ପଟ୍ଟନାୟକଙ୍କ ଆବାହନରେ ଜନତା ଦଳରେ ଯୋଗଦେଇ ରାଜନୀତି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାରମ୍ଭରୁ ବିଜେଡିରେ ରହି କଂଗ୍ରେସର ଅଭେଦ୍ୟ ଗଡ଼ ଅବିଭକ୍ତ କୋରାପୁଟ ଜିଲାରେ ବିଜେଡିକୁ ସଶକ୍ତ କରିଥିଲେ। ରାଜ୍ୟ ସଭା ସଦସ୍ୟ ସହ ଦଳୀୟ ପଦବୀରେ ରହି ନିଷ୍ଠାର ସହିତ ଦଳ ପାଇଁ କାମକରି ନିଜର ଦୁଇ ଭାଇଙ୍କୁ ହରାଇବା ସମେତ ବହୁ କିଛି ହରାଇଛନ୍ତି। ଗତ କିଛି ବର୍ଷ ହେବ ରାଜ୍ୟସ୍ତରୀୟ ନେତାମାନେ ଭାସ୍କର, ପୂର୍ବତନ ମନ୍ତ୍ରୀ ହିମିରିକାଙ୍କ ସମେତ ଜିଲାର ବହୁ ବରିଷ୍ଠ ନେତାଙ୍କୁ ଦଳରେ ଅଣଦେଖା କରିବା ଅତି ଦୁଃଖଦ ବୋଲି ଭାସ୍କର କହିଛନ୍ତି। ତେବେ ସେ ଦଳରୁ ଦୂରେଇଯାଇଥିଲେ ମଧ୍ୟ ଜିଲାବାସୀଙ୍କ ସେବା କରିବା ଛାଡ଼ିବେନାହିଁ ଏବଂ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରିଚାଲିବେ ବୋଲି କହିଛନ୍ତି। ଏହ ଅବସରରେ ଜିଲାରେ ସମାଜସେବା କରିବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ନାମରେ ଏକ ସଂଗଠନର ଶୁଭାରମ୍ଭ କରିଛନ୍ତି ଭାସ୍କର ଏବଂ ତାଙ୍କ ଟିମ୍। ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ କେଉଁ ଦଳକୁ ସମର୍ଥନ କରିବେ ବୋଲି ପଚାରିବାରୁ ଉତ୍ତମ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି କହିଥିଲେ। ତେବେ ଯଦି ବିଜେଡି ପୁଣି ଥରେ ଦଳକୁ ଫେରିବାକୁ କୁହେ, କ'ଣ କରିବେ ବୋଲି ପଚାରିବାରୁ ଜିଲାର ନେତା ଓ କର୍ମୀଙ୍କ ନିଷ୍ପତ୍ତି ଆଧାରରେ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତେଣୁ ସେମାନଙ୍କୁ କେବେବି ଅପମାନ ହେବାକୁ ଦେବେ ନାହିଁ ବୋଲି କହିଛନ୍ତି। ହେଲେ ଭାଜପା ଓ କଂଗ୍ରେସର ହାତ ମଧ୍ୟ ଧରିବେ ନାହିଁ ବୋଲି ଭାସ୍କର ସ୍ପଷ୍ଟ କରିଛନ୍ତି। ପ୍ରକାଶ ଥାଉକି, ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଗୋଷ୍ଠୀ ବିବାଦ ଉଗ୍ର ରୂପ ନେଇଥିଲା। ଏହି ଗୋଷ୍ଠୀ ବିବାଦ କାରଣରୁ ୨୦୧୯ରେ ରାୟଗଡ଼ା ନିର୍ବାଚନମଣ୍ଡଳୀ ସମେତ କୋରାପୁଟ ଲୋକ ସଭା ଆସନ ମଧ୍ୟ ବିଜେଡି ହାତରୁ ଚାଲିଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ କୋରାପୁଟ ଲୋକ ସଭା ସମେତ ଜିଲାର ୩ଟି ବିଧାନସଭା ଆସନ ବିଜେଡି ହାତରୁ ଚାଲିଯାଇଥିଲା।



ବିଜୁ ସ୍ୱାଭିମାନ ମଞ୍ଚ ପୋଷ୍ଟର ନିକଟରେ ଏନ୍.ଭାସ୍କର ରାଓ, ଲାଲବିହାରୀ ହିମିରିକା ଏବଂ ବିଜେଡିରୁ ଇସ୍ତଫା ଦେଇଥିବା ଅନ୍ୟ ନେତା ଓ କର୍ମୀ।

- ୪୦ରୁ ଊର୍ଦ୍ଧ୍ୱ ଦଳୀୟ ନେତା, ବହୁ କର୍ମୀଙ୍କ ଇସ୍ତଫା
- ସମାଜସେବା ପାଇଁ ଆରମ୍ଭ କଲେ ବିଜୁ ସ୍ୱାଭିମାନ ମଞ୍ଚ

# ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ

## ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ



ପ୍ରତିବର୍ଷ ସମଗ୍ର ପୃଥିବୀରେ ପ୍ରାୟ ୭,୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ 'ଆତ୍ମହତ୍ୟା'ରେ ହିଁ ଯାଉଥାଏ। ପ୍ରତ୍ୟେକ ଜୀବନ ହରାଇବାର ସାମାଜିକ, ଭାବପ୍ରବଣ ଏବଂ ଆର୍ଥିକ ପରିଣାମ ରହିଛି; ଯାହା ପରିବାର, ବନ୍ଧୁ, କର୍ମକ୍ଷେତ୍ର ଏବଂ ସମଗ୍ର ସମ୍ପ୍ରଦାୟକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ତେବେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ୨୦୦୩ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗିତାରେ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ଦ୍ୱାରା ଆରମ୍ଭ ହୋଇଥିଲା 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ'। ସେବେଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ପାଳିତ ହୋଇଆସୁଛି ଏହି ଦିବସ। ଏହି ଦିବସ ଲାଗି ରହିଥିବା ତ୍ରିବାର୍ଷିକ (୨୦୨୪-୨୦୨୬) ବିଷୟବସ୍ତୁରେ ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି। ଏହି ବିଷୟବସ୍ତୁ ଆମ ସମସ୍ତଙ୍କୁ କ୍ଷତିକାରକ ମିଥ୍ୟାକୁ ଚ୍ୟାଲେଞ୍ଜ କରିବା, ଅପମାନ ହ୍ରାସ କରିବା ଏବଂ ଆତ୍ମହତ୍ୟା ବିଷୟରେ ଖୋଲା, କରୁଣାପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବା ଲାଗି ଆହ୍ୱାନ କରେ। ଏହା ନୀରବତା ଏବଂ ଭୁଲ ବୁଝାମଣାରୁ ଖୋଲା, ସହାନୁଭୂତିପୂର୍ଣ୍ଣ ସମର୍ଥନ ଆଡ଼କୁ ପରିବର୍ତ୍ତନ କରିବା ବିଷୟରେ ଗୁରୁତ୍ୱ ଦେଇଥାଏ। ଅର୍ଥାତ୍ ଏଭଳି ପରିବେଶ ସୃଷ୍ଟି କରିବା ଆବଶ୍ୟକ, ଯେଉଁଠାରେ ଲୋକମାନେ ଖୋଲାମନରେ କଥା ହେବାକୁ ଏବଂ ସାହାଯ୍ୟ ପାଇବାକୁ ସକ୍ଷମ ଅନୁଭବ କରନ୍ତି।

ଆତ୍ମହତ୍ୟା ପରିବର୍ତ୍ତନ କରିବା ଅର୍ଥ ମଧ୍ୟ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବା। ଏହା ସାର୍ବଜନୀନ ନୀତିରେ ଆତ୍ମହତ୍ୟା ନିବାରଣ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରେ। ସରକାର ଏବଂ ଅନୁଷ୍ଠାନଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରେ। ଏଥିରେ ପ୍ରମାଣ-ଆଧାରିତ ରଣନୀତି ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା, ଗୁଣାତ୍ମକ ଯତ୍ନ ପାଇଁ ପହଞ୍ଚିବା ଏବଂ ସଙ୍କଟରେ ଥିବା ଲୋକମାନଙ୍କୁ ଆବଶ୍ୟକ ସମର୍ଥନ ଦେବା ଆଦି ଅନ୍ତର୍ଭୁକ୍ତ।

# ଭାସ୍କର, ହିମିରିକାଙ୍କ ଇସ୍ତଫା ଦଳ ଉପରେ କିଛି ପ୍ରଭାବ ପକାଇବ ନାହିଁ: ବିଜେଡି

ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)

ଦକ୍ଷିଣ ଓଡ଼ିଶାର ବରିଷ୍ଠ ନେତା ଏନ୍.ଭାସ୍କର ରାଓ, ଲାଲ୍ ବିହାରୀ ହିମିରିକା ମଙ୍ଗଳବାର ବିଜେଡି ଛାଡ଼ିଛନ୍ତି। ଏଥି ସହ ଏକ ନୂଆ ଆଞ୍ଚଳିକ ଦଳ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଛନ୍ତି। ଏହି ଅବସରରେ ସେ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ଭାସ୍କର ରାଓଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଓ ରାୟଗଡ଼ା ଜିଲାର ବିଜେଡିର କିଛି କର୍ମକର୍ତ୍ତା ଇସ୍ତଫା ଦେଇଥିବା ବେଳେ ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଦଳର ସଙ୍ଗଠନ ରାଜ୍ୟରେ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ଲେନିନ୍ କହିଛନ୍ତି।

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୯।୯(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୪ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ବରଗଡ଼(ପଦ୍ମପୁର) ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

ସେହିପରିଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଦୁଃଖବନ୍ଧୁନାୟକଙ୍କୁମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ରୂପେ ବଦଳି କରାଯାଇଥିବାବେଳେ ବିଡିଏ ଉପାଧ୍ୟକ୍ଷ ପରେଶ କୁମାର ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଏବଂ ଯୁଧିଷ୍ଠିର ମେହେରଙ୍କୁ କେନ୍ଦୁଝର(ଆନନ୍ଦପୁର) ଅତିରିକ୍ତ ଉପଜିଲାପାଳ ଭାବେ ବଦଳି କରାଯାଇଛି। ସମ୍ପୃକ୍ତ ଅଧିକାରୀମାନଙ୍କୁ ଚଳିତମାସ ୧୦ ତାରିଖ ସୁଦ୍ଧା ନୂତନ ବଦଳି ସ୍ଥାନରେ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. CMSSBPLP252701B

କାର୍ଯ୍ୟର ବିବରଣୀ : "ଦୁଇ ଆଲଗ ବେଳା ତାରିଖ ଠାରୁ 02 (ଦୁଇ) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ନିମନ୍ତେ ଦୈନନ୍ଦିନ ସ୍ଥାନୀୟ କ୍ରୟ ବଦଳରେ (କ) ଔଷଧ, (ଖ) ସର୍ଜିକାଲ ଆଇଟମ୍ ଓ (ଗ) ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଦର ଚୁକ୍ତି (Rate Contract)। ବିକ୍ରେତାମାନଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରୁପ୍ ନିମନ୍ତେ ପ୍ରଥକ ଭାବରେ ପ୍ରତିଶତରେ କିମ୍ବା 01 ଟଙ୍କା ଉପରେ ରିହାତି (Discount) ଦର କୋଟ୍ (Quote) କରିବା ଆବଶ୍ୟକ।

ବର୍ଷ 2024-25ରେ ଆନୁମାନିକ ମୂଲ୍ୟ (ପ୍ରତି ବର୍ଷ) : ₹ 9,60,000/-, EMD : ₹ 19,200/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 23.09.2025 (ମଙ୍ଗଳବାର) 1500 ଘଣ୍ଟାରେ

ଆଗ୍ରହୀ ବିକ୍ରେତା / ଔଷଧ କମ୍ପାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ୱେବସାଇଟ୍ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି। ୱେବସାଇଟ୍ : www.ireps.gov.in

ମୁଖ୍ୟ ଚିକିତ୍ସା ଅଧୀକ୍ଷକ / ରେଳ / ସମ୍ବଲପୁର

PR-573/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

[illegible]

... ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-606)



**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, JASHPUR (C.G.)**

**CORRIGENDUM No. 1**

IN NIT No.: 02/SAC/2025-26, Dated: 25.08.2025, System Tender No. 174034 (1st Call), whose G-Number 252603083 following amendments are made-

| S. No. | Particulars | Previous Published: Clubbed Quantity | Previous Published: Clubbed Rate | Amendment As: Clubbed Quantity | Amendment As: Clubbed Rate |
|---|---|---|---|---|---|
| 1 | Item Rate Tender Form - B (Envelope - 'C') Annexure - I Schedule of Quantities (i) S. No. 03 in Column 3 & 4 | 8719.85 | 2711.28 | 5442.27 | 4344.14 |
| 2 | Item Rate Tender, Form - B (Envelope - 'C') Annexure - I Physical Turnover S. No. 2 All type of Concrete in Structures other than lining | 10394.71 / 11/12 × 0.50 = **5669.84** **(Say 5670.00 Cum)** | | 7117.13 / 11/12 × 0.50 = **3882.07** **(Say 3882.00 Cum)** | |
| 3 | Online tenders are invited upto 22.09.2025, 17.30 Hours | | | | |
| 4 | Bid open date and time 23.09.2025 at 11.30 hours | | | | |

All other terms and conditions of NIT will remain unchanged.

Sd./- Executive Engineer
Water Resources Division, Jashpur (C.G.)
For, Chief Engineer, Hasdeo Ganga Basin, Ambikapur (C.G.)

G-252603330/1



**GOVERNMENT OF ODISHA** No. B-489
**"e" - PROCUREMENT NOTICE**
**WORKS DEPARTMENT**
Bid Identification No. CCEKC - 10/2025-26
e-mail: ccekeonjharpwdcircle@gmail.com/sekcpwd_keonjhar@yahoo.com
Letter No. 4352 Dt.02.09.2025

1. No. of the Work : 2 Number of Road Works
2. Estimated Cost : Rs.105.37 Lakhs to Rs.451.72 Lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months to 06 (Six) Calendar Months
5. Date and time of availability of Bid document in the portal : From 11.00 hours of 11.09.2025 to 16.00 hours of 25.09.2025
6. Last date/time for receipt of bids in the portal : 16.00 hours of 25.09.2025
7. Date of opening of Bid from portal : 11.30 hours on 26.09.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0090/2526



GOVERNMENT OF ODISHA No. B-492
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID: sepwdsbp@rediffmail.com
**e-Procurement**
BID IDENTIFICATION No. CCENC (R AND B)/09/2025-26
No. 3177 Dtd.02.09.2025

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works as detailed in the DTCN from the eligible class of contractors.
2. No. of Works : 10 (Ten) (Road Work)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special" Class
5. Date & time of available in website & receipt of Bids : From 11.09.2025 to 17.00 hours of 26.09.2025
6. Date of opening of technical Bid : 03.10.2025 at 11.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0039/2526



**Government of Odisha, e-Procurement Notice**
**Invitation for Bids (IFB)**
**Bid Identification No. C.C.E. Dkl. (R&B) 07/2025-26**
Email Id: sedklpwd@gmail.com
Letter No. 1920 Dt.04.09.2025

No. B-496: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:

1. Name of the work : Road & Building works
2. No. of Works : 08 (Eight) Nos
3. Estimated Cost : Rs.1.11 Crore to 7.51 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, 'A' Class & 'Special' Class (as given in Column No. 07 of Table)
6. Period of Completion of Work : 05 (Five) to 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.11.09.2025 to 5.00 P.M. of Dt.25.09.2025
8. Date of Opening of Bid : Dt.26.09.2025 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0038/2526



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada
**"e" Procurement Notice for Weir on Bridge Work**
No. O-722
Identification No. Online Tender - Weir on Bridge N.C.B. No. 391 for 2025-26
Letter No. 3489 Date: 04.09.25

1. Name of the Work : Construction of Weir adjacent to H.L. Bridge over Local Nallah at 2nd Km on Gundliguda to Bhandan Road in the district of Mayrbhanj
2. Total No. of Work : 01 No. (One)
3. Estimated Cost : Rs.118.19 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding: From | Availability of tender Online for Bidding: To | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada: Technical Bid | Date & time of Opening of Tender in O/o. C.C.E., .R.W. Circle, Baripada: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge Online N.C.B. No. 391 | Dt.11.09.2025 at 11.00 A.M. | Dt.25.09.2025 upto 5.00 P.M. | Dt.24.09.2025 upto 5.00 P.M. | Dt.26.09.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0055/2526
Sd./- Er. A.K. Naik, Chief Construction Engineer, R.W. Circle, Baripada



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**
Unit - IX (Near Boys High School), P.O.: Bhoinagar, BBSR, Email: se_ccrw@yahoo.co.in, Phone No.: 0674-2540742 (O)
No. 3993 Dtd.06.09.25
**1st Corrigendum to Bid Identification No. Tender Online - C.C. 15 of 2025 Dated: 01.08.2025 invited vide this office Lr. No. 3615 Dated: 01.08.2025**

No. O-737: The date of availability of tender, date of opening of Technical Bid and Financial Bid invited vide this office NIT No. Tender Online-C.C. 15 of 2025 Dated: 01.08.2025 issued vide this office Lr. No. 3615 Dated: 01.08.2025 is hereby reschedule as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for Bidding: Upto | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 15 of 2025 | 26.09.2025 at 5.00 P.M. | 03.10.2025 at 11.00 A.M. | To be intimated later |

All other conditions remain unaltered.
OIPR-25082/11/0006/2526
Sd./- Chief Construction Engineer
Central Rural Works Circle, Bhubaneswar



No. W-44

ନ୍ୟାୟ ସବ କେ ଲିଏ — ACCESS TO JUSTICE FOR ALL

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
## ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)
### ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଲଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com

OIPR-18008/11/0020/2526



No. CAD-1486

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: VISC(LEM)Proj-64/24-25/15152 ତାରିଖ: 11.08.2025

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ମୂର୍ତ୍ତି ନିର୍ମାଣରେ ପୋଡ଼ା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**

Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।

ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf।

ସ୍ୱା./– ସଦସ୍ୟ ସଚିବ

OIPR-08012/11/0336/2526

# ଶ୍ମଶାନରୁ ଲୁହା ତାରବାଡ଼ ଚୋରି

ଧାମନଗର,୯ା୯ (ସନ୍ତୋଷ କୁମାର ମହାପାତ୍ର):

ଧାମନଗର ବ୍ଲକ ଭଗବାନପୁର ମୁଖ୍ୟ ବଜାରଠାରୁ ଅନହରପୁର ଗ୍ରାମକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ କିଛି ଦୂରରେ ଥିବା ନିଶଲା ଶ୍ମଶାନରେ ଲାଗିଥିବା ଲୁହା ତାରବାଡ଼କୁ ନିକଟରେ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ପ୍ରାୟ ୨ ବର୍ଷ ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରାୟ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ହୋଇଥିଲା। ଏହି ଶ୍ମାଶନରୁ ଲୁହା ତାରଜାଲି ସହ ଏଠାରେ ଥିବା ଏକ ନଳକୂପ ଚୋରି ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହି ଚୋରିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ନିଛାଟିଆ ସ୍ଥାନରେ ଶ୍ମଶାନଟି ରହିଥିବାରୁ ଏଠାରୁ ଚୋରି ହୋଇଥିବା ବେଳେ ସେ ଏ ସମ୍ପର୍କରେ ଜାଣିନାହାନ୍ତି। ଚୋରି ହୋଇଥିଲେ ସେ ଏହାକୁ ନିନ୍ଦା କରୁଛନ୍ତି ବୋଲି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ କହିଛନ୍ତି। ପୂର୍ବ ସରକାରଙ୍କ ସମୟରେ ପଞ୍ଚାୟତ ସମିତି ପକ୍ଷରୁ ଏହି ଶ୍ମଶାନର ଉନ୍ନତୀକରଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏବେ ନଷ୍ଟଭ୍ରଷ୍ଟ ହୋଇଗଲାଣି। ଚୋରି ଘଟଣାକୁ ସେ ନିନ୍ଦା କରୁଛନ୍ତି ବୋଲି ସମିତିସଭ୍ୟ ସୁଦୀପ୍ତ ଖଟୁଆ କହିଛନ୍ତି।

# ୧୮ରୁ ଡିଜିପିଏସ୍ ସର୍ଭେ

## ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ସମୀକ୍ଷା ବୈଠକ

ଭଦ୍ରକ,୯ା୯ (ସନାତନ ରାଉତ):

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ଧାମନଗର ଛକଠାରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଆସନ୍ତା ୧୮ ତାରିଖରୁ ଡିଜିପିଏସ୍ (ଡିଫେରିନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ସର୍ଭେ କାମ ଆରମ୍ଭ ହେବ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଟେକ୍ସଟାଇଲ ପାର୍କ ଓ ଶିଳ୍ପ ପାର୍କ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ବିଷୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏନେଇ ସୂଚନା ଦିଆଯାଇଛି।

ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଇଡ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଡ. ସୁରେଶ କୁମାର ଦଳେଇ, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ପ୍ରତିହାରୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ଭଣ୍ଡାରିପୋଖରୀ ତହସିଲଦାର ରୋଜାଲିନ ବେହେରା ଓ ଟିମ୍ ଲିଡର ଦୀପା ସୁବ୍ରତ ସ୍ୱାଇଁ ଯୋଗ ଦେଇଥିଲେ। ଧାମନଗର ଛକଠାରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିମନ୍ତେ ୩ଟି ମୌଜାର ମୋଟ ୨୧୭ ଏକର ଜମି ଅଧିଗ୍ରହଣ କରାଯାଇଛି। ଏହାବାଦ୍ ୧୭ ଏକର ସରକାରୀ ଜମି ଅନ୍ତର୍ଭୁକ୍ତ ଅଛି। ପ୍ରଥମ ପର୍ଯ୍ୟାୟରେ ୫୯ ଏକର ଜମି ଆଇଓସିଏଲ୍‌କୁ ହସ୍ତାନ୍ତର କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୭୦ ଏକର ଆଇଓସିଏଲ୍‌କୁ ଓ ୧୦୫ ଏକର ଜମି ଏମ୍‌ସିପିଏଲ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଯୋଗାଇବା ପାଇଁ ପ୍ରକ୍ରିୟା ଚାଲିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ପ୍ରାଧାନ୍ୟ ଦେବା ସହ ହସ୍ତାନ୍ତର ହେବାକୁ ଥିବା ପ୍ରସ୍ତାବିତ ଜମିକୁ ସରଳୀକରଣ କରିବା ଉପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଜିପିଏସ୍ ସର୍ଭେ କାମ ଆରମ୍ଭ ହେବା ନେଇ ଇଡ୍‌କୋ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପ୍ରକଳ୍ପ ମଧ୍ୟରେ ଯାତାୟତ ପାଇଁ ଏକ ନୂତନ ରାସ୍ତା ନିର୍ମାଣ ଲାଗି ଜମି ଚିହ୍ନଟ ନିମନ୍ତେ ଇଡ୍‌କୋ, ଆଇଓସିଏଲ୍, ତହସିଲଦାର ଏବଂ ଜଳସେଚନ ବିଭାଗର କର୍ମଚାରୀଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକଳ୍ପ ସ୍ଥାନ ମଧ୍ୟରେ ଅନ୍ୟୁନ ୫ ଏକର ଜମି ବୈଦ୍ୟୁତିକ ସବ୍‌ଷ୍ଟେଶନ ପାଇଁ ଚିହ୍ନଟ କରାଯିବ। ପ୍ରକଳ୍ପ ମଧ୍ୟରେ ଥିବା ଜଙ୍ଗଲ ଜମି ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଭଣ୍ଡାରିପୋଖରୀ ବିଡିଓ ଏବଂ ତହସିଲଦାରଙ୍କୁ ତାଗିଦ୍ କରିଥିଲେ।


ସମୀକ୍ଷା ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

# ଅନନ୍ୟ ପ୍ରତିଭା ଅନ୍ୱେଷା

## ୮ ବର୍ଷ ବୟସରେ ବହୁ ରେକର୍ଡର ଅଧିକାରୀ

ବାସୁଦେବପୁର,୯ା୯ (କାଳିପଦ ରାୟ):



ମାତ୍ର ୮ବର୍ଷ ବୟସରେ ତାଙ୍କ ଭିତରେ ଭରି ରହିଛି ଅସାଧାରଣ ଜ୍ଞାନ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ସହ ସର୍ବଭାରତୀୟ ପ୍ରତିଯୋଗିତାରେ ମଧ୍ୟ ସେ ସଫଳତା ହାସଲ କରିଛନ୍ତି। ସେହିପରି ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ସେ ସାମିଲ କରିପାରିଛନ୍ତି। ଏହି ଅନନ୍ୟ ପ୍ରତିଭା ହେଉଛନ୍ତି ବାସୁଦେବପୁର ପୌରାଞ୍ଚଳର ଅନ୍ୱେଷା ସାହୁ। ୪ର୍ଥ ଷ୍ଟାଣ୍ଡାର୍ଡରେ ପଢୁଥିବା ଅନ୍ୱେଷା ବହୁ ରେକର୍ଡ କରି ଚର୍ଚ୍ଚାକୁ ଆସିଛନ୍ତି। ଭାରତୀୟ ସଂସ୍କୃତି, ପରମ୍ପରା ଉପରେ ଆଧାରିତ ପୌରାଣିକ, ବୈଜ୍ଞାନିକ, ଆଧ୍ୟାତ୍ମିକ ଓ ସାମ୍ପ୍ରତିକ ସମସ୍ୟା ବିଷୟରେ ଅନ୍ୱେଷା ଅସାଧାରଣ ଜ୍ଞାନ ଅର୍ଜନ କରିଛନ୍ତି। ସେ ପ୍ରଥମେ ୪ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ ହୋଇଥିଲେ। ୨୦୨୧ ଅକ୍ଟୋବରରେ ଦିଲ୍ଲୀଠାରେ ଆୟୋଜିତ ସର୍ବଭାରତୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିଲେ। ୫ବର୍ଷ ବୟସରେ ୨୦୨୨ ଜାନୁଆରୀ ୩୧ରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ ପ୍ରତିଯୋଗିତାରେ ଭାଗନେଇ ୪୩୦ ସାଧାରଣ ଜ୍ଞାନ ପ୍ରଶ୍ନର ଠିକ୍ ଉତ୍ତର ଦେଇ ସେ ବିଜୟୀ ହୋଇଥିଲେ। ୨୦୨୨ ନଭେମ୍ବର ୨୯ରେ ସାଧାରଣ ଜ୍ଞାନ ଉପରେ ଆଧାରିତ ୧୦୦୦ ପ୍ରଶ୍ନର ଉତ୍ତର ୫୬ ମିନିଟ୍ ୮ ସେକେଣ୍ଡରେ ଦେଇ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ ହୋଇଥିଲେ। ଏଥିସହ ୨୦୨୩ ମେ ୨୫ରେ ସୌର ଜଗତ ଉପରେ ଆଧାରିତ ୧୮୦ ପ୍ରଶ୍ନର ଉତ୍ତର ଦେଇ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲେ। ଚଳିତବର୍ଷ ଜୁନ୍ ୬ରେ ଇସ୍ରୋ ଉପରେ ଆଧାରିତ ୧୫୨ ପ୍ରଶ୍ନର ଠିକ୍ ଉତ୍ତର ଦେଇ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ ହୋଇଛନ୍ତି। ଏହାବ୍ୟତୀତ ରାଜ୍ୟସ୍ତରୀୟ ସୁନ୍ଦର ହସ୍ତାକ୍ଷର ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସେ କୃତିତ୍ୱ ଅର୍ଜନ କରିଛନ୍ତି। ଭଦ୍ରକ ବ୍ଲକର ଇଚ୍ଛାପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ପଢୁଥିବା ଅନ୍ୱେଷା ୩୨ ପୃଷ୍ଠା ସମ୍ବଳିତ ସୋଲାର ସିଷ୍ଟମ ଉପରେ ଏକ ପୁସ୍ତକ ରଚନା କରିଛନ୍ତି। ଭବିଷ୍ୟତରେ ସେ ଜଣେ ମହାକାଶ ବିଜ୍ଞାନୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ବାପା ଇଂ. ମନୋଜ ସାହୁ ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ରୋଜାଲିନ ଜଣେ ଗୃହିଣୀ। ମା', ବାପା, ଆତ୍ମୀୟସ୍ୱଜନ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରେରଣା ଯୋଗୁ ସେ ଏହି ସଫଳତା ପାଇଥିବା ଅନ୍ୱେଷା କହନ୍ତି।

# ୨ରୁ ଆନ୍ଦୋଳନକୁ ଓହ୍ଲାଇବ ଓସା


ଓସାର କର୍ମକର୍ତ୍ତା ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚାନ୍ଦବାଲି,୯ା୯ (ରତିକାନ୍ତ ବାରିକ୍):

ଦୀର୍ଘବର୍ଷରୁ ଭଦ୍ରକ ଜିଲାବାସୀଙ୍କ ଯଥାର୍ଥ ଦାବିକୁ ପୋର୍ଟ କମ୍ପାନୀ ଅଣଦେଖା କରିଆସୁଛି। ଲୋକଙ୍କ ପାଇଁ ୫ ଦଫା ଦାବି ନେଇ ଓସା (ଓଡ଼ିଶା ସୂଚନାଧିକାର ଅଭିଯାନ) ଭଦ୍ରକ ଶାଖା ଆସନ୍ତା ଅକ୍ଟୋବର ୨ରୁ ଆନ୍ଦୋଳନକୁ ଓହ୍ଲାଇବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ ଜାରି ରହିବ। ମଙ୍ଗଳବାର ଦ୍ୱିତୀୟ ଥର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କମ୍ପାନୀ ସହ ଆଲୋଚନା କରିବାକୁ ଜିଲାର ୭ ବ୍ଲକରୁ ୫୦ରୁ ଊର୍ଦ୍ଧ୍ୱ ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ଅନୁରୋଧ କରିଛନ୍ତି।

ଜିଲାରେ କେବଳ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ବହୁମୁଖୀ ଅତ୍ୟାଧୁନିକ ଜେରିଆଟ୍ରିକ ହସ୍ପିଟାଲ ପ୍ରତିଷ୍ଠା, ସର୍ବାଧିକ ଯୁବାବର୍ଗଙ୍କୁ ନିଯୁକ୍ତି, ଭୂତଳ ଜଳକୁ କମ୍ପାନୀରେ ବ୍ୟବହାର କରା ନ ଯାଇ ସମୁଦ୍ର ଜଳକୁ ଉପଯୋଗ କରି ବ୍ୟବହାର କରାଯିବା, ସାମୁଦ୍ରିକ ବାଲି ଚଢ଼ା ଖୋଳି କମ୍ପାନୀ ସୀମା ବର୍ଦ୍ଧିତ କାର୍ଯ୍ୟକୁ ବନ୍ଦ କରି ଭିତରକନିକା ଏବଂ କାଳୀଭଞ୍ଜଡିହା ଜଙ୍ଗଲର ସୁରକ୍ଷା, ଆଞ୍ଚଳିକ ଉନ୍ନୟନ କମିଟିରେ ଖବରଦାତା, ଆଇନଜୀବୀ, ସାମାଜିକ କର୍ମୀ, କୃଷକ ଏବଂ ପରିବେଶବିତ୍‌ମାନଙ୍କୁ ନିଆଯିବା ସହ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଆଦି ଦାବି କରାଯାଇଛି। ଜିଲାପାଳ ଖୁବ୍‌ଶୀଘ୍ର ପଦକ୍ଷେପ ନେବା ପାଇଁ ଦ୍ୱିତୀୟ ଥର ପ୍ରତିଶ୍ରୁତି ଦେଇଛନ୍ତି। ଓସାର ଆବାହକ ବିଶ୍ୱକେଶରୀ ମହାନ୍ତି, ସଭାପତି ପ୍ରକାଶ ଜେନା, କାର୍ଯ୍ୟକାରୀ କମିଟିର ବିପ୍ଳବ ହୋତା, ରବି ଦାସ, ବିକାଶ ଧଳ, ସୁଶାନ୍ତ ଘଡ଼େଇ, ସୁଶୀଲ ବାରିକ୍, ପ୍ରଫୁଲ୍ଲ ପାଢ଼ୀ, ଅମର ମିଶ୍ର, ଗଣେଶ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, ବସନ୍ତ ନାୟକ, ନରେନ୍ଦ୍ର ଦାସ, ପ୍ରଶାନ୍ତ ବେହେରା, ଭରତ ମହାଳିକ, ନିତ୍ୟାନନ୍ଦ ଦାସ, ଆଇନଜୀବୀ ମାଧବାନନ୍ଦ ନାୟକ, ରତିକାନ୍ତ ସାହୁ, ପ୍ରମୋଦ ବେହେରା, ଶରତ ସେନାପତି, ଅଶୋକ ସାହୁ, ତପନ ପଣ୍ଡା, ରବି ସ୍ୱାଇଁ, ଅର୍ଜୁନ ସେଠୀ, ବ୍ରଜ ଦାସ, ବିନୟ ଗୋପାଳ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ,୯ା୯ (ରବିନାରାୟଣ ଖିଲାର):

ଭଦ୍ରକ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ବାଗୁରାଇ ପିଏମ୍‌ଶ୍ରୀ ବିନ୍ଧୁମାଧବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ବ୍ଲକ କ୍ରୀଡ଼ା ସମ୍ପାଦକ ମାନସ କୁମାର ନାୟକଙ୍କ ସଂଯୋଜନାରେ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ, ବନ୍ଧଗାଁ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲା କ୍ରିକେଟ ସମ୍ପାଦକ ଉପେନ୍ଦ୍ର କୁମାର ବାରିକ ଏବଂ ରମ୍ଭିଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ଅମୂଲ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ସମୁଦାୟ ୩୬୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କବାଡ଼ି, ଖୋ ଖୋ, ଫୁଟ୍‌ବଲ, ହ୍ୟାଣ୍ଡବଲ, ବାସ୍କେଟବଲ, ନେଟ୍‌ବଲ୍ କରାଟେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ୧୯୨ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ଚୟନ କରାଯାଇଥିଲା। ଆୟୋଜିତ ସଭାରେ ଡମ୍ବରୁଧର ବାରିକ ଅତିଥି ପରିଚୟ ପ୍ରଦାନ, ଅଶୋକ କୁମାର ପଣ୍ଡା ବେଦପାଠ ଏବଂ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ତପନ କୁମାର ମିଶ୍ର, ସଚିକାନ୍ତ ପଣ୍ଡା, ରମେଶ ଚୌଧୁରୀ, ଜୟନ୍ତୀ ନାୟକ, ଅନୁପମା ଦେବନାଥ, ସୁପ୍ରଭା ରାଉତ, ତପସ୍ୱିନୀ ଖିଲାର, ବିଳାସିନୀ ପୁହାଣ, ବିଜୟଲକ୍ଷ୍ମୀ ମଲ୍ଲିକ, ଅଶୋକ ବିଶ୍ୱାଳ, ପ୍ରଦୀପ୍ତ ପରିଜା, ବିଜୟ ସାମଲ, ବିକ୍ରମ ଦାସ, ଶିବସୁନ୍ଦର ପତି, ତନୁଶ୍ରୀ ନାୟକ, ପ୍ରିୟଙ୍କା ମିଶ୍ର, ମାନସୀ ପ୍ରଧାନ, ଶିବାଶିଷ ରାଉତ, ଶିବଶଙ୍କର ପରିଡା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୩ ସନ୍ତାନ ଜନ୍ମଦେଲେ ସନ୍ଧ୍ୟାରାଣୀ

ଧୁସୁରୀ, ୯ା୯ (ଦୀପ୍ତିରଞ୍ଜନ ନାୟକ):

ଚାନ୍ଦବାଲି ବ୍ଲକର ଆରଡ଼ି ପଞ୍ଚାୟତ ସାନପଙ୍କି ଗ୍ରାମର ସନ୍ଧ୍ୟାରାଣୀ ସାହୁ(୩୫) ସୋମବାର ରାତିରେ କଟକର ଏକ ଘରୋଇ ହସ୍ପିଟାଲରେ ୩ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହା ଏକ ବିରଳ ଘଟଣା। ପୂର୍ବରୁ ସନ୍ଧ୍ୟାରାଣୀଙ୍କର ୧୨ବର୍ଷର ଏକ ଝିଅ ଅଛନ୍ତି। ମା' ଓ ୩ ଶିଶୁ ଡାକ୍ତରଖାନାରେ ସୁସ୍ଥ ଅଛନ୍ତି। ଦୀର୍ଘବର୍ଷ ପରେ ଏକାଥରକେ ୩ ଶିଶୁ ଜନ୍ମ ହୋଇଥିବାରୁ ଏହା ବାବା ଆଖଣ୍ଡଳମଣିଙ୍କ ଦାନ ବୋଲି ସନ୍ଧ୍ୟାରାଣୀଙ୍କ ସ୍ୱାମୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି।



# ବିଲରେ ଟଳି ପଡ଼ିଲେ ଚାଷୀ

ତିହିଡ଼ି,୯ା୯ (ସଞ୍ଜିତ ବଳ):

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ ଗୋକୁଳପୁର ଗ୍ରାମରେ ମଙ୍ଗଳବାର ବିଲରେ ସାର ପକାଉଥିବା ବେଳେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗୋପୀନାଥ ମହାକୁଡ଼(୬୨)। ସେ ପୂର୍ବାହ୍ନ ୧୧ଟା ବେଳେ ତାଙ୍କ ସ୍ତ୍ରୀଙ୍କ ସହ ବିଲକୁ ସାର ପକାଇବାକୁ ଯାଇଥିଲେ। ସାର ପକାଇବା ବେଳେ ଅସୁସ୍ଥ ଅନୁଭବ କରି ବିଲ ହିଡ଼ରେ ବସିଥିବା ବେଳେ ସେଠାରେ ସେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# 'ଦରଦୀ ବନ୍ଧୁ ଥିଲେ ଦେବେନ୍ଦ୍ର'

ଆଗରପଡ଼ା,୯ା୯ (ସୁଶାନ୍ତ ଦାଶ):

ଭଦ୍ରକ ଜିଲା ଆଗରପଡ଼ାର ହେମପଦ୍ମା ଗ୍ୟାଲେକ୍ସିଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଗରପଡ଼ା ଅଞ୍ଚଳର ବିଶିଷ୍ଟ ରାଜନେତା ଓ ନାଟ୍ୟକାର ସ୍ୱର୍ଗତ ଦେବେନ୍ଦ୍ର ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୁରୁଷଣ୍ଡ ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ସ୍ୱର୍ଗତ ତ୍ରିପାଠୀ ସାଧାରଣ ଜନତାଙ୍କ ଦୁଃଖ ସୁଖର ସାଥୀ ତଥା ଦରଦୀ ବନ୍ଧୁ ଥିଲେ। ତାଙ୍କ ପରି ଜଣେ ଦକ୍ଷ ସଙ୍ଗଠକଙ୍କୁ ହରାଇ ବନ୍ତ ବ୍ଲକ ବିଜେଡିର ଜଣେ ମୁରବୀଙ୍କୁ ହରାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଜେଡିର ବରିଷ୍ଠ ସଭ୍ୟ ଅଶୋକ ପାଣିଗ୍ରାହୀ, ସାହିତ୍ୟିକ ଜଇନୁଲ ଆବେଦିନ, ମୁରଲୀ ପଣ୍ଡା, ଶ୍ରୀନାଥ ମହାନ୍ତି, ଧରଣୀ ପୃଷ୍ଟି, ବନମାଳୀ ବେହେରା, ଦୀପକ ମହାନ୍ତି, ଜଗତମୋହନ ସିଂହ, ପ୍ରହ୍ଲାଦ ବେହେରା, ରାମଚନ୍ଦ୍ର ନାୟକ, ସତ୍ୟସାଧନ ବେଜ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ମିଥ୍ୟା ମାମଲା ପ୍ରତ୍ୟାହାର ଦାବି


ଚାନ୍ଦବାଲି କୋର୍ଟ ସାମ୍ନାରେ ବେଲ୍ ପାଇଥିବା ବ୍ୟକ୍ତିମାନେ।

ଚାନ୍ଦବାଲି,୯ା୯ (କିଷାନ ପାତ୍ର):

ଧାମରା ପୋର୍ଟ ଆଗରେ ଜମି ଅଧିଗ୍ରହଣ ବିରୋଧରେ ୨୦୦୮ରେ ହୋଇଥିବା ଆନ୍ଦୋଳନ ଓ ଧାରଣାକୁ ନେଇ ପୋର୍ଟ ପକ୍ଷରୁ ଦୋସିଙ୍ଗା ପଞ୍ଚାୟତର ୧୧୦ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା। ସେମାନଙ୍କୁ ଗିରଫ କରାଯାଇ ୧ ମାସ ୧୩ ଦିନ ଜେଲରେ ରଖାଯାଇଥିଲା। ଉକ୍ତ ମାମଲାରେ ଉଭୟ ମହିଳା ଓ ପୁରୁଷ ବାରମ୍ବାର ଜାମିନରେ ଆସୁଛନ୍ତି। ମଙ୍ଗଳବାର ଚାନ୍ଦବାଲି ଦେୱାନୀ ଓ ଫୌଜଦାରୀ ଅଦାଲତରେ ଜିଆର୍ ମାମଲା (ନଂ.୬୪୨/୦୮) ମୂଳେ ୮୭ଜଣ ପ୍ରିଭିୟସ ବେଲ୍ ହୋଇଛି। ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ରାଉଳ ବିସ୍ଥାପିତଙ୍କ ପକ୍ଷରୁ ମାମଲା ଲଢୁଛନ୍ତି। ପୋର୍ଟ କର୍ତ୍ତୃପକ୍ଷ ସେମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ସହ ମାମଲା ଉଠାଇ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହେଉଛି। ମାମଲା ରହିଥିବା ଏନ୍.କେ. ଦେବଶର୍ମା, ସ୍ୱଦେଶ ରଞ୍ଜନ ପାଲ୍, ଉତ୍ତମ ମାଇତି, ତପନ ପରିଡ଼ା, ସତ୍ୟରଞ୍ଜନ ସାହୁ, ଦେବଦତ୍ତ ପାଲ୍, ପୂର୍ଣ୍ଣ ଦଳାଇ, ପୂର୍ଣ୍ଣିମା ଦାସ, ପୂର୍ଣ୍ଣିମା ସାହୁ, ମମତା ପାଲ ପ୍ରମୁଖ ସେମାନଙ୍କ ଉପରୁ ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।

# ପ୍ରାଥମିକ ବୁଣା ତାଲିମ ନେଇ ବୟନ ନିରୀକ୍ଷକଙ୍କ ପରିଦର୍ଶନ


ଗୋପୀନାଥପୁର କଲ୍ୟାଣ ମଣ୍ଡପଠାରେ ବୟନ ନିରୀକ୍ଷକ ମାଣିକ ହେମ୍ବ୍ରମ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ବନ୍ତ,୯ା୯ (ହରିନାରାୟଣ ମହାନ୍ତି):

ବନ୍ତ ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତର ୩ ମହିଳା ଗୋଷ୍ଠୀର ପ୍ରାଥମିକ ବୁଣା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ନେଇ ସୋମବାର ବାଲେଶ୍ୱର ବୟନ ନିରୀକ୍ଷକ ମାଣିକ ହେମ୍ବ୍ରମ ଗୋପୀନାଥପୁର, ତାଜିପୁର, ମାର୍କଣ୍ଡପୁର, ଶ୍ରୀରାମପୁର, ସାହୁପଡ଼ା ଆଦି ଗ୍ରାମ ପରିଦର୍ଶନ କରିଛନ୍ତି। ଗୋପୀନାଥପୁର କଲ୍ୟାଣ ମଣ୍ଡପଠାରେ ତାଲିମ ନେବାକୁ ଥିବା ସରକାରୀ ମଞ୍ଜୁରପ୍ରାପ୍ତ ଗିରି ଗୋବର୍ଦ୍ଧନ ଓ ଜୟ ମା' ସନ୍ତୋଷିନୀ ଗୋଷ୍ଠୀର ମହିଳାମାନଙ୍କ ସହ ବୟନ ନିରୀକ୍ଷକ ଏକ ବୈଠକରେ ଯୋଗଦେଇ ତାଲିମର ଉଦ୍ଦେଶ୍ୟ, ଆଭିମୁଖ୍ୟ ବିଷୟରେ ବୁଝାଇଥିଲେ। ଏଥିସହ ସଫଳତାର ସହ ତାଲିମ ଶେଷ କଲେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ ମହିଳାମାନଙ୍କୁ କହିଥିଲେ। ପରେ ସେ ଆଗରପଡ଼ାସ୍ଥିତ ଗୋବିନ୍ଦଜୀଉ ସମବାୟ ସମିତିର ସଭାପତି ନିରଞ୍ଜନ ଦାସ, ସମ୍ପାଦକ ଶ୍ରୀଧର ବେହେରା ଏବଂ ବୋର୍ଡ ସଭ୍ୟଙ୍କ ସହ ଏକ ବୈଠକ କରି ସମବାୟ ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଆଗକୁ ଯିବାକୁ ସେ ପରାମର୍ଶ ଦେଇଥିଲେ। ବୟନ ନିରୀକ୍ଷକଙ୍କ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ ଗୋପୀନାଥ ଦାଶ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁର ତଦନ୍ତ

ଭଣ୍ଡାରିପୋଖରୀ,୯ା୯ (ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଅଗଷ୍ଟ ୧୩ ସନ୍ଧ୍ୟାରେ ରୋଗୀ ବିନୋଦିନୀ ରାଉତଙ୍କ ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ୍ ଇଞ୍ଜେକସନରୁ ବିନୋଦିନୀଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ଅଶୋକ କୁମାର ରାଉତ ୨୦ ତାରିଖରେ ଡାକ୍ତର ଓ ନର୍ସଙ୍କ ବିରୋଧରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା.ମିନତିଲତା ଦାସଙ୍କ ନେତୃତ୍ୱରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ମୀନକେତନ ମହାନ୍ତି, ହସ୍ପିଟାଲ ପରିଚାଳକ ଡା. ସମୀର ମହାପାତ୍ର ଓ ବରିଷ୍ଠ ଫାର୍ମାସିଷ୍ଟ ରଜତ ସାହୁ ଦ୍ୱାରା ତଦନ୍ତ କରିଛନ୍ତି। ଅଭିଯୋଗକାରୀଙ୍କ ତାଙ୍କ ପରିବାର, ଚିକିତ୍ସା କରିଥିବା ଡାକ୍ତର ଓ ନର୍ସଙ୍କୁ ପଚରାଉଚରା କରିଛନ୍ତି।

# ବିଧାୟକଙ୍କ ପାଣ୍ଠିରେ ନିର୍ମାଣ ହେବ ଶ୍ରେଣୀଗୃହ

## ବିପଦସଙ୍କୁଳ ବୋହୂମାଘେରି ସ୍କୁଲ

ବାସୁଦେବପୁର,୯ା୯ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ):

ବାସୁଦେବପୁର ବ୍ଲକ ଅଧୀନ କିସ୍ମତ କୃଷ୍ଣପୁର ପଞ୍ଚାୟତରେ ବୋହୂମାଘେରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ଶୁକ୍ରବାର ଗୁରୁଦିବସରେ ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ହୋଇଥିଲେ। ବିପଦସଙ୍କୁଳ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସ୍ଥାନରେ ପାଠ ପଢ଼ାଇବା ଦାବିରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଶନିବାର ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ନାୟକାଣିଡିହୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ ଓ ଏବିଇଓ ତପନ ଦ୍ୱିବେଦୀ ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୁନର୍ବାର ଅଭିଭାବକମାନେ ଧାରଣାରେ ବସିଥିବା ବେଳେ ଖବରପାଇ ବିଧାୟକ ଅଶୋକ କୁମାର ଦାସ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟରେ ପହଞ୍ଚି ଶ୍ରେଣୀଗୃହର ସ୍ଥିତି ଅନୁଧ୍ୟାନ କରିଥିଲେ। ଅଭିଭାବକମାନଙ୍କ ସହ ଆଲୋଚନା ପରେ ନୂତନ ଗୃହ ନିର୍ମାଣ ପର୍ଯ୍ୟନ୍ତ ନିକଟସ୍ଥ ଠାକୁରାଣୀ ଗୃହରେ ପିଲାମାନଙ୍କୁ ପଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଅର୍ଦ୍ଧଭଗ୍ନ ଶ୍ରେଣୀଗୃହକୁ ତୁରନ୍ତ ଭାଙ୍ଗି ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ଅର୍ଥ ନିଜ ପାଣ୍ଠିରୁ ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ପ୍ରଶସ୍ତୀକରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିପଦସଙ୍କୁଳ ବିଦ୍ୟାଳୟ ଗୃହକୁ ତୁରନ୍ତ ଭାଙ୍ଗିବାକୁ ଉପସ୍ଥିତ ଥିବା ବିଡିଓ ତନ୍ମିତା କର, ସହାୟକ ଯନ୍ତ୍ରୀ ଅନିଶ ସୁବୁଦ୍ଧିରାୟ, ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ବାରିକଙ୍କୁ ବିଧାୟକ ପରାମର୍ଶ ଦେଇଛନ୍ତି।




ଅଭିଭାବକମାନେ ବିଧାୟକ ଅଶୋକ କୁମାର ଦାସଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### କୁକୁଡ଼ା ମରିବାକୁ ନେଇ ଦୁମୁଳକାଣ୍ଡ, ୩ ଗୁରୁତର

ପାଟଣା, ୯।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମଲ୍ଲିପୋଷି ଗ୍ରାମ ହାଟସାହିରେ କୁକୁଡ଼ା ମରିବାକୁ ନେଇ ସୋମବାର ରାତିରେ ୨ ପରିବାର ମଧ୍ୟରେ ଦୁମୁଳକାଣ୍ଡ ଘଟିଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଅନାମ ମହାନ୍ତଙ୍କ ସ୍ତ୍ରୀ କେଶବତୀ, ଭଦ୍ରୁ ମହାନ୍ତ ଓ ତାଙ୍କ ସ୍ତ୍ରୀ ତିଲୋତ୍ତମା। ସୂଚନା ଅନୁଯାୟୀ, ଅନାମ କୋବି ଚାରାରେ ବିଷ ପକାଇଥିବାରୁ ତାଙ୍କ କୁକୁଡ଼ା ସହ ଗ୍ରାମର ମୋଟ ୩୦ଟି କୁକୁଡ଼ା ମରିଥିବା ସନ୍ଦେହ କରି ଭଦ୍ରୁ କେଶବତୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାମ କାନ୍ଧ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଅପରପକ୍ଷେ ଅନାମଙ୍କ କୋଦାଳ ଆକ୍ରମଣରେ ଭାଇ ଭଦ୍ରୁ ଓ ଭାଉଜ ତିଲୋତ୍ତମାଙ୍କ ମୁଣ୍ଡ ଫାଟିଛି। ଆକ୍ରମଣରେ ଗୁରୁତର ୩ଜଣଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ପାଟଣା ଥାନାରେ ୨ଟି ମାମଲା (ନଂ.୨୧୭/୨୫ ଓ ୨୧୮/୨୫) ରୁଜୁ ହୋଇଛି। ଗୁରୁତର ୩ଜଣଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଏଏସଆଇ ସରୋଜ ସେଠୀ କହିଛନ୍ତି।

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଚାଷୀ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଅନେକ ହଜାର ଚାଷୀ ଧାନ ବିକ୍ରି ପାଇଁ ଆବେଦନ କରିଥିଲେ ହେଁ ନାମ ପଞ୍ଜୀକରଣ ହୋଇ ପାରିନାହିଁ। ଚଳିତ ବର୍ଷ ଭଲ ଧାନ ହୋଇଥିବା ବେଳେ ନାମ ପଞ୍ଜୀକରଣ ହୋଇ ପାରୁ ନ ଥିବାରୁ କିପରି ଧାନ ବିକିବେ ସେ ନେଇ ଚିନ୍ତାରେ ରହିଛନ୍ତି। ସେହିପରି ଚାଷୀଙ୍କୁ ଠିକ୍ ସମୟରେ ସାର ମିଳୁ ନ ଥିବା ବେଳେ ଦଲାଲମାନଙ୍କଠାରୁ ବହୁ ଉଚ୍ଚ ମୂଲ୍ୟରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଏଣୁ ଏଥିପାଇଁ ଚାଷୀ ପଞ୍ଜୀକରଣର ସମୟ ବୃଦ୍ଧି କରିବା ସହ କଳାବଜାରୀ ରୋକିବା ଦାବି କରି ମଙ୍ଗଳବାର ଜିଲାପାଳ ବିଶାଲ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ବିଭିନ୍ନ ସେବା ସମବାୟ ସମିତିରେ ଖରିଫ ଧାନ ବିକ୍ରି କରିବାକୁ ସରକାରଙ୍କ ପକ୍ଷରୁ ହୋଇଥିବା ଚାଷୀ ପଞ୍ଜୀକରଣର ଶେଷ ତାରିଖ ପୂର୍ବରୁ ସେବା ସମବାୟ ସମିତିରେ ନିଜର ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚଳିତ ବର୍ଷ ସେବା ସମବାୟ ସମିତି ମାଧ୍ୟମରେ ଚାଷୀମାନେ ନିଜର କାମଧନ୍ଦା ଛାଡି ଚାଷୀ ପଞ୍ଜୀକରଣ କରିବାକୁ ଧାଡିରେ ଦିନ ଦିନ ଧରି ଅପେକ୍ଷା କରିଥିଲେ। ଏପରିକି ରାତି ଅନିଦ୍ରା ହୋଇ ସେବା ସମବାୟ ସମିତି ଆଗରେ ବସି ରହିଥିଲେ। କିନ୍ତୁ ଟ୍ରେକସାଇଟ ଓ ଇଣ୍ଟରନେଟ ଧୀର ଜନିତ ସମସ୍ୟା କାରଣରୁ ଧାର୍ଯ୍ୟ ଅବଧି ସମୟସୀମା ମଧ୍ୟରେ ସେବା ସମବାୟ ସମିତି ପକ୍ଷରୁ ପଞ୍ଜୀକରଣ କରାଯାଇ ପାରିଲା ନାହିଁ। ଫଳରେ ଅନେକ ହଜାର ଚାଷୀ ଖରିଫ ଧାନ ବିକ୍ରୟରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଇନପୁଟ ସହାୟତା ରାଶି ପାଇବାରୁ ବଞ୍ଚିତ ହେବେ ବୋଲି ଚାଷୀମାନେ କହିଛନ୍ତି।

ଅନ୍ୟପକ୍ଷରେ ଧାନ କ୍ଷେତରେ ଚାଷକାର୍ଯ୍ୟ ସରିଥିବା ବେଳେ ଏ ଯାଏ ସରକାରଙ୍କ ପକ୍ଷରୁ ଆବଶ୍ୟକ ମୁତାବକ ସାର ସମବାୟ ସମିତିକୁ ଯୋଗାଣ ହୋଇ ନ ଥିବା ଚାଷୀମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇବେ, ଯାହା ଫଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଜିଲାର ୩ଟି ଉପଖଣ୍ଡ ଆନନ୍ଦପୁର, କେନ୍ଦୁଝର ଓ ଚମ୍ପୁଆ ଅଞ୍ଚଳରୁ ଶତାଧିକ ଚାଷୀ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲାର ତରା ସେବା ସମବାୟ ସମିତିରେ ୧୦୨, ପଣ୍ଡପଡ଼ାରେ ୪୨ ଜଣ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେହିପରି ପାଟଣା ଅଞ୍ଚଳରେ ୮୨୧ ଜଣ ଚାଷୀ ସମାନ ସମସ୍ୟାରେ ପଡ଼ିଛନ୍ତି। ହାତଡିହି ବ୍ଲକ ପଞ୍ଚୁପୋଖରିଆ, ମରେଇଗାଁରେ ଏଭଳି ସ୍ଥିତି ଉପୁଜିଛି। ଫଳରେ ଆବେଦନ କରିଥିଲେ ମଧ୍ୟ ଜିଲାର ୩ ହଜାରରୁ ଅଧିକ ଚାଷୀ ସରକାରଙ୍କୁ ଧାନ ବିକ୍ରୀ କରି ନ ପାରିବା ଭଳି ସ୍ଥିତି ଉପୁଜିଛି। ତେଣୁ ଧାର୍ଯ୍ୟ ସମୟରେ ଆବେଦନ କରିଥିବା ସମସ୍ତ ଚାଷୀଙ୍କ ଆଖି ସ୍କାନ କରାଯାଇ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ପୂର୍ବତନ ଜିଲା ଭାଜପା ସଭାପତି ତଥା କୃଷକ ନେତା ରାଧାକାନ୍ତ ମହାନ୍ତ, ଯୁବନେତା ଯଜ୍ଞ ପ୍ରସାଦ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ନିନି ଚକ୍ର, ଦିଲ୍ଲୀପ ମହାନ୍ତ, ଜିଆତ ମହାନ୍ତ, କରୁଣାକର ମହାନ୍ତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହାର ସମାଧାନ ପାଇଁ ଦାବି କରିଥିଲେ। ଲୋକନାଥ ପାତ୍ର, ମଳୟ ନାୟକ, ତ୍ରିଲୋଚନ ନାୟକ, ମମତା ମଞ୍ଜରୀ ନାୟକ, ତପସିନୀ ନାୟକ, ଗାୟତ୍ରୀ ମହାନ୍ତ, ସାବିତ୍ରୀ ନାୟକ, ଧନୁର୍ଜୟ ମହାନ୍ତ, ବିନୋଦ ମହାନ୍ତ, କୁଳମଣି ମହାନ୍ତଙ୍କ ସମେତ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ।

## ଡେଙ୍କିକୋଟ୍ ହାଇସ୍କୁଲ ଛାତ୍ରଙ୍କୁ ଓଡ଼ିଶା ରତ୍ନ ସମ୍ମାନ



ଡେଙ୍କିକୋଟ,୯।୯ (ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଡେଙ୍କିକୋଟ ହାଇସ୍କୁଲ ଛାତ୍ର ସେକ ମେମ୍ବୁର ସୁଲତାନ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗତ ୨୭ ଅଗଷ୍ଟ ୨୫ ତାରିଖରେ ଭୁବନେଶ୍ୱର ଜୟଦେବ ଭବନଠାରେ ନୀତିଆୟୋଗ ଅନୁବନ୍ଧିତ ସେଣ୍ଟର ଫର ଏଜୁକେସନାଲ ଡେଭଲପମେଣ୍ଟ ପକ୍ଷରୁ ଶିକ୍ଷାକ୍ଷେତ୍ରରେ ଉନ୍ନତି ବ୍ୟକ୍ତିତ୍ୱ ସେକ୍ ମେମ୍ବୁର ସୁଲତାନଙ୍କୁ ଓଡ଼ିଶାରତ୍ନ ପାଇବା ପାଇଁ ଓଡିଶାର ଏକମାତ୍ର ବ୍ୟକ୍ତି ରୂପେ ଚୟନ କରି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ଡେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ହାଇସ୍କୁଲ ୧୯୮୬ରେ ପାସ କରି କଣ୍ଡାପଡ଼ା ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଭାବେ ନିଯୁକ୍ତି ପାଇଛନ୍ତି। ସେଠାରେ ସେ ବିଦ୍ୟାଳୟ ପରିଚାଳନା ଶୃଙ୍ଖଳାଗତ ଶିକ୍ଷା ନୀତିନିୟମ ଓ ଉନ୍ନତମାନର ସୁ-ସମ୍ପର୍କରେ ସଜାଗ ରହି ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇଛନ୍ତି। ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର ଗଢି ତୋଳିବାରେ ପାରଙ୍ଗମ ଅର୍ଜନ କରି ପାରିଛନ୍ତି। ଏହା ପୂର୍ବରୁ ସେ ଗଜପତି ଜିଲାରେ ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ପାଇବା ପରେ ଡେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ସମେତ ତାଙ୍କ ପୈତୃକ ଗ୍ରାମ ସାନ୍ତରାପୁର ମୁସଲିମ ବସ୍ତିରେ ଆନନ୍ଦର ଲହରୀ ଖେଳି ଯାଇଛି।

## ସଦର ବନାଞ୍ଚଳରେ ୨୯ ଟିକିଆ ହାତୀପଲ

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ବନାଞ୍ଚଳକୁ ୨୯ ଟିକିଆ ହାତୀପଲ ପଶି ଆସି ଚୋପ ପକାଇଛନ୍ତି। ମଙ୍ଗଳବାର ହାତୀପଲ ବାଙ୍କମାରୁଣି ଗ୍ରାମ ନିକଟରେ ବୁଲୁଥିବାରୁ ଦେଖିବାକୁ ଲୋକଙ୍କ ଭିଡ ହୋଇଥିଲା। ପ୍ରକାଶ ଯେ, ସୋମବାର ଚମ୍ପୁଆ ରେଞ୍ଜ ଉଖୁଣ୍ଡା ଅଞ୍ଚଳରୁ ଏହି ହାତୀପଲ ଖପରାଖାଇ ଜଙ୍ଗଲ ପିତୁରାଡ଼ା ଅତିକ୍ରମ କରି ହରିଦଆଗୁଣା ଗାଁମୁହାଁ ହୋଇଥିଲେ। ପାଦରେ ବଳି କେତେଟି ହାତୀପଲ ଧାନଫସଲ ନଷ୍ଟ କରିଛନ୍ତି। ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ହାତୀଦେଖି ଲୋକେ ଭୟଭୀତ ହୋଇଥିବା ବେଳେ ଧାନ ଫସଲ ଓ ପନିପରିବା ଚାଷର ସୁରକ୍ଷା କରିବାକୁ ଘଉଡ଼ାଇବାରେ ଲାଗିଛନ୍ତି। ସେହିପରି ରାତିରେ ଗାଁମୁହାଁ ହୋଇ ଘର ଭାଙ୍ଗିବା ଆଶଙ୍କା କରି ଲୋକେ ଚିନ୍ତାରେ ରହିଛନ୍ତି। ଅନ୍ୟ ପକ୍ଷରେ ଅଘଟଣ ଘଟିବା ଆଶଙ୍କା କରି ବନ ବିଭାଗ କର୍ମଚାରୀ ଓ ହାତୀ ସ୍କ୍ୱାଡ ସଜାଗ ରହିଛନ୍ତି। ରେଞ୍ଜରଙ୍କ ବନପାଳ ଜୟକୃଷ୍ଣ ଦାସଙ୍କ ସମେତ ହାତୀ ଘଉଡାଇବା ସ୍କ୍ୱାଡ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ପ୍ରକାଶ କରିଛନ୍ତି।



ବସୁନ୍ଧରା ଯୋଜନାରେ କେ. ବାଲିପାଳ ଓ ମଲ୍ଲୀପଶିବାସୀଙ୍କୁ ଜମିପଟ୍ଟା ପ୍ରଦାନ, ପାଲଣରେ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ, ହାତଡିହିକୁ ଆକାଂକ୍ଷା ବ୍ଲକ ଏବଂ କେନ୍ଦୁଝରକୁ ଆକାଂକ୍ଷା ଜିଲା ଘୋଷଣା ଦାବିରେ ମୟୂରଭଞ୍ଜର ଶରତ ବିକାଶ ମଞ୍ଚ ପକ୍ଷରୁ କେ.ବାଲିପାଳ ପଞ୍ଚାୟତବାସୀଙ୍କ ସହଯୋଗରେ ମଙ୍ଗଳବାର ଭୁବନେଶ୍ୱରର ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)।

## ଏକ୍ସ ଯୋଗେ ନ୍ୟାୟ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ

ବଂଶୋ, ୯।୯ (ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଂଶୋ ଗ୍ରାମର ଛାତ୍ର ପ୍ରତିପ୍ରଭୁ ପଟ୍ଟନାୟକଙ୍କ ମୃତ୍ୟୁ ଘଟଣାର ୭ମାସ ପରେ ବି ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ପରିବାର ଲୋକେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ଏବେ ପରିବାର ଲୋକେ ଏକ୍ସ ଯୋଗେ ରାଷ୍ଟ୍ରପତିଙ୍କୁ ଗୁହାରି କରି ନ୍ୟାୟ ଭିକ୍ଷା କରିଛନ୍ତି। ଆଲୋକ ପଟ୍ଟନାୟକଙ୍କ ପୁଅ ପ୍ରତିପ୍ରଭୁ ଢେଙ୍କାନାଳ ସହର ଉପକଣ୍ଠ ଗୋବିନ୍ଦପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ୁଥିଲେ। ଗତ ମାର୍ଚ୍ଚ ୨ ତାରିଖରେ ପ୍ରତିପ୍ରଭୁ ମୃତ୍ୟୁବରଣ କରିଥିବା ତାଙ୍କ ବାପାଙ୍କ ଖବର ପାଇଥିଲେ। କଲେଜ ପକ୍ଷରୁ କୌଣସି ସୂଚନା ମିଳି ନ ଥିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରିବାର ଲୋକେ ଓ କିଛି ଗ୍ରାମବାସୀ ସଙ୍ଗେ ସଙ୍ଗେ ଢେଙ୍କାନାଳସ୍ଥିତ କଲେଜକୁ ଯାଇଥିଲେ। ମେଡିକାଲରେ ମୃତଦେହ ରଖାଯାଇଥିବା ଜାଣିବା ପରେ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ସେଠାରେ କଲେଜର କାହାକୁ ପାଇ ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ଗୃହରେ ଥିବା ଦେଖିବାକୁ ପାଇଥିଲେ। ପୋଖରୀରେ ବୁଡ଼ିଯାଇ ପ୍ରତିପ୍ରଭୁଙ୍କ ମୃତ୍ୟୁ ହୋଇଥିବା ଶୁଣିଥିଲେ। କିନ୍ତୁ ପ୍ରତିପ୍ରଭୁ ଭଲ ଭାବେ ପହଁରା ଜାଣିଥିବା ବେଳେ ପୋଖରୀରେ କିପରି ବୁଡ଼ିଗଲା ତାହାକୁ ନେଇ ସନ୍ଦେହ ଉପୁଜିଥିଲା। ଅନ୍ୟପକ୍ଷରେ କଲେଜ କର୍ତ୍ତୃପକ୍ଷ କାହିଁକି ପରିବାର ଲୋକଙ୍କୁ ସୂଚନା ଦେଇ ନ ଥିଲେ ବୋଲି ଆଲୋକ ଓ ତାଙ୍କ ପତ୍ନୀ ପ୍ରଶ୍ନ କରିଥିଲେ। ଏନେଇ ଆଲୋକ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବା ପରେ କେବଳ ତାଙ୍କ ପାଖକୁ ପୋଲିସ ତଦନ୍ତର ଏକ କପି ଆସିଛି। ତେଣୁ ସେ ବାଧ୍ୟ ହୋଇ ରାଷ୍ଟ୍ରପତିଙ୍କୁ ନ୍ୟାୟ ଭିକ୍ଷା ପାଇଁ ନିବେଦନ କରିଛନ୍ତି।

## ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ବୈସିଙ୍ଗା,୯।୯(ରତନ ଦାଶ): ମୟୂରଭଞ୍ଜ ଜିଲା ବୈସିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତ କର୍ଣ୍ଣିପୁର ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ଗୁଜରାଟ ଯାଇଥିଲେ। ହେଲେ କୌଣସି କାରଣରୁ ତାଙ୍କୁ କେହି ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ଉତ୍ତମ (୩୭) ୪ ବର୍ଷ ହେଲା ଗୁଜୁରାଟର ମୋର୍ବିଠାରେ ଏକ ମାର୍ବଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମାସେ ପୂର୍ବରୁ ସେ ଛୁଟିରେ ଗାଁକୁ ଆସି କିଛି ଦିନ ରହି ଫେରି ଯାଇଥିଲେ। ଗାଁରେ ତାଙ୍କର ବାପାଙ୍କ ସହିତ ସ୍ତ୍ରୀ ଓ ୧୨ ବର୍ଷର ଝିଅ ଓ ୬ ବର୍ଷର ପୁଅ ରହୁଛନ୍ତି। ତେବେ ସୋମବାର ତାଙ୍କ ବଡ଼ ଭାଇ ସତ୍ୟ ପ୍ରକାଶଙ୍କ ପାଖକୁ ଗୁଜରାଟ ପୋଲିସ ପକ୍ଷରୁ ଉତ୍ତମଙ୍କ ମୃତଦେହ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ସୂଚନା ଆସିଥିଲା। ଖବରପାଇ ସୋମବାର ରାତିରେ ସତ୍ୟପ୍ରକାଶ ଗୁଜରାଟ ଯାଇଛନ୍ତି। ତେବେ ସେଠାରେ ହିଁ ତାଙ୍କର ଶବ ସତ୍କାର କରାଯିବ ବୋଲି ପରିବାର ଲୋକେ କହିଛନ୍ତି।

## ପୂର୍ବତନ ଶିକ୍ଷକ ସମ୍ମାନିତ



ପୂର୍ବତନ ଶିକ୍ଷକ ଶଙ୍ଖଳି ଚରଣ ରାଉଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଉଲା,୯।୯(ଦୁର୍ଗା ପ୍ରସାଦ ଆୟତ): ବିଦ୍ୟା ବିକାଶ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ମାନ ସମ୍ମାନ ଉତ୍ସବ କଟକସ୍ଥିତ ଦୋଳମୁଣ୍ଡାଇ ବିଜୟ ଗୋବିନ୍ଦ ଭବନ ବାବା ସାଗର ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଶଙ୍ଖଳିଚରଣ ରାଉଳଙ୍କୁ ସର୍ବପଲ୍ଲୀ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ବିଶିଷ୍ଟ ସୂର୍ଯ୍ୟବଂଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବାବାଜୀ ବିଶ୍ୱନାଥ ଦାଶ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମାନବାଧିକାର କମିଶନ ଅସୀମ ଅମିତାଭ ଦାସ, ବିଶିଷ୍ଟ ଅତିଥି ସରକାରୀ ସଚିବ ଉଚ୍ଚ ମାଧ୍ୟମିକ ପରିଷଦ ଓଡିଶା ଡଃ ଯଶୋବନ୍ତ ସାମଲ, ମୁଖ୍ୟବକ୍ତା ଭାବେ ଏସସିବି ମେଡିକାଲର ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ବାମଦେବ ବରାଳ ଯୋଗଦେଇଥିଲେ। ଶିକ୍ଷକ ରାଉଳଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## କଂଗ୍ରେସ ପକ୍ଷରୁ ବଡ଼ପାଟଣା ସରପଞ୍ଚଙ୍କୁ ସମ୍ବର୍ଦ୍ଧନା



ବଡ଼ପାଟଣା ସରପଞ୍ଚ ବିନତି ବାନରାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପାଟଣା,୯।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତର ସରପଞ୍ଚ ବିନତି ବାନରା ନୂଆଦିଲ୍ଲୀର ସ୍ୱାଧୀନତା ଦିବସ ପାରେଡ଼ରେ ପଞ୍ଚାୟତିରାଜ ସଦସ୍ୟ ଭାବେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ଫେରିଛନ୍ତି। ଏହି ଅବସରରେ ମଙ୍ଗଳବାର ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ପାଟଣାରେ ସଭାଗୃହରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଦୁମୁରିଆ ସରପଞ୍ଚ ଗୌରହରି ନାୟକ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ଦାଶ, ପୂର୍ବତନ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ମିଶ୍ର, ବରିଷ୍ଠ ନେତା ବାଲ୍ମୀକ ସାହୁ ନିରଞ୍ଜନ ହଇ ପ୍ରମୁଖ ଯୋଗ ଦେଇଥିଲେ।

## ହେଟାବାଘ ଆକ୍ରମଣରେ ଆଉ ୨ ଆହତ

କରଞ୍ଜିଆ,୯।୯(କବିତା ମହାନ୍ତ): କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣୀ ରେଞ୍ଜର ତୁଳସୀପୋଷି, ଟିନିଆ, ହାତୀଦାଣ୍ଡି, ବାର୍କଟଳା ଗ୍ରାମରେ ହେଟାବାଘ ଆତଙ୍କ ଦେଖାଦେଇଛି। ହେଟାବାଘ ଆକ୍ରମଣରେ ମଙ୍ଗଳବାର ସନ୍ଧ୍ୟାରେ ତୁଳସୀପୋଷି ଗ୍ରାମର ରାଜେନ୍ଦ୍ର ନାୟକ ଶ୍ରୀମତୀ ପୁନିତା ନାୟକ, ଟିନିଆ ଗ୍ରାମର କୁଶଧର ନାୟକ, ତପନେଶ୍ୱର ନାୟକ, ମହାଦେବ ନାୟକ, ହାତୀଦାଣ୍ଡି ଗ୍ରାମର ସ୍ୱର୍ଣ୍ଣଲତା ମହାନ୍ତ, ଯଯାତି ମହାନ୍ତ, ବାର୍କଟଳା ଗ୍ରାମର ସୁନାରାମ ମାଝୀ ଆହତ ହୋଇଛନ୍ତି। ଏମାନେ ଜଙ୍ଗଲ ପାଖରେ କାମ କରୁଥିବା ସମୟରେ ହେଟାବାଘ ଆକ୍ରମଣ କରିଥିଲା। ତେବେ ସମସ୍ତେ ଚିକିତ୍ସିତ ହୋଇ ସୁସ୍ଥ ଥିବା ବେଳେ ମଙ୍ଗଳବାର ସକାଳୁ ପୁଣି ୨ ଜଣ ହେଟାବାଘ ଆକ୍ରମଣରେ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଝେଣ୍ଟାର ଗ୍ରାମର ଅଜୟ କୁମାର ମହାନ୍ତ ଓ ହାତୀଦାଣ୍ଡି ଗ୍ରାମର ସୁଜାତା ନାୟକ। ସକାଳେ ସେମାନେ ଜଙ୍ଗଲ ଯାଉଥିବା ବେଳେ ହେଟାବାଘ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଏସିଏଫ ପ୍ରଭାତ କୁଅଁର ପ୍ରକାଶ କରିଛନ୍ତି ଯେ, ହେଟା ବାଘକୁ ବନ କର୍ମଚାରୀମାନେ ଦେଖିନାହାନ୍ତି କିନ୍ତୁ ହେଟାବାଘର ପାଦଚିହ୍ନ ଥିବାରୁ ତା'ର ଉପସ୍ଥିତି ସ୍ପଷ୍ଟ ହୋଇଛି। ହେଟାବାଘ ଆକ୍ରମଣରୁ ଦୂରେଇ ରହିବା ପାଇଁ ମଙ୍ଗଳବାର ବିଭିନ୍ନ ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଲୋକଙ୍କୁ ସଚେତନ କରାଯାଇଛି।

## ଗଡ଼ିଲା ସଚେତନତା ରଥ

### ଏକ୍ ପେଡ୍ ମା' କେ ନାମ୍



ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଚମ୍ପୁଆ,୯।୯(ମହେଶ୍ୱର ଦାସ): ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଏକ୍ ପେଡ ମା' କେ ନାମ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଏହି ଅଭିଯାନକୁ ଲୋକାଭିମୁଖୀ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ନେଇ ଗଛଟିଏ ଲଗାଇବା ଲକ୍ଷ୍ୟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନୁକୂଲ୍ୟରେ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଅନ୍ୟତମ ଅତିଥି ଭାବେ ବିଡିଓ ସ୍ମିତି ରଞ୍ଜନ ସାହୁ, ତହସିଲଦାର ସଜତ ମାର୍ଣ୍ଡି, ରେଞ୍ଜର ତଥା ଏସିଏଫ ଅକ୍ଷୟ ଛତ୍ରିଆ ପ୍ରମୁଖ ଯୋଗଦେଇ ସବୁଜ ପତାକା ହଲାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଚମ୍ପୁଆ ବନାଞ୍ଚଳର ୫ଟି ସେକ୍ସନରେ ପରିଭ୍ରମଣ କରିବା ସହିତ ଲୋକଙ୍କୁ ଚାରାରୋପଣ ପାଇଁ ସଚେତନ କରିବ। ଏହି ରେଞ୍ଜରେ ପ୍ରତ୍ୟେକ ପଞ୍ଚାୟତରେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ୫୫୦ ଚାରାରୋପଣ କରାଯିବାକୁ ଥିବା ବେଳେ ଚମ୍ପୁଆ ବନାଞ୍ଚଳରେ ୫୦୦୦ ଚାରାରୋପଣ କରାଯିବ। ଏହି ଚାରା ବନ ବିଭାଗ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯିବ ବୋଲି ଛତ୍ରିଆ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଫରେଷ୍ଟର କୋଟିଶ୍ୱର ପାଣି ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୨ କର୍ମଚାରୀଙ୍କ ବଦଳି ଦାବିରେ ଡାକ୍ତରଖାନାରେ ତାଲା

ଗୋପବନ୍ଧୁ ନଗର, ୯।୯(ଶାନ୍ତନୁ କୁମାର ମହୁଆଳ): ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା କୁଶଲଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨ କର୍ମଚାରୀଙ୍କ ବଦଳି ଦାବି ନେଇ ମଙ୍ଗଳବାର ସକାଳଠାରୁ ଗ୍ରାମବାସୀ ଡାକ୍ତରଖାନାରେ ତାଲା ପକାଇ ଦେଇଛନ୍ତି। ଫଳରେ ଦିନ ତମାମ ସ୍ୱାସ୍ଥ୍ୟ ସେବା ଠପ ହୋଇ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଉକ୍ତ ଡାକ୍ତରଖାନାରେ ଦୁଇ କର୍ମଚାରୀ ସିଏଚଓ ନିବେଦିତା ମିଶ୍ର ଓ ଏଲଟି ସାନଶିଷ ବେଜିମାସ ରୋଗୀଙ୍କୁ ଦୁର୍ବ୍ୟବହାର ଓ ଅଣଦେଖା କରିବା, ରୋଗର ପରୀକ୍ଷା ନ କରି ଇଚ୍ଛାରେ କରିବା ପ୍ରଭୃତି ମନଇଚ୍ଛା କାମ କରିବା ଯୋଗୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ ଦୀର୍ଘ ଦିନ ଧରି ଏହି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ମଙ୍ଗଳବାର ଗ୍ରାମବାସୀ ତାଟି ଥିଲେ। ସକାଳେ ଗ୍ରାମ ଲୋକେ ଏହାଠି ହୋଇ ଡାକ୍ତରଖାନାରେ ତାଲା ପକାଇ ଦେଇଥିଲେ। ଏ ନେଇ ଉକ୍ତ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡ. ନିର୍ମଳ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ୨ କର୍ମଚାରୀଙ୍କ ବିରୋଧରେ ଯେଉଁ ଆନ୍ଦୋଳନ ହୋଇଛି ସେ ନେଇ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ସଲିଲ ମୁର୍ମୁଙ୍କୁ ଜଣାଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ସପ୍ତାହ ମଧ୍ୟରେ ଉଭୟଙ୍କୁ ଯଦି ବଦଳି କରା ନ ଯାଏ ତେବେ ପୁଣି ତାଲା ପଡ଼ିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

## ପ୍ରଲୋଭନ ଦେଖାଇ ୩ ଶ୍ରମିକଙ୍କୁ ନିର୍ଯାତନା

### ମହିଳାଙ୍କ ସହ ଡ୍ରାଇଭର ଗିରଫ

ପାଟଣା, ୯।୯(ବୀର କିଶୋର ଦାଶ): ପ୍ରଲୋଭନ ଦେଖାଇ ୩ ଶ୍ରମିକଙ୍କୁ ବାହାର ରାଜ୍ୟକୁ ନେଇ ନିର୍ଯାତନା ଅଭିଯୋଗରେ କେନ୍ଦୁଝର ଜିଲା ଘୁଟୁରୁଗାଁ ପୋଲିସ ମଙ୍ଗଳବାର ୨ ଶ୍ରମିକ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅଧୀନ ହର୍ଷପୁର ଗ୍ରାମର କ୍ଷୋତିରଞ୍ଜନ ସାହୁ(୨୭) ଏବଂ ଯୋଗୀମଠ ଗ୍ରାମର ଦୁଲାରାଣୀ ଶର୍ମା(୩୬)। କ୍ଷୋତିରଞ୍ଜନ ଓ ଦୁଲାରାଣୀ ଘୁଟୁରୁଗାଁ ଥାନା ବୁଢାସାହୁଡି ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର ରତ୍ନାକର ମହାନ୍ତ, କଳାକାର ମହାନ୍ତ ଏବଂ ବିଶେଷା ମହାନ୍ତଙ୍କୁ କେନ୍ଦୁଝରରେ ଅଧିକ ଟଙ୍କା ମଜୁରିରେ ରାଜମିସ୍ତ୍ରୀ କାମ କରିବାକୁ କହି ଗତ ଅଗଷ୍ଟ ୨୦ରେ ନେଇଥିଲେ। ପରେ ସେଠାରୁ ଭୁବନେଶ୍ୱରର ଜଣେ ଦଲାଲଙ୍କ ନିକଟରେ ପହଞ୍ଚାଇଥିଲେ। ସେଠାରୁ ଦଲାଲ ଜଣଙ୍କ ସେମାନଙ୍କୁ ବିଶାଖାପାଟଣାର ଭାଇଜାଗକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ କାମରେ ଲଗାଇଥିଲେ। ସେଠାରେ କେହି କାହା ସହ ଯୋଗାଯୋଗରେ ନ ରହିପାରିବେ, ସେଭଳି ସ୍ଥାନରେ କାମରେ ଲଗାଇ ୩ ଜଣଙ୍କୁ ନିର୍ଯାତନା ଦେଉଥିଲେ। ଖାଇବାକୁ ନ ଦେଇ ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ କାମ କରାଉଥିଲେ। ଦଲାଲମାନେ ସେମାନଙ୍କୁ ପରିବାର ଲୋକଙ୍କ ସହ ଫୋନରେ କଥା ହେବାକୁ ମଧ୍ୟ ଦେଉ ନ ଥିଲେ। ନିର୍ଯାତନା ସହି ନ ପାରି ସେଠାରୁ କୌଶଳକ୍ରମେ କଳାକର ଏବଂ ବିଶେଷ ଖସି ପଳାଇ ଆସିଥିବା ବେଳେ ଏଯାଏଁ ରତ୍ନାକର ନିଖୋଜ ଅଛନ୍ତି। ବିଶେଷ ଏବଂ କଳାକର ଆସି ସବୁ କଥା ଘରେ କହିବା ପରେ ୩ ଜଣଙ୍କ ପରିବାର ଲୋକେ ଘୁଟୁରୁଗାଁ ଥାନାରେ ଏ ସମ୍ପର୍କରେ ଗତ ଶନିବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘୁଟୁରୁଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ସୌରଭ ପ୍ରଧାନ ସୋମବାର ରାତିରେ ହର୍ଷପୁର ଗ୍ରାମରେ ଚଢ଼ାଉ କରି କ୍ଷୋତିରଞ୍ଜନଙ୍କୁ ଉଠାଇ ନେଇଥିଲେ। ମଙ୍ଗଳବାର ସକାଳୁ ଦୁଲାରାଣୀଙ୍କୁ ଅଟକ ରଖି ତଦନ୍ତ ପରେ ଉଭୟଙ୍କୁ ଗିରଫ କରାଯାଇଛି। ଏନେଇ ଘୁଟୁରୁଗାଁ ଥାନାରେ ଏକ ମାମଲା (ନଂ.୧୨୮/୨୫) ରୁଜୁ ହୋଇଛି। ଏଏସଆଇ ସୁରେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି। ସୂଚନାଥାଉ କି, ଗିରଫ ଦୁଲାରାଣୀଙ୍କ ବିରୋଧରେ ପୂର୍ବରୁ ସଦର ଥାନାରେ ମାମଲା ଥିବାବେଳେ ଶ୍ରମ ବିଭାଗ ପାଖରେ ମଧ୍ୟ ଦୁଲାରାଣୀଙ୍କ ଲେଖା ସେ ଆସିଥିଲେ। କ୍ଷୋତିରଞ୍ଜନ ଦୁଲାରାଣୀଙ୍କ ଗାଡି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୯।୯(ଦୀପକ ମିଶ୍ର): ଜିଲା ଆଇନସେବା ପ୍ରାଧିକରଣର ଆୟୋଜନରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଡିଟୋରିୟମ ହଲଠାରେ ସାଇବର ଅପରାଧ, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ,ପୋକସୋ ତଥା ରାଗିଂ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଶ୍ୱେଶ୍ୱର ରାଓ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ ଓ ପୋକ୍ସୋ ଶିଶୁ ଯୌନ ଅପରାଧ ଓ ସୁରକ୍ଷା ସମ୍ବନ୍ଧରେ ମତ ରଖିଥିଲେ। ପ୍ରାଧିକରଣ ସଚିବ ସଙ୍ଗୀତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ସାଇବର ଅପରାଧ, କର୍ମକ୍ଷେତ୍ରରେ ମହିଳା ଯୌନ ଅପରାଧ ଓ ପ୍ରତିରୋଧ,ଶିଶୁ ଯୌନ ଅପରାଧ ଓ ସୁରକ୍ଷା ତଥା ପ୍ରାଧିକରଣର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଇବର ଅପରାଧ ଓ ଆର୍ଥିକ ଠକେଇ ସମ୍ପର୍କରେ ଉପଅଧକ୍ଷ ଅଧୀକ୍ଷକ ବିଜୟ କୁମାର ସୁନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ରାକେଶ ରଞ୍ଜନ ଶୁକ୍ଳା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚନ୍ଦ୍ର ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ଷଡଙ୍ଗୀ ଏହି ବିଷୟ ବସ୍ତୁ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନେ ଜାଣିବା ଅତ୍ୟନ୍ତ ଜରୁରୀ ବୋଲିମତ ଦେଇଥିଲେ। ପାନେଲ ଅଧିବକ୍ତା ସୁନୀଲ କୁମାର ମହାନ୍ତ ଯୋଗଦେଇ ରାଗିଂ କ'ଣ ଓ ଏହାର ଖରାପ ପ୍ରଭାବ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ୯ ଶିକାରୀ ଗିରଫ, ୭ ବନ୍ଧୁକ ଜବତ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା (ସନ୍ତୋଷ କୁମାର ବାଛିନୀ) ୮।୯

ଶିମିଳିପାଳ ଜାତୀୟ ଅଭୟାରଣ୍ୟରୁ ବନ୍ୟଜନ୍ତୁ ଶିକାର କରିବା ଅଭିଯୋଗରେ ଫେରାର ଥିବା ୭ ଶିକାରୀ କପ୍ତିପଦା ରେଞ୍ଜ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। ୱାଇଲ୍ଡ ଲାଇଫ ଇଣ୍ଟେଲିଜେନ୍ସ ନେଟୱାକ କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି । ଅଭିଯୁକ୍ତମାନେ ହେଲେ ଶରତ ଥାନା ଅଧୀନ କଟୁରିଆ ଗ୍ରାମର ଚମ୍ପାଇ ସିଂ(୪୮), ପ୍ରଧାନ ସିଂ(୨୮), କାରା ସିଂ(୩୦), କନ୍ଦା ଗାଗରାଇ(୩୫), ଅଇଁଠୁ ସିଂ(୪୦), ରାମସିଂ ଗାଗରାଇ(୨୫) ଓ ଠାକୁରା ସୋରେନ(୨୫)। ସେମାନଙ୍କଠାରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିବା ୫ଶିକାରୀଙ୍କ ମଧ୍ୟରୁ ୨ଶିକାରୀଙ୍କୁ କପ୍ତିପଦା ରେଞ୍ଜ ପୋଡାଡିହା ବନ କର୍ମଚାରୀମାନେ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଶରତ ଥାନା ଅଧୀନ କଟୁରିଆ ଗ୍ରାମର ମାରା ସିଂ ଓ ଗୋବିନ୍ଦ ସୋରେନ। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଗୋଟିଏ ଧନୁ, ୭ଟି ତୀର ଓ ଶିକାର ସରଞ୍ଜାମ ଜବତ କରାଯାଇଛି । ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାରରେ ଜଡିତ ଅଭିଯୁକ୍ତମାନେ ଫେରାର ରହିଥିଲେ। ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ସିଂଙ୍କ ସହଯୋଗରେ ଅଭିଯୁକ୍ତମାନେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଯାହାକୁ ନେଇ ଫେରାର ଥିବା ୭ ଅଭିଯୁକ୍ତ ଦେଶୀ ବନ୍ଧୁକ ଧରି କପ୍ତିପଦା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେହିପରି ଟ୍ରାଏଲ ଗାର୍ଡ କ୍ୟାମେରାରେ କଏଦ ହୋଇଥିବା ଶିକାରୀମାନଙ୍କୁ ଠାବ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କର୍ମଚାରୀମାନଙ୍କ ଦୃଢ଼ ପ୍ରତିବଦ୍ଧତା ଓ ସ୍ଥାନୀୟ ପ୍ରତିନିଧିଙ୍କ ସମର୍ଥନ ଯୋଗୁ ଆଗାମୀ ଦିନରେ ଶିମିଳିପାଳକୁ ବନ୍ୟପ୍ରାଣୀଙ୍କ ପାଇଁ ଏକ ବୃହତ ସଂରକ୍ଷିତ ସ୍ଥାନ ହୋଇପାରିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି।



ଗିରଫ ଶିକାରୀ ଓ ଜବତ ବନ୍ଧୁକ।

## ମହିଳାଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ବର୍ଷ ଜେଲ

ବାରିପଦା,୯।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିନୋଦ ରାମ(୩୫)। ମାମଲାର ବିବରଣୀ ଅନୁଯାୟୀ, ସ୍ୱାମୀ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିବା ବେଳେ ମହିଳା ଜଣକ ଘରେ ଏକାକୀ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିକୁ ନେଇ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିଲେ। ୨୦୧୯ ଅକ୍ଟୋବର ୩ତାରିଖ ରାତି ୧୦ଟା ସମୟରେ ଅଭିଯୁକ୍ତ ବିନୋଦ ମହିଳାଙ୍କ ଘରକୁ ଯାଇ କବାଟ ବାଡ଼େଇ ଥିଲେ। ମହିଳା ଜଣକ କବାଟ ଖୋଲିବାରୁ ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ୨୧ ଅକ୍ଟୋବରରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୨୨/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ମାଟି ତଳୁ ଶିଶୁ ପୁତ୍ର ମୃତଦେହ ଜବତ

ମୋରଡା/ରାସଗୋବିନ୍ଦପୁର,୯।୯ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ମଙ୍ଗଳବାର ଏକ ଦେଢ଼ ବର୍ଷର ଶିଶୁ ପୁତ୍ରର ମୃତଦେହକୁ ମାଟିତଳୁ ଉଦ୍ଧାର କରିଛି । ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ନାକିଚୁଆ ପଞ୍ଚାୟତର ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ସ୍ତ୍ରୀ ଦୁଇମାସ ପୂର୍ବେ ମୃତ୍ୟୁବରଣ କରିଥିଲେ। ସମୀର ବାହାରକୁ କାମ କରିବାକୁ ଯିବାରୁ ତାଙ୍କ ଦେଢ଼ ବର୍ଷର ପୁତ୍ର ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ରଖିଥିଲେ। ବାପୁନଙ୍କ ଦେହ ଅସୁସ୍ଥ ହେବାରୁ ରଘୁଙ୍କ ପରିବାର ଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ବାପୁନଙ୍କ ଶରୀର ସୁସ୍ଥ ହୋଇନଥିଲା । ତେବେ ଶିଶୁ ପୁତ୍ର ବାପୁନ ଗତ ସେପ୍ଟେମ୍ବର ୭ ତାରିଖ ରବିବାର ସନ୍ଧ୍ୟାରେ ମୃତ୍ୟୁବରଣ କରିବାରୁ ତାକୁ ମାଟି ଖୋଳି ପୋତି ଦେଇଥିଲେ। ତେବେ ବାପୁନଙ୍କ ମୃତ୍ୟୁକୁ ସନ୍ଦେହ କରି ଖୁଣ୍ଟା ବ୍ଲକ ଗୌଡ଼ଗାଁ ଗ୍ରାମର ତାଙ୍କ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ ହୋଇଛି।

## ଅବକାରୀ ଚଢ଼ାଉ, ୪ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ମଦ।

ମୋରଡା,୯।୯(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡା ଅବକାରୀ ବିଭାଗ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ କପୋଇ ଏବଂ ଅଙ୍ଗାରିଆ ଗ୍ରାମରେ ଚଢ଼ାଉ କରି ମୋଟ ୫୩ ଲିଟର ଦେଶୀ ମଦ ଜବତ କରିବା ସହିତ ଖୁଣ୍ଟିଆ ମୁର୍ମୁ, ଗଣେଶ ମହାନ୍ତ ଓ ରାଜୀବ କୁମାର ମହାନ୍ତଙ୍କୁ ଗିରଫ କରିଛି। ଏନେଇ ଅବକାରୀ ଥାନାରେ ୧୦୧, ୧୦୨, ୧୦୩/୨୫ରେ ମାମଲା ରୁଜୁ ହୋଇଛି । ସେହିପରି ମାଙ୍କୁଡ଼ ଗ୍ରାମରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ସୁମତି ସିଂଙ୍କୁ ଗିରଫ କରିଛି ବିଭାଗ। ଏନେଇ ୧୦୪/୨୫ରେ ମାମଲା ରୁଜୁ ହୋଇଛି ।

## ସୀମାନ୍ତ ମହାବିଦ୍ୟାଳୟରେ ଅନ୍ତରୀଣ କମିଟି ଗଠନ

ଖାରପୋଖରିଆ,୯।୯ (ସୁଧୀର କୁମାର ମହାନ୍ତ): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଖାରପୋଖରିଆ(ବମେଇକ)ଠାରେ ଥିବା ସୀମାନ୍ତ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତରୀଣ କମିଟି ସହିତ ଶକ୍ତିଶ୍ରୀ ଗଠନ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଏହା ସମ୍ପୂର୍ଣ୍ଣ ହୋଇଛି। ସମାଜରେ ନାରୀମାନଙ୍କ ଉପରେ ହେଉଥିବା ବଳାତ୍କାର ଓ ନିର୍ଯାତନା ଉପରେ ଆଇନଗତ ଅଙ୍କୁଶ ଲଗାଇ ସଂସ୍କାର ଆଣିବା ସହିତ ନାରୀ ଜାତିକୁ ସମ୍ମାନ ଦେବା ପରିପେକ୍ଷୀରେ କାର୍ଯ୍ୟକ୍ରମ କରିବା ଏହା ସରକାରଙ୍କର ମୂଳ ଲକ୍ଷ୍ୟ। ସୀମାନ୍ତ ମହାବିଦ୍ୟାଳୟରେ ପ୍ରତ୍ୟେକ ବିଭାଗରେ ପଢୁଥିବା ଛାତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଶକ୍ତିଶ୍ରୀ ସାଥୀ ଭାବେ ସର୍ବସମ୍ମତି କ୍ରମେ ଯୁକ୍ତ ୩ କଳାର ତୃତୀୟ ବର୍ଷ ଛାତ୍ରୀ ଅନିଷା ସାହୁ ଚୟନ ହୋଇଥିବା ବେଳେ ଶକ୍ତିଶ୍ରୀ ସଂଯୋଜିକା ଭାବେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରାଚୀ ପ୍ରଭା ପଢ଼ିଆରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ମହାବିଦ୍ୟାଳୟର ଅନ୍ତରୀଣ କମିଟି ଗଠନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଗଠିତ କମିଟିରେ ୧୦ଜଣ ସଭ୍ୟା ଓ ସଭ୍ୟ ଗ୍ରହଣ କରାଯାଇଛି। ଉକ୍ତ ୧୦ ଅଧ୍ୟାପିକା ଅଧ୍ୟାପକ ଥିବାବେଳେ କମିଟିର ପ୍ରିଜାଇଡିଙ୍ଗ ଅଫିସର ଭାବେ ଅର୍ଥନୀତି ବିଭାଗର ଅଧ୍ୟାପିକା ଧରିତ୍ରୀ ବେହେରା ଚୟନ ହୋଇଛନ୍ତି। ମହାବିଦ୍ୟାଳୟ ଅଧ୍ୟୟନ ଛାତ୍ରୀଛାତ୍ରଙ୍କୁ ଯୌନ ଉତ୍ପୀଡନ, ଦୁର୍ବ୍ୟବହାର, ରାଗିଂ ପ୍ରମୁଖ ଅଭିଯୋଗ ହେଲେ ତାହା କମିଟି ମାଧ୍ୟମରେ ନ୍ୟାୟାତ୍ମକ ସମାଧାନ କରି ଅଧ୍ୟକ୍ଷଙ୍କୁ ଅବଗତ କରିବା ପରେ ଅଧ୍ୟକ୍ଷ ଏହା ଉପରେ ବିହିତ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ରଖାଯାଇଛି।

## ୩ ଚୋରା ବାଲି ବୋଝେଇ ଗାଡ଼ି ଜବତ

ବୈଶିଙ୍ଗା,୯।୯(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ମଙ୍ଗଳବାର ଚୋରା ଚାଲାଣ ହେଉଥିବାବେଳେ ୩ଟି ଟ୍ରାକ୍ଟର ଜବତ କରିଛି। ସେଥିମଧ୍ୟରୁ ଦୁଇଟି ଗାଡ଼ି ବୁଢ଼ାବଳଙ୍ଗ ନଦୀର ଗଣ୍ଡର୍ଦ୍ଦା ଗ୍ରାମ ନିକଟସ୍ଥ ଏକ ଘାଟରୁ ବାଲି ଭର୍ତ୍ତି କରି ୧୮ ନଂ. ଜାତୀୟ ରାଜପଥ ଦିଗରେ ଆସୁଥିବା ବେଳେ ରଗମାଟିଆ ଗ୍ରାମ ନିକଟରେ ପୂର୍ବରୁ ସୂଚନା ପାଇ ଛକି ରହିଥିବା ପୋଲିସ ଟିମ ଚଢ଼ାଉ କରିଥିଲା। ସେହିପରି ପାଟୁଳିପୁରା ନଦୀ ଘାଟରୁ ବାଲି ଭର୍ତ୍ତି କରି ବୈଶିଙ୍ଗା ଆସୁଥିବା ବେଳେ ଅନ୍ୟ ଏକ ଟ୍ରାକ୍ଟର ପୋଲିସ ହାତରେ ଧରାପଡ଼ିଥିଲା। ତିନି ଗାଡ଼ିର ଡ୍ରାଇଭରମାନଙ୍କୁ ଗିରଫ କରାଯିବା ସହିତ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କହିଛନ୍ତି ଥାନାଧିକାରୀ ବାରିଣୀ ଦାସ।

## ଅଲିମ୍ପିଆଡ ପୁରସ୍କାର ପ୍ରଦାନ ଉତ୍ସବ



ଜଣେ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ମୋରଡ଼ା,୯।୯(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲରେ ଅଲିମ୍ପିଆଡ ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଡାଇରେକ୍ଟର ସଞ୍ଜୟ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ଭୋଇ ଏବଂ ଯୁଡ଼ିଏସ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଇଓଟି ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଦ୍ୱିତୀୟ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ବେହେରାଙ୍କୁ ଗୋଲ୍ଡ ମେଡାଲ ସହିତ ୧୨୦୦ ଟଙ୍କାର ଚେକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ସେହିପରି ଛାତ୍ର ଅଂଶୁମାନ ବେହେରା, ସୌମ୍ୟ ଶଙ୍କର ସେନାପତି, ବିଶ୍ୱରଞ୍ଜନ ମହାନ୍ତ, ଛାତ୍ରୀ ଦୀପଶିଖା ମହାପାତ୍ର, ଆକୃତି ରାଉଳଙ୍କ ମଧ୍ୟ ପୁରସ୍କୃତ କରାଯାଇଥିଲା। ତାପସୀ ଜେନା, ସଂଗୀତା ପାଣିଗ୍ରାହୀ, ଶୁଭଶ୍ରୀ ମହାନ୍ତ, ପ୍ରିୟଙ୍କା ରାୟବାବୁ, ନମିତା ମହାନ୍ତ, ପ୍ରିୟଙ୍କା ସିଂବାବୁ, ପ୍ରକୃତିପ୍ରୀତମ ମହାନ୍ତ, ସୁମିତ ବେହେରା, ସଞ୍ଜିତା ବେହେରା, ସ୍ୱପ୍ନା ମୁର୍ମୁ, ବିଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//3256//RWC//BAM//Dated 4.9.25**

**1st Corrigendum to Bid Identification No.Online Tender/20-2025-26/BPR**

**No.O-732:** 1) The partial modification of Road Works under MMSY-Improvement to Existing R.D. Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.10.2025 to 27.10.2025 upto 5.30 PM instead of 04.09.2025 to 18.09.2025 upto 5.30 PM. |
| 2 | Last Date & Time of seeking tender clarification | :: | 24.10.2025 at 5.30 PM instead of 16.09.2025 at 5.30 PM |
| 3 | Date of Opening of Technical Bid | :: | 28.10.2025 at 11.00 AM instead of 19.09.2025 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.
OIPR-25071/11/0124/2526 Sd./- Chief Construction Engineer, R.W.Circle, Berhampur

**RAJENDRA UNIVERSITY**
PRAJNA VIHAR, BALANGIR-767002, ODISHA (INDIA)
e-mail: rajendrauniversitybar@gmail.com
No............../RUB Date...............

**QUOTATION/TENDER CALL NOTICE**

No.CAD-1700: The sealed tenders are hereby invited from interested firms/agencies/private individuals. Applications should reach to the Registrar, Rajendra University, Balangir-767002 latest by 25.09.2025 at 11 AM for further details please visit district website: balangir.odisha.gov.in and this university website: rajendrauniversity.ac.in.
OIPR-11141/11/0010/2526 Sd./- Registrar

**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**
Request For Proposal (RFP)
(Reference No-10942)
**"Operation, Maintenance and Management of Aviation Security Training Institute at Directorate of Aviation, Govt. of Odisha, BPI Airport, Bhubaneswar**

**No.JJ**-The Director of Aviation, Directorate of Aviation, Government of Odisha invites proposals from reputed, experienced and duly certified agencies for Operation, Maintenance and Management of Aviation Security Training Institute for Aviation Security at Directorate of Aviation, Govt. of Odisha, BPI Airport for two years extendable by another 12 months based on satisfactory performance.
Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.
**https://tendersodisha.gov.in.,nicgep/app**
**https://ct.odisha.gov.in/tenders.**
The responses are to be submitted online and queries, if any, may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail: orissa_aviation@yahoo.co.in, transcivilaviation@gmail.com
Proposals complete in all respect should reach the undersigned latest by 03.00 PM on 04.10.2025 **("Bid Due Date" or "BDD").** Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.
Sd./- Special Secretary to Govt. & Director of Aviation
Commerce & Transport (Transport) Department
OIPR-38001/11/0043/2526

No.JJ-48
**Directorate of Ports & Inland Water Transport**
Fortune Tower, Ground Floor, Zone-A
Chandrasekharpur, Bhubaneswar
Phone:0674-2300885, Email: portsniwt.od@nic.in
**e-PROCUREMENT NOTICE**
**Bid Identification No.DPIWT-15/2025-26**

| | | |
|---|---|---|
| 01. | Name of the Work | : Construction of Modern Jetty Terminal at Satapada in Puri District |
| 02. | No. of Works | : 1 (One) No. |
| 03. | No. of Covers | : Double Cover |
| 04. | Approximate Value of Works | : Rs.2.41 Crore |
| 05. | Bid Cost | : Rs.10,000.00 |
| 06. | Period of Completion | : 09 (Nine) Calendar Months |
| 07. | Date & Time of availability of bid document in the Portal | : 11.09.2025 to 25.09.2025 upto 05.00 P.M. |
| 08. | Date & Time of Bid Clarification | : 11.09.2025 to 17.09.2025 upto 03.00 P.M. |
| 09. | Last date & time for receipt of bids in the portal | : 25.09.2025 upto 05.00 P.M. |
| 10. | Date of opening of bid document (Cover-I) | : 26.09.2025 at 12.30 P.M. |
| 11. | Date of transparent lottery process (if situation arises) | : Intimation will be given through online |
| 12. | Class of Contractor | : "B" & "A" Class Contractor |
| 13. | Name and address of Officer inviting Tender (OIT) | : **Director, Ports & Inland Water Transport Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax:2396885 e-Mail: portsniwt.od@nic.in** |

Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.
OIPR-38035/11/0045/2526 Sd./- Director Ports & IWT, Odisha

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
Invitation for Bids (IFB) 'e' Procurement NOTICE
Bid Identification No. ODULB_KGM-15/2025-26
Letter No.6590/KGM/Date.08.09.2025

**No.C-1024** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system through e-Procurement.

| | | |
|---|---|---|
| 1. | Nature of work | : **Civil Work** |
| 2. | No. of Work | : **6 Nos.** |
| 3. | Value of works | : **Rs.4,50,000/- to 19,99,300/-** |
| 4. | Date & Time of availability of Bid document in the portal | : From **09.09.2025** at 11.00 A.M. up to **17.09.2025** at 5.30 P.M. |
| 5. | Date of Opening of bid in portal | : **20.09.2025** at 11.00 A.M. |
| 6. | Name & address of the officer Inviting Bid | : EO, Keonjhargarh Municipality |

Further details can be seen from Website : www.tendersorissa.gov.in
Sd./- Executive Officer
OIPR-13115/11/0050/2526 Keonjhargarh Municipality

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
Invitation for Bids (IFB) 'e' Procurement NOTICE
Bid Identification No. ODULB_KGM-16/2025-26
Letter No.6597/KGM/Date.08.09.2025

**No.C-1025** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system through e-Procurement.

| | | |
|---|---|---|
| 1. | Nature of work | : **Civil Work** |
| 2. | No. of Work | : **1 No.** |
| 3. | Value of works | : **Rs.58,92,000/-** |
| 4. | Date & Time of availability of Bid document in the portal | : From **09.09.2025** at 11.00 A.M. up to **17.09.2025** at 5.30 P.M. |
| 5. | Date of Opening of bid in portal | : **20.09.2025** at 11.00 A.M. |
| 6. | Name & address of the officer Inviting Bid | : EO, Keonjhargarh Municipality |

Further details can be seen from Website : www.tendersorissa.gov.in
Sd./- Executive Officer
OIPR-13115/11/0051/2526 Keonjhargarh Municipality

**DISTRICT PROJECT OFFICE, SAMAGRA SHIKSHA, BALANGIR**
AT-COLLEGE CHOWK, PO-DIST:BALANGIR, 767001, Email ID:dpcbolangirssa.opepa@nic.in
No.XXIII/KGBV/01/2025/2539/Dt.06.09.2025
NOTIFICATION FOR PUBLICATION OF DRAFT PROVISIONAL LIST AND INVITATION OF OBJECTION, IF ANY, FROM THE APPLICANTS APPLIED FOR DIFFERENT VACANCIES UNDER KGBV HOSTELS (TYPE-III) - 2025

No.n-149:In continuance to this Office Advertisement No.1880 dated 25.06.2025, it is hereby informed that the Applicants, who had applied for different vacancies under KGBV Hostels (Type-III) of Balangir District, that **the Provisional List of Applicants and Provisional List of Rejected Applicants** are now available in OSEPA and Balangir District websites i.e. **www.osepa.odisha.gov.in** and **www.balangir.odisha.gov.in**. All applicants are hereby requested to go through the list and **objection, if any, is hereby invited from the Applicants, on or before 17.09.2025** during office hour in working days only. The candidate shall submit their objection, if any, in the prescribed **Objection Format** (enclosed herewith) enclosing the supporting documents, addressed to the District Education Officer & DPC, SS, Balangir **(Address - District Project Office, Samagra Shiksha, Balangir, At - College Square, Po-Rajendra College, Dist. - Balangir - 767002), personally or through Speed Post only on or before 17.09.2025.** Objection in other mode, except personally or Speed Post, will not be entertained. The objection, if any, without complete information or without supporting documents will not be entertained and authority reserves the right to accept or reject the objection without any further notice or assigning any reason thereof. **No objection will be accepted or entertained after Dt-.17.09.2025, whatsoever the reason may be.**
Sd./- Collector-cum-Chairman
OIPR-27071/11/0011/2526 Samagra Shiksha, Balangir

**Kotpad NAC**
**Government of Odisha**
Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1902 Date 08.09.2025
**QUOTATION CALL NOTICE**

No.C-1026: Sealed quotations are from interested Contractors/ agencies/firms/ companies by Speed Post/Registered Post/Courier/ by hand with PAN and GST certificate for "Supplying and fixing of approved waterproof plywood on walls and ceiling with lights, tables, draws, racks with all fitting like steel handless as per requirement". The detailed terms and condition are available at our office website www.kotpadnac.in. The period of available of Documents in the web portal is from Dtd.08.09.2025 to Dtd.18.09.2025 by 1.00 PM and will be opened on same date at 03.00 PM in the office of undersigned.
The Authority reserves the right to accept or reject any tender without assigning any reason thereof.
**General Instruction and Eligibility Criteria to the bidder:**
1. **The quotationer may quote the price per sqr meter.**
2. The Bidder should submit the Bid cost of Rs.4000/- (including GST) Non-refundable Form of DD in favour of Executive Officer Kotpad NAC.
3. The bidder should submit EMD of Rs.10,000/- (Ten Thousand) in shape of DD in favour of Executive Officer, Kotpad NAC payable at Kotpad/ FD pledged in favour of Executive Officer, Kotpad NAC.
4. The Award will be made on the basis of lowest financial bid.

Sd./-Executive Officer,
OIPR-13182/11/0017/2526 Kotpad NAC

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
E-mail : eeteldivn2022@gmail.com
E-procurement Notice No - EE, TID, SNP - 08/2025-26

**No.A-595** : The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double cover** system to be received in **online mode** only for the works as detailed below.

| | | |
|---|---|---|
| 1. | Name/Nature of the work | : Flood Protection Embankment Works |
| 2. | No. of Works | : 02 Nos. |
| 3. | Class of Contractor | : As mentioned in Col. No. 4 of NIT |
| 4. | Bid Identification No. | : EE, TID, SNP - 08/2025-26 |
| 5. | Estimated Cost | : From Rs.81.52 lakhs to Rs.82.36 Lakhs |
| 6. | Period of Completion | : As per mentioned in Col No.7 of NIT |
| 7. | Date & time of availability of bid documents in the Portal | : **From 10.09.2025 (10.00 A.M.) to 20.09.2025 (05.30 P.M.)** |
| 8. | Last date/time for receipt of bids in the Portal | : **In portal - 20.09.2025 from 10.00 A.M. up to 05.30 P.M.** |
| 9. | Date of Opening of Bid | : **On Date 22.09.2025 (11.00 A.M. onwards in the Office of the undersigned)** |
| 10. | Name of the Officer inviting Bid | : **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.
Sd./- Executive Engineer
OIPR-32362/11/0009/2526 Tel Irrigation Division, Sonepur

**ODISHA PUBLIC SERVICE COMMISSION CUTTACK**
**NOTICE**
Recruitment to the post of Assistant Conservator of Forest & Forest Ranger
(Advertisement No. 08 of 2023-24)
Re-conduct of Endurance (Walking) Test

**No.D-** : Inviting a reference to the Notice No. 6306/PSC dt.06.09.2025 uploaded in the Website of the Commission on 06.09.2025, it is for information of the following 17 candidates, who have not cleared Medical Test during Physical Standard Test held from 14.07.2025 to 19.07.2025, that **the Endurance (Walking) Test** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** on **11.09.2025** as per the following schedule.

PROGRAMME FOR ENDURANCE (WALKING) TEST :

| Sl. No. | Roll No. | Endurance (Walking) Test: Date & Time of Reporting | Endurance (Walking) Test: Date & Time of Event |
|---|---|---|---|
| 01 | 201579, 301740, 302389, 302457, 302606, 302863, 302879, 303241, 303268, 303291, 303759, 304823, 305825, 306841, 400960, 400969 & 401501 = **17 Candidates** | 11.09.2025 04.30 A.M. | 11.09.2025 05.00 A.M. to 09.00 A.M. |

Candidates are advised to refer the Notice No. 6306/PSC dt.06.09.2025 available in the Website of the Commission at www.opsc.gov.in for detailed information and documents.
This test is being re-conducted in pursuance to the Orders dated 18.08.2025 of Hon'ble High Court in W.P. (C) No. 20102 of 2025 and similar batches of cases.
The candidates are advised to visit the Website of the Commission at www.opsc.gov.in for the detailed information.
OIPR-12002/11/0313/2526

## ସଂକ୍ଷେପରେ

### ଜ୍ୟୋତିଙ୍କୁ ମିଳିଲା ବୁଥସ୍ତରୀୟ ଦଳୀୟ ଏଜେଣ୍ଟ ନିଯୁକ୍ତି ଦାୟିତ୍ୱ

ଖଇରା, ୯।୯ (ଉତ୍କଳବନ୍ଧୁ ପଣ୍ଡା)

ଆଉ ମାତ୍ର କିଛି ଦିନ ମଧ୍ୟରେ ଭୋଟର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ସିମୁଳିଆ ନିର୍ବାଚନମଣ୍ଡଳୀର ୨୭୧ ବୁଥରେ ବିଜେଡି ଏଜେଣ୍ଟ ନିଯୁକ୍ତି ପାଇଁ ଦଳ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି। ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଗତ ୪ତାରିଖରେ ଲିଖିତ ଭାବେ ଏହି ଦାୟିତ୍ୱ ଜ୍ୟୋତିପ୍ରକାଶଙ୍କୁ ନ୍ୟସ୍ତ କରିଛନ୍ତି। ନିଯୁକ୍ତ ହେବାକୁ ଥିବା ଏହି ଏଜେଣ୍ଟମାନେ ଚୂଡ଼ାନ୍ତ ଭୋଟର ତାଲିକା କପି ଗ୍ରହଣ କରିବା ପରେ ତ୍ରୁଟିବିଚ୍ୟୁତିକୁ ବୁଥସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ। ଏହା ମଧ୍ୟରେ ପ୍ରାକ୍ତନ ବିଧାୟକ ଜ୍ୟୋତିପ୍ରକାଶ ବୁଥସ୍ତରରେ ଦଳୀୟ କର୍ମୀମାନଙ୍କର ବୈଠକ ଡାକି ଦାୟିତ୍ୱସମ୍ପନ୍ନ କର୍ମୀଙ୍କୁ ବିଏଲଏ ଏଜେଣ୍ଟ ଭାବେ ଚୟନ କରିବା ସହ ସେମାନଙ୍କ ଉପରେ ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି। ଏଜେଣ୍ଟ ତାଲିକା ପ୍ରସ୍ତୁତି ସରିଛି ଖୁବଶୀଘ୍ର ଜିଲାସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଜ୍ୟୋତିପ୍ରକାଶ କହିଛନ୍ତି।

### କୁପାରୀ ଭାଗବତ ଟୁଙ୍ଗୀର ବାର୍ଷିକୋତ୍ସବ

ଖଇରା, ୯।୯ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଞ୍ଚାୟତ ୭ନମ୍ବର ୱାର୍ଡ ପଟ୍ଟନାୟକ ସାହି ଭାଗବତ ଟୁଙ୍ଗିର ୬୩ତମ ବାର୍ଷିକୋତ୍ସବ ଓ ଭାଗବତ ଜନ୍ମ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଅଜୟ କୁମାର ସେଣ୍ଡ ଓ ଉଲ୍ଲାସ ରାଉତ କଳସ ଆଣିଥିବା ବେଳେ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ କୃଷ୍ଣ ବିଗ୍ରହଙ୍କ ପୂଜାର୍ଚ୍ଚନା କରିବା ପରେ ବେଦପାଠ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ଭାବେ ସୁରେନ୍ଦ୍ର ପଣ୍ଡା, ଗଜେନ୍ଦ୍ର ଗାହାଣ, ଗଜେନ୍ଦ୍ର ଜେନା, ମାନସ ଗାହାଣଙ୍କ ତତ୍ତ୍ୱାବଧାନରେ ଭାଗବତ ପାରାୟଣ ଆରମ୍ଭ ହୋଇଛି। ୭ଦିନ ଧରି ଉତ୍ସବ ପାଳନ ହେବା ସହିତ ଉଦଯାପନୀ ଦିବସରେ ଗୀତାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଅଛି।

### ୨ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ସହକାରୀ ଶିକ୍ଷୟିତ୍ରୀ

ବାଲେଶ୍ୱର, ୯।୯ (ବାଞ୍ଛାନିଧି ଦେ)



ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲେଶ୍ୱର ସଦର ବ୍ଲକସ୍ଥିତ ସରକାରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଉମାମଣି ନାୟକ କ୍ରମାଗତ ୨ଥର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଜିଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଉମାମଣିଙ୍କୁ ମାନପତ୍ର, ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପୁରସ୍କାର ପାଇବା ପରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ର ଓ ବିଇଓ ଯୋଗେଶ୍ୱର ଜେନା ପ୍ରମୁଖ ଶିକ୍ଷୟିତ୍ରୀ ନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କଳାକନା ବୁଲାଇଲେ ଦୁର୍ବୃତ୍ତ

ସୋର, ୯।୯ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଦହିପୁର ଗ୍ରାମରୁ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରୁ କଳାକନା ବୁଲାଇଛନ୍ତି। ଗ୍ରାମର ଚୈତନ୍ୟ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୫ ଦିନ ପୂର୍ବରୁ ଉତ୍ତର ଭାରତ ଭ୍ରମଣ କରିବାକୁ ଯାଇଛନ୍ତି। ଘରେ ତାଙ୍କ ଶିକ୍ଷୟିତ୍ରୀ ଝିଅ ହିରଣ୍ମୟୀ ପ୍ରଧାନ ଏବଂ ଜ୍ୱାଇଁ ଶିବ ନାରାୟଣ ସାହୁ ରୁହନ୍ତି। ପୂର୍ବାହ୍ନରେ ଉଭୟ ସ୍କୁଲକୁ ଯାଇଥିବା ବେଳେ ଘରେ କେହି ନ ଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘର ପଛ ପଟ ଝରକା ଗ୍ରୀଲ ଭାଙ୍ଗି ଭିତରେ ପଶି ନଗଦ ୫୦ ହଜାର ଟଙ୍କା ସମେତ ୫ ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି କରିନେଇଥିଲେ। ଉଭୟ ଦମ୍ପତି ଅପରାହ୍ନରେ ଘରେ ପହଞ୍ଚିବା ପରେ ଘର ଭିତର ପଟୁ କବାଟ ଦିଆଯାଇଥିବା ଦେଖି ପଛପଟେ ଝରକା ଗ୍ରୀଲ ଭଙ୍ଗା ଯାଇଥିବା ଦେଖିଥିଲେ। ଚୋରି ହୋଇଥିବା ଜାଣି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ ଆରମ୍ଭ

ବାଲେଶ୍ୱର, ୯।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜମୁଖୀ ଶିକ୍ଷା ଓ ପ୍ରଭାବଯୁକ୍ତ ଗବେଷଣା ପ୍ରତିବଦ୍ଧତାର ସାକ୍ଷ୍ୟ ରୂପେ ଜିଲା ଅଧୀନ ୧୨ଟି ବ୍ଲକରେ ବ୍ୟାପକ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ ଆରମ୍ଭ କରାଯାଇଛି। ଏଫ୍‌ଏମ୍‌ୟୁ ଓ ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧ୍ୟୟନ ଓ ସାମାଜିକ କାର୍ଯ୍ୟ ବିଭାଗ ସହଯୋଗରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏହି ସର୍ଭେ କେବଳ ତଥ୍ୟ ସଂଗ୍ରହ ପାଇଁ ନୁହେଁ, ଏହା ସମାଜ ପରିବର୍ତ୍ତନ ସହିତ ଶିକ୍ଷା ଓ ଗବେଷଣାକୁ ସେତୁବନ୍ଧରେ ପରିଣତ କରିବ। ଏହି ସର୍ଭେ ଦ୍ୱାରା ଜିଲାର ସାମୂହିକ ଉନ୍ନତି, ପ୍ରମାଣ ଭିତ୍ତିକ ତଥ୍ୟ ସଂଗ୍ରହ, ନୀତି ଓ ଲକ୍ଷ୍ୟ ଭିତ୍ତିକ ବିକାଶ ପାଇଁ ଉଦ୍ଦିଷ୍ଟ ହେବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରେମାନନ୍ଦ ସେଠୀ,



ଉଦ୍‌ଘାଟନୀ ଉତ୍ସବରେ ପ୍ରୋଗ୍ରାମ ଅଫିସର ଓ ସ୍ୱେଚ୍ଛାସେବୀ।

ବ୍ରଜବିହାରୀ ପତି ଓ ଅଶୋକ କୁମାର ରଥ, ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରଙ୍ଗ ଚରଣ ରାଉତ, ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ ଓ ସତ୍ୟନାରାୟଣ ସାହୁ, ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତ, ସୁପ୍ରିୟା ରାଉତ, ସହକାରୀ ଅଧ୍ୟାପକ ସମୀର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ଡ. ଜଗନ୍ନାଥ ବେହେରା ଓ ଜିବି

**ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ**

ମୁଣ୍ଡୁ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସ୍ୱତନ୍ତ୍ର ଶିବିର ଦ୍ୱାରା ସର୍ଭେ ମାଧ୍ୟମରେ ଗ୍ରାମ୍ୟସ୍ତରରେ ପରିବାରମାନଙ୍କ ସହ ସିଧାସଳଖ କଥୋପକଥନ ସହ ଜାତି ଓ ସମୁଦାୟର ଗଠନ, ପଛୁଆ ଶ୍ରେଣୀର ଲୋକଙ୍କ ଜୀବନଯାପନ ପ୍ରଣାଳୀ, ବିପିଏଲ୍ ପରିବାରଙ୍କ ସାମାଜିକ ଓ ଆର୍ଥିକ ପରିସ୍ଥିତି, ସରକାରୀ ଓ ବେସରକାରୀ କଲ୍ୟାଣ ଯୋଜନାର ସୁବିଧାର ଉପଲବ୍ଧି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ଏହି ସର୍ଭେରେ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ, ଗବେଷକ, ୩୨ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ୬୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି।

# ୪ଜଣଙ୍କୁ ଧରି ୩ଜଣଙ୍କୁ ଛାଡ଼ିଦେଲା ପୋଲିସ

## ୩୦.୯୫୦ଗ୍ରାମ୍ ବ୍ରାଉନସୁଗାର ଜବତ

ଭୋଗରାଇ, ୯।୯ (ପ୍ରଦୀପ ଦାସ)


ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ତାଳସାରୀ ମେରାଇନ ଥାନା ପୋଲିସ ବ୍ରାଉନ ସୁଗାର ଜବତ ମାମଲାରେ ହରଡ଼ଘଣାରେ ପଡ଼ିଛି। ୪ଜଣଙ୍କୁ ଅଟକ ସହ ଏକ କାର୍ ଜବତ ହୋଇଥିବାବେଳେ ପୋଲିସ ୩ ଜଣଙ୍କୁ ଛାଡ଼ି ଦେଇ ଜଣଙ୍କୁ ନେଇ ସିନ୍ କ୍ରିଏଶନ କରିବା ଏବଂ କାର୍ ବଦଳରେ ଏକ ମୋଟରସାଇକେଲ୍ ଜବତ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଇତିମଧ୍ୟରେ ମେରାଇନ୍ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଅଡିଓରେ ଗଣମାଧ୍ୟମକୁ ମେରାଇନ ଥାନା ଅଧିକାରିଣୀ ମୋର ଭୁଲ୍ ହୋଇଛି, ଆପଣମାନଙ୍କୁ ମୁଁ ସମ୍ମାନ ଦେଉଛି, ଥାନାକୁ ଆସନ୍ତୁ ଆଦି କହି ନେହୁରା ହେଉଥିବା ଶୁଣିବାକୁ ମିଳୁଛି। ଉକ୍ତ ଅଡିଓଟି ବ୍ରାଉନ୍ ସୁଗାର ଜବତ ସମ୍ପର୍କିତ ହୋଇଥିବା କୁହାଯାଉଥିବାବେଳେ ଥାନା ଅଧିକାରିଣୀ ସୋରେନ କିନ୍ତୁ ଏନେଇ ଆଉ କିଛି ମୁହଁ ଖୋଲୁ ନାହାନ୍ତି।

ସୂଚନାନୁଯାୟୀ, ସାହାବାଜିପୁରଠାରେ ସୋମବାର ସକାଳୁ ତାଳସାରୀ ମେରାଇନ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ କାବୁ କରିଥିଲା। ଏଥିସହିତ ତାଙ୍କ ଠାରୁ ୩୦.୯୫୦ଗ୍ରାମ ବ୍ରାଉନସୁଗାର ମୋବାଇଲ ଏବଂ ଏକ ବାଇକ ଜବତ କରିଥିଲା। ଏହି କାରବାରରେ ସମ୍ପୃକ୍ତଥିବା କମର୍ଦ୍ଦା ଥାନା କଣ୍ଟାବାଣୀ ଗ୍ରାମର ଦୀପକ ନାୟକ(୨୫)ଙ୍କୁ ଗିରଫ କରି ଏକ ମାମଲା(ନଂ.୭୯/୨୫) ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଥିଲେ। ହେଲେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପୋଲିସ ରବିବାର ରାତିରେ ସନ୍ଦେହରେ ଏକ କାର୍ ଏବଂ ୪ଜଣ ଯୁବକଙ୍କୁ ଥାନାକୁ ନେଇଁ ଅଟକ ରଖିଥିଲା। ହେଲେ ପରେ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ସୋମବାର ମଧ୍ୟାହ୍ନରେ ସିନ୍‌କ୍ରିଏଶନ ପରେ କେବଳ ଜଣଙ୍କୁ ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ଗିରଫ କରାଯାଇଥିବା ସାହାବାଜିପୁର ବାର୍ ରାସ୍ତାରେ ଗଣମାଧ୍ୟମ ସମ୍ମୁଖରେ ପୋଲିସ କହିଥିଲା। ଏପରି କି ତାଳସାରୀ ସାମୁଦ୍ରିକ ଥାନାରେ ଅଟକଥିବା ଓଡି୦୫-ଏଇ-୪୨୬୬ ନମ୍ବର ବିଶିଷ୍ଟ କାରକୁ ଖସାଇ ଦିଆଯାଇଥିବାବେଳେ ତା' ବଦଳରେ ଏକ ଓଡି୦୧-ଏଜେଡ-୯୮୧୫ ନମ୍ବର ବିଶିଷ୍ଟ ବାଇକ୍ ବ୍ୟବହାର କରାଯାଇଥିବା ପୋଲିସ ସଫେଇ ଦେଇଛି। ଏହି ବ୍ରାଉନ୍‌ସୁଗାର କାରବାରରେ ପୋଲିସର ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କଲାପରେ ଅଧିକାରୀମାନେ ଘଟଣାର ତଦନ୍ତ ହେବ ବୋଲି ସୂଚନା ମିଳିଛି।

# ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର କରୁଛି ଟିପିଏନଓଡିଏଲ ଗ୍ରାହକ ସେବା କେନ୍ଦ୍ର

ବାଲେଶ୍ୱର, ୯।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ ସର୍ବଦା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଏବଂ ସେବା ସମ୍ପର୍କିତ ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଗୁରୁତ୍ୱ ଦେଇଆସୁଛି। ବିଶେଷତଃ ସ୍ମାର୍ଟ ମିଟରକୁ ନେଇଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ଅଗ୍ରାଧିକାର ଦେଇଛି। ଏନେଇ ସଚେତନତା ସୃଷ୍ଟି କରିବା ତଥା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଟିପିଏନଓଡିଏଲର ପ୍ରତ୍ୟେକ ଗ୍ରାହକ ସେବାକେନ୍ଦ୍ରରେ ସ୍ମାର୍ଟ ମିଟର ଓ ସାଧାରଣ ବୈଦ୍ୟୁତିକ ମିଟର ସ୍ଥାପନ କରାଯାଇଛି। ଦୁଇଟି ମିଟରକୁ ସମାନ ବୈଦ୍ୟୁତିକ ଲୋଡ୍ ପ୍ରଦାନ କରାଯାଇ ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱକୁ ଉପସ୍ଥିତ ଗ୍ରାହକ ସେବା ଅଧିକାରୀ ଦୂର କରିବାରେ ସହାୟତା କରୁଛନ୍ତି। ଟିପିଏନଓଡିଏଲର ବର୍ତ୍ତମାନ ୧୬ଟି ଡିଭିଜନ ଅଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଏହି




ବ୍ୟବସ୍ଥା ଉପଲବ୍ଧ ରହିଛି। ବାଲେଶ୍ୱରରେ ଥିବା ୫ଟି ଗ୍ରାହକ ସେବା କେନ୍ଦ୍ର, ଭଦ୍ରକରେ ୨ଟି, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲାରେ ୩ଟି ଲେଖାଏଁ ଗ୍ରାହକ ସେବା କେନ୍ଦ୍ରରେ ଏହି ସୁବିଧା କରାଯାଇଛି। ଯାହାକି ଉପଭୋକ୍ତାମାନଙ୍କ ସ୍ମାର୍ଟ ମିଟର ସମ୍ପର୍କିତ ସମସ୍ୟା ଦୂର କରିବାରେ ସହାୟକ ହେଉଛି।

ଉପଭୋକ୍ତା ବିଶ୍ୱସନୀୟତା ଓ ସେବାରେ ଉନ୍ନତି ଓ ଉତ୍କର୍ଷ ଆଣିବା ଦିଗରେ ଏକ ମାଇଲଖୁଣ୍ଟ ସ୍ୱରୂପ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାଶନାଲ୍‌ଆକ୍ରିଡେସନ୍‌ବୋର୍ଡଅଫ୍‌ଟେଷ୍ଟିଂ ଆଣ୍ଡ୍ କାଲିବ୍ରେଶନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏନଏବିଏଲର ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା, ଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ।

## ୧.୩୦୦କି.ଗ୍ରା. ଗଞ୍ଜେଇ ଜବତ, ଜଣେ ଗିରଫ

ନୀଳଗିରି, ୯।୯ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ପୋଲିସ ଏକ ସ୍କୁଟି ସହିତ ୧ କିଲୋ ୩ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହିତ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାଯାଇଛି। ରବିବାର ରାତିରେ ଖବରପାଇ ନୀଳଗିରି ପୋଲିସ ମିତ୍ରପୁର ହାଟ ଛକ ନିକଟରୁ ନୀଳଗିରି ଥାନା ଅଧୀନ ବେଗୁନିଆ ଗ୍ରାମର ଲକ୍ଷ୍ମୀଧର ଜେନା (୪୮)ଙ୍କୁ ଧରିବା ସହ ତାଙ୍କ ନିକଟରୁ ଏକ ସ୍କୁଟି ସହିତ ପାଖାପାଖି ୧କିଲୋ ୩ଶହ ଗ୍ରାମ୍‌ର ଗଞ୍ଜେଇ, ଚିଲିମ, ଗଞ୍ଜେଇ ଗ୍ରାଇଣ୍ଡର ଜବତ କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ.୩୫୮/୨୫) ରୁଜୁ କରାଯାଇ ସୋମବାର ଅଭିଯୁକ୍ତଙ୍କୁ ଅଧିକ ପଚରାଉଚୁରା କରୁଛନ୍ତି। ନୀଳଗିରି ଥାନାର ଥାନା ଅଧିକାରୀଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ୨ଦିନିଆ ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

## ଭାଗନେଲେ ୧୪୦ ବିଦ୍ୟାଳୟର ୫ଶହ ଛାତ୍ରୀଛାତ୍ର

ଖଇରା, ୯।୯ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ସୋମବାର, ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ୧୪୦ ବିଦ୍ୟାଳୟରୁ ଆସିଥିବା ୫ଶହ ପିଲା କବାଡି, ଖୋଖୋ, ଭଲିବଲ, ଯୋଗ, ଚେସ୍, ଫୁଟବଲ, ବ୍ୟାଡମିଣ୍ଟନ, କ୍ରିକେଟ, ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଡିଓ ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଖଇରା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ କୁମାର ଦାଶ, କ୍ରୀଡା ସମ୍ପାଦକ ଲକ୍ଷ୍ମୀଧର ପରିଡା, ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଦ୍ୟା ଅଧ୍ୟୟନ ସାଙ୍ଗକୁ ବୌଦ୍ଧିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସୁଶାନ୍ତ ମହାପାତ୍ର ଓ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଖୋକନ ସେଠୀ, ଅଶୋକ ମହାନ୍ତି, ବିଦ୍ୟାଧର ଦାସଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସିଆରସିସି ସହଯୋଗ କରିଥିଲେ।

# ୧୬୦ କ୍ରୀଡ଼ାବିତ୍ ଜିଲାସ୍ତରକୁ ଉତ୍ତୀର୍ଣ୍ଣ

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

ସିମୁଳିଆ, ୯।୯ (ସନ୍ତୋଷ ନାୟକ)

ସିମୁଳିଆ ବ୍ଲକ ରଘୁନାରାୟଣ ସରକାରୀ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବର୍ଗରେ ମୋଟ ୧୬୦ଜଣ କ୍ରୀଡାବିତ୍ ଜିଲାସ୍ତରୀୟ କ୍ରୀଡା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୦ ଓ ୧୧ରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡାରେ ଏହି କୃତୀମାନେ ଅଂଶଗ୍ରହଣ କରିବେ।

ସିମୁଳିଆ ବ୍ଲକର ବିଭିନ୍ନ ୨୪ଟି ହାଇସ୍କୁଲ ଓ ୧୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୪ ଓ ୧୭ବର୍ଷ ବୟସରୁ କମ୍ ବିଭାଗରେ ମୋଟ ୧୨ଶହ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଦୌଡକୁଦ, ଖୋଖୋ, କବାଡି, ଭଲିବଲ, ଫୁଟବଲ, ଚେସ୍, ରଗବୀ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମିଶ୍ର, ଜିଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ରଘୁନାରାୟଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି, ସ୍ଥାନୀୟ ସରପଞ୍ଚ କମଳାକାନ୍ତ ନାୟକ, ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସମ୍ବିତ କୁମାର ମିଶ୍ର, ଓଷ୍ଟା ସମ୍ପାଦକ ପ୍ରସନ୍ନ କୁମାର ଧଳ, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ । ବ୍ଲକ କ୍ରୀଡା ସମ୍ପାଦକ ଭାଗିରଥି ଜେନା, କ୍ରୀଡା ଶିକ୍ଷକ ହାମରା ମାରାଣ୍ଡି, ହେନାଗ୍ଲୋରିଆ ଦାସ, ଚନ୍ଦ୍ରଶେଖର ବେହେରା, ଗୌରମୋହନ ସିଂ ପ୍ରମୁଖ ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଯୋଗଦେଇ କ୍ରୀଡ଼ା ପରିଚାଳନା କରିଥିଲେ।



କ୍ରୀଡା ଶିକ୍ଷକମାନଙ୍କ ସହିତ କୃତୀ କ୍ରୀଡାବିତ୍।

# ୨୬୮ ଗ୍ରାମ୍ ବ୍ରାଉନସୁଗାର ଜବତ

## ମହିଳାଙ୍କ ସମେତ ୩ ଗିରଫ

ଜଳେଶ୍ୱର, ୯।୯ (ନବୀନ ସାହୁ)

ଜଳେଶ୍ୱର ପୋଲିସକୁ ପୁଣି ଏକ ବଡ଼ଧରଣର ସଫଳତା ମିଳିଛି। ଜଳେଶ୍ୱର ପୋଲିସ ବହୁତ ଦିନର ବ୍ୟବଧାନ ପରେ ୨୬୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରି ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଏକ କାର୍‌ରେ ବିପୁଳ ପରିମାଣର ବ୍ରାଉନସୁଗାର ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ସୋମବାର ସକାଳ ୯ଟା ବେଳେ ପୋଲିସ ଚାଲନ୍ତି ବାଇପାସ୍ ନିକଟରେ ଜଗି ରହିଥିଲା। ଏହି ସମୟରେ ଆସୁଥିବା ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ୨୬୮ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ ହୋଇଥିଲା। ସେମାନଙ୍କଠାରୁ ଉକ୍ତ କାର୍ ସହ ୪ଟି ମୋବାଇଲ, ନଗଦ ୨ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ଏନେଇ ଜଳେଶ୍ୱର ଥାନା ଏସ୍‌ଆଇ ରାଜଲକ୍ଷ୍ମୀ ଦାସଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୩୯୯/୨୫) ରୁଜୁ ହୋଇଛି।

# 'ସଫଳତା ପାଇଁ ଏକାଗ୍ରତା ଜରୁରୀ'

ବାହାନଗା, ୯।୯ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଡିଜିଟାଲ ଯୁଗରେ ଆମେ ସବୁ ବହୁ ଆଗକୁ ଗଲେଣି। ପାଠ ପଢିବା ସଙ୍ଗେ ସଙ୍ଗେ ଶାରୀରିକ ପରିଶ୍ରମ କରିବା ସହିତ ଲୁଚି ରହିଥିବା ପ୍ରତିଭାକୁ ଖୋଜି ଲୋକଲୋଚନକୁ ଅଣାଯିବାର ଏହା ଏକ ଉତ୍ତମମାଧ୍ୟମ ବୋଲି ପ୍ରକାଶ କରିଥିଲେ। ସଭାରେ ବିଇଓ ସୋମାରାଣୀ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପଥରପେଣ୍ଟ ପଞ୍ଚାୟତ ସମିତିସଭ୍ୟ ଶରତଚନ୍ଦ୍ର ରାଜ ଯୋଗଦେଇ ଏକାଗ୍ରତା ହୋଇ କାର୍ଯ୍ୟ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରମାନଙ୍କ ପ୍ରତି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ପ୍ରଧାନ ଶିକ୍ଷକ ଯଦୁନାଥ ସିଅଳ,

## ବାହାନଗା ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ




କ୍ୟାପ୍‌ସନ୍......................

ବାହାନଗା କ୍ରୀଡା ସଂଘ ସମ୍ପାଦକ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ୬୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସମେତ ମାନପତ୍ର ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ଜୋନାଲରେ ଖେଳିଥିବା ସମସ୍ତ ୩୮୦ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଲିଳିମା ପଣ୍ଡା ଓ ଗୋପାଳ ଚନ୍ଦ୍ର ଯେନା ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ସିଆରସିସିମାନେ ସହଯୋଗ କରିଥିଲେ।

## ପ୍ରତାପପୁର ହସ୍‌ପିଟାଲ ବାଲିବିଲ ରାସ୍ତା

# ୧୦ ମିନିଟ୍ ବଦଳରେ ଲାଗୁଛି ଅଧଘଣ୍ଟାଏ

କାଳିପଦା, ୯।୯ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ପ୍ରତାପପୁର ହସ୍ପିଟାଲଠାରୁ ବାଲିବିଲ ପର୍ଯ୍ୟନ୍ତ ଆର୍‌ଡି ବିଭାଗର ୪ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାରେ ଗାଡ଼ିରେ ଗଲେ ୧୦ମିନିଟ୍ ଲାଗିବା ପରିବର୍ତ୍ତେ ଅଧ ଘଣ୍ଟାଏ ଲାଗିଯାଉଛି।

ଏହି ୪ କି.ମି. ରାସ୍ତା ଉପରେ ବେତଗଡ଼ିଆ, ଅଳାଡ଼ିହା ଓ ପ୍ରତାପପୁର ପଞ୍ଚାୟତର ୩୦ଗାଁର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ବାଲିଆପାଳ, କାଳିପଦା ବଜାର, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଉ କି ପ୍ରତାପପୁର ହସ୍‌ପିଟାଲକୁ ଯିବାଆସିବା ପାଇଁ ଏହି ରାସ୍ତା ଏକମାତ୍ର ମାଧ୍ୟମ। ଦୀର୍ଘଦିନ ଧରି ଏହି ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ହେଲେ ଖାଲଗୁଡିକରେ ୨ ଫୁଟର ପାଣି



ଜମା ରହେ। ସ୍କୁଲ ପିଲାମାନେ ଅଧିକ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତାରେ ପାଖାପାଖି ୪ଟି ଉଚ୍ଚ ବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ପ୍ରତାପପୁର ସାହୁସନାତନ ଉଚ୍ଚ ବିଦ୍ୟାଳୟ, ନିଶାମଣି ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଅଁଳାଡ଼ିହା ମୋହନ ଚନ୍ଦ୍ର ଉଚ୍ଚବିଦ୍ୟାଳୟ, ବେତଗଡ଼ିଆ କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ପିଲାମାନେ ଏହି ରାସ୍ତାରେ ଯିବା ଆସିବା ସମୟରେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏତେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି ଯେ, ବର୍ଷା ହେଲେ ପାଣି ଜମି ରହିଥିବାରୁ ଜାଣିବା କଷ୍ଟକର ବ୍ୟାପାର। ଗତବର୍ଷ ବର୍ଷା ଦିନ ଆସିବା ଆଗରୁ ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର ଆର୍‌ଡି ବିଭାଗର ନିର୍ବାହୀଯନ୍ତ୍ରୀ ଅବନୀ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ବର୍ଷାଦିନ ଆଗରୁ ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ଅଧିକାରୀ କହିଥିଲେ। ମାତ୍ର ରାଉତଙ୍କର ଗତ ୩୦ ଜୁଲାଇରେ ଅବସର ପରେ ସରପଞ୍ଚ କାହାକୁ କହିବେ ବୋଲି କହିଛନ୍ତି।

ସୂଚନାଥାଉ କି, ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ୪ଟା ଡିଭିଜନ ଦାୟିତ୍ୱରେ ଥିବାରୁ ବାଲିଆପାଳ କାର୍ଯ୍ୟାଳୟ ପ୍ରାୟ ଫାଙ୍କା ପଡୁଛି। ସବୁଠାରୁ ଅଧିକ ଖରାପ ହୋଇଥିବା ସାହୁ ସନାତନ ବିଦ୍ୟାଳୟ ସମ୍ମୁଖରେ ରାସ୍ତାକୁ ଶୀଘ୍ର ମରାମତି କରିବା ପାଇଁ ଅଜୟ ପାତ୍ର, କମଳଲୋଚନ କର, ମନୋଜ ବେହେରା, ଚକ୍ରଧର ପିଳା, ମୃତ୍ୟୁଞ୍ଜୟ ରାଉତ, ମନ୍ମଥ ବିଶ୍ୱାଳ, ହରେକୃଷ୍ଣ ପଣ୍ଡା, ଗୋପାଳ ମହାନ୍ତି, ରବିନାରାୟଣ ପାତ୍ର ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିବା ସହିତ ଜିଲାପାଳଙ୍କୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

# ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୯।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍ଓଡ଼ି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୩୪୯ ପୃଷ୍ଠା ସମ୍ବଳିତ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଏଥିରେ ୧୨୦ଜଣ ସାକ୍ଷୀ ରହିଛନ୍ତି। ୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି।

ବିଭାଗୀୟ ଏଚ୍ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଏଚ୍ଓଡିଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ଅଗଷ୍ଟ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା। ଜିଲା ଓ ଦୌରାଜଜ୍ ସମୀରଙ୍କ ଜାମିନକୁ ଖାରଜ କରିଥିଲେ। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଡିଏସ୍‌ପି ତଦନ୍ତକାରୀ ଅଧିକାରୀ ଇମାନ କଲ୍ୟାଣ ନାୟକ ଅଭିଯୁକ୍ତ ସମୀରଙ୍କୁ ପଚରାଉଚରା ପାଇଁ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଜିଲା ଓ ଦୌରାଜଜ୍ ମଞ୍ଜୁର କରିଥିଲେ। ସମୀରଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବା ପରେ ଏଚ୍ଓଡି ସମୀର ସାହୁ ପୁଣି ଜେଲକୁ ଫେରିଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ଏଚ୍ଓଡି ସମୀର ସାହୁଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି। ଏହାର ଶୁଣାଣି ହୋଇନାହିଁ। ସେହିପରି ଗତ ଅଗଷ୍ଟ ୧୯ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିଲା। ଅପରପକ୍ଷରେ ଅଗଷ୍ଟ ୧୧ ତାରିଖରୁ ୩ଦିନିଆ ରିମାଣ୍ଡରେ ଦୁଇ ଛାତ୍ରଙ୍କୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଜିଲା କାରାଗାରରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ମାରାଥନ୍ ଜେରା କରିଥିଲା।



କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।



ସୌମ୍ୟାଶ୍ରୀ ବିଶି

## ମଦ ଚୋରି ପରେ ଦୋକାନ ଜାଳିଦେଲେ

ଯୋଡ଼ା,୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ସିନେମା ହଲ୍ ଛକଠାରେ ଥିବା ଏକ ବିଦେଶୀ ମଦ ଦୋକାନରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଦୋକାନରୁ ମଦ ଚୋରି ପରେ ନିଆଁ ଲଗାଇ ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ଦୋକାନ ଜଳିଯାଇଥିବା ବେଳେ ଗୋଦାମରେ ଥିବା ମଦ ପେଟିଗୁଡ଼ିକ ପ୍ରାୟ ୮୦ ଭାଗ ଜଳିଯାଇଛି। ଏନେଇ ଦୋକାନ ମାଲିକ ସନ୍ତୋଷ କୁମାର ଗୁପ୍ତା ମଙ୍ଗଳବାର ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ହାର୍ଡଡିସ୍କ ସହ ପ୍ରାୟ ୧ କୋଟି ଟଙ୍କାର ସାମଗ୍ରୀ ଚୋରି ଓ ପୋଡ଼ି ନଷ୍ଟ ହୋଇଯାଇଥିବା ସେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳ ସାଢ଼େ ୯ଟା ବେଳେ କର୍ମଚାରୀ ଦୋକାନ ଖୋଲିବାକୁ ଆସି ଖୁବ୍ ଜୋରରେ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ମଦ ଦୋକାନ ସଂଲଗ୍ନ ଗୋଦାମ ପଛପଟ ଝରକା ଗ୍ରିଲ୍ କାଟି କେହି ଦୁର୍ବୃତ୍ତ ୬୦୦ ପେଟିରୁ ଊର୍ଦ୍ଧ୍ୱ ମଦ ବୋତଲ ଚୋରି କରିନେଇଛନ୍ତି। ପରେ ଖାଲି ପେଟିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ଗୋଦାମରୁ ନିଆଁ ଦୋକାନକୁ ବ୍ୟାପୀ ଯାଇଥିଲା। କର୍ମଚାରୀ ଜଣକ କିଛି ସାମଗ୍ରୀ ଦୋକାନ ବାହାରକୁ ଆଣିବା ସହ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୧ଘଣ୍ଟା ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲା।

## ଋଣ କରାଇଦେବା ଆଳରେ ୨୦ ଲକ୍ଷ ଠକେଇ

ବ୍ରହ୍ମପୁର,୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ (ପିଏମ୍ଇଜିପି) ଜରିଆରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଶିଳ୍ପକେନ୍ଦ୍ରରୁ ଋଣ କରାଇବା ଆଳରେ ଜଣେ ଗ୍ୟାରେଜ ମାଲିକଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକେଇ ହୋଇଛି। ୨ ଜଣ ବ୍ୟକ୍ତି ନିଜକୁ ଜିଲା ଶିଳ୍ପକେନ୍ଦ୍ରର କର୍ମଚାରୀ ପରିଚୟ ଦେଇ ଠକେଇ କରିଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଇ.ଜୟଗୋପାଳ ପାତ୍ରଙ୍କୁ ଗିରଫ କରିଥିବା ନେଇ ଏସ୍‌ପି ବିବେକ ଶର୍ବଣା ଏମ୍ ସୂଚନା ଦେଇଛନ୍ତି।

କମାପଲ୍ଲୀ ଖଳାସାହିର ନୀଳାମ୍ବର ସେଠୀ ଜଣେ କାର୍ ମେକାନିକ। ଶୁଭେନ୍ଦୁ ପଲେଇ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ଥିଲା। ବର୍ଷେ ତଳେ ଶୁଭେନ୍ଦୁ ଅନ୍ୟ ୨ ବ୍ୟକ୍ତି ଇ. ଜୟଗୋପାଳ ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ ଆଣି ନୀଳାମ୍ବରଙ୍କ ସହ ପରିଚିତ କରାଇଥିଲେ। ଜୟଗୋପାଳ ଓ ଦୁର୍ଯ୍ୟୋଧନ ନିଜକୁ ଜିଲା ଶିଳ୍ପ କେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେବା ସହ ପିଏମ୍ଇଜିପିରେ କାର୍ ଗ୍ୟାରେଜ ପାଇଁ ୨୫ ଲକ୍ଷ ଟଙ୍କାର ଋଣ କରାଇ ଦେବେ ବୋଲି କହିଥିଲେ। ଜୟଗୋପାଳ ନିଜ ନାମରେ 'ଚକାଡୋଳା ଆଣ୍ଡ କୋ' ନାମକ ଏକ ଗ୍ୟାରେଜ ପଞ୍ଜୀକରଣ କରିଥିଲେ। ସେହି ନାମରେ ବ୍ରହ୍ମପୁରର କୌଣସି ସ୍ଥାନରେ ଏକ ଗ୍ୟାରେଜ ଖୋଲିବାକୁ ପଡ଼ିବ ବୋଲି ନୀଳାମ୍ବରଙ୍କୁ କହିଥିଲେ। ତେଣୁ ନୀଳାମ୍ବର ଆଙ୍କୁଲି ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଘରଭଡ଼ା ନେଇ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କାର୍ ଗ୍ୟାରେଜ ଖୋଲିଥିଲେ। ଡିଆଇସିରୁ ୨୫ ଲକ୍ଷ ଋଣ ପାଇବାକୁ ହେଲେ ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କୁହାଯାଇଥିଲା। ନୀଳାମ୍ବର ୬ଲକ୍ଷ ଟଙ୍କା ଧାର ଆଣି ଉଭୟଙ୍କୁ ଦେଇଥିଲେ। କିଛି ଦିନ ପରେ କମାପଲ୍ଲୀ କାନାରା ବ୍ୟାଙ୍କ ଅଧିକାରୀମାନେ ଆଙ୍କୁଲିସ୍ଥିତ ଉକ୍ତ ଗ୍ୟାରେଜକୁ ଯାଇ ପରିଦର୍ଶନ କରିଥିଲେ। ଏହାପରେ ଉକ୍ତ ଗ୍ୟାରେଜ ପାଇଁ ମେଶିନ କିଣିବା ଉଦ୍ଦେଶ୍ୟରେ ଚକାଡୋଳା ଆଣ୍ଡ କୋ ନାମରେ ୧୫ ଲକ୍ଷ ଟଙ୍କାର ଆକଳନ କାନାରା ବ୍ୟାଙ୍କକୁ ଦିଆଯାଇଥିଲା। ବ୍ୟାଙ୍କ ପକ୍ଷରୁ ଉକ୍ତ ଋଣ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କିଛି ସମୟ ପରେ ସେହି ଟଙ୍କା ଫେଡେରାଲ ବ୍ୟାଙ୍କକୁ ଟ୍ରାନ୍ସଫର କରିଦିଆଯାଇଥିଲା। ନୀଳାମ୍ବରଙ୍କ ନାମରେ ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇସାରିଥିବା ବେଳେ ଏହା ମଧ୍ୟରେ ୫ ମାସ ବିତି ସାରିଛି । ହେଲେ ନୀଳାମ୍ବରଙ୍କ ଗ୍ୟାରେଜକୁ ଗୋଟିଏ ବି ମେଶିନ ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ନୀଳାମ୍ବର ସମ୍ପୃକ୍ତ ୨ ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ବିଭିନ୍ନ ବାହାନା କରି ଦିନ ଗଡ଼ାଇଥିଲେ। ଏପରକି ସେମାନେ ବିଭିନ୍ନ ପ୍ରକାର ଧମକ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନୀଳାମ୍ବର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାୟ ୩୦ ଲକ୍ଷ ଟଙ୍କା ଋଣ ବୋଝରେ ରହିଥିବା ବେଳେ ମେଶିନ ମିଳି ନ ଥିବାରୁ ଗ୍ୟାରେଜରେ କାମ ମଧ୍ୟ କରିପାରୁନାହାନ୍ତି ବୋଲି ନୀଳାମ୍ବର ଅଭିଯୋଗରେ ଦର୍ଶାଇଛନ୍ତି । ପୋଲିସ ନଂ. ୪୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## କାର୍‌ରେ ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୯।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୫ ତାରିଖରେ ଗଣେଶ ଭସାଣି ଦେଖିବାକୁ ଆସିଥିବା ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଉକ୍ତ ମାମଲାରେ ପୋଲିସ ଦାରିଙ୍ଗବାଡ଼ିରୁ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୁର୍ଜୁବାଡ଼ି ଅଞ୍ଚଳର ପ୍ରଶାନ୍ତ ପ୍ରଧାନ(୨୭)। ଏନେଇ ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ନାବାଳିକା ଭସାଣି ଦେଖି ଭଉଣୀଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରଶାନ୍ତ ତାଙ୍କୁ କାର୍ (ନଂ. ଓଡି-୦୭ ଏକ୍ସ ୦୫୯୩)ରେ ବସିବାକୁ କହିଥିଲେ। ନାବାଳିକା ଜଣକ ପୂର୍ବରୁ ପ୍ରଶାନ୍ତଙ୍କୁ ଜାଣିଥିବାରୁ ତାଙ୍କ କାର୍‌ରେ ବସିଥିଲେ। ପରେ ପ୍ରଶାନ୍ତ ନାବାଳିକାଙ୍କୁ ସହର ବାହାରକୁ ନେଇ ତାଙ୍କୁ କାର୍ ଭିତରେ ବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ କାହାରିକୁ କହିଲେ ହତ୍ୟା କରିବାକୁ ପ୍ରଶାନ୍ତ ଧମକ ଦେଇଥିଲେ। ମାତ୍ର ପରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୮୨/୨୫)ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ପ୍ରଶାନ୍ତ ଫେରାର ଥିଲେ। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

## ଲାଞ୍ଚ ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଗିରଫ

ବଇଣ୍ଡା, ୯।୯ (ପରିକ୍ଷିତ ସାହୁ)

ଏକ ଏନ୍‌ଜିଓକୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ। କିଶୋରନଗର ବ୍ଲକ ରଣିଆକଟା, ଧଉରାପାଲି ପଞ୍ଚାୟତ ପାଇଁ ନିଯୁକ୍ତ ବିଶ୍ୱନାଥ ବ୍ଲକ କୃଷି କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଥିଲା।

ସୂଚନା ଅନୁଯାୟୀ, ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ରଞ୍ଜନ କୁମାର ପ୍ରଧାନ କିଶୋରନଗର ବ୍ଲକର ଏକ ଏନ୍‌ଜିଓରେ ସଂଯୋଜକ ଭାବେ କାମ କରୁଛନ୍ତି। ଉକ୍ତ ଏନ୍‌ଜିଓର ବିରି, ମୁଗ, ରାଶି ଏବଂ ଔଷଧ ବିତରଣ ପାଇଁ ୟୁସି ଆବଶ୍ୟକତା ଥିଲା। ଏହି ସାର୍ଟିଫିକେଟ ଦେବା ପାଇଁ ବିଶ୍ୱନାଥଙ୍କ ପାଖରେ ରଞ୍ଜନ ଆବେଦନ କରିଥିଲେ। ହେଲେ ବିଶ୍ୱନାଥ ଏଥିରେ ବିଳମ୍ବ କରିଥିଲେ। ଏ ନେଇ ରଞ୍ଜନ ବାରମ୍ବାର ବ୍ଲକ କୃଷି କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଉକ୍ତ ସାର୍ଟିଫିକେଟ ପାଇଁ ବିଶ୍ୱନାଥ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ଗତ ସୋମବାର ରଞ୍ଜନ ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କୁ କେମିକାଲ ବୋଳା ୨୦ ହଜାର ଟଙ୍କା ଦିଆଯାଇଥିଲା। ରଞ୍ଜନ ଉକ୍ତ ଟଙ୍କା ବ୍ଲକ କାର୍ଯ୍ୟାଳୟରେ ବିଶ୍ୱନାଥଙ୍କୁ ପ୍ରଦାନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

**BUSINESS**

# ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ




ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନ (ଟିଭିଏସ୍‌ଏମ୍) ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟରଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ଟିଭିଏସ୍ ଏନ୍‌ଟର୍କର ଗ୍ରୁପ୍ ବ୍ରାଣ୍ଡ ମ୍ୟାନେଜର ରାଜ ବିଶ୍ୱାସ ସ୍କୁଟରର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋ'ରୁମ୍, ସାରା ଭାରତ) ରହିଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗ୍‌ଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍‌ନେଚର ମଫଲର୍ ନୋଟ୍ ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେଶନ ଏବଂ ଓଟିଏ ଅପ୍‌ଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ିତୋଳିଛି। ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ୨ ନିୟୁତରୁ ଅଧିକ ଏନ୍‌ଟର୍କ ଗ୍ରାହକ ଏବଂ ୫୦ରୁ ଅଧିକ ସ୍ୱପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ। ଟିଭିଏସ୍ ଏନ୍‌ଟର୍କ ଆକର୍ଷଣୀୟ ଡିଜାଇନ, ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନୂତନ ଯୁଗର ପ୍ରଯୁକ୍ତିକୁ ସମର୍ଥନ କରୁଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲ୍ଡ, ଓଏସି ଟେକ୍ ଇଞ୍ଜିନ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ମାତ୍ର ୬.୩ ସେକେଣ୍ଡରେ ୦-୬୦ କେଏମ୍/ଏଚ୍‌ରେ ତ୍ୱରାନ୍ୱିତ ହୋଇ ଏବଂ ୧୦୪ କେଏମ୍/ଏଚ୍‌ର ଏକ ଶୀର୍ଷ ଗତିକୁ ବଢ଼ାଉଛି ଏବଂ ଏହା ଉକ୍ତ ଶ୍ରେଣୀର ସବୁଠାରୁ ଦ୍ରୁତତମ ସ୍କୁଟର ଭାବରେ ଉଭାହୋଇଛି।

## ୧ ଲକ୍ଷ ଟପିଲା ୨୨ କ୍ୟାରେଟ୍ ସୁନା

ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଦର ବଢ଼ିବାରେ ଲାଗିଛି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ମଧ୍ୟରେ ସୁନା ଦାମ ୭ ଥର ବୃଦ୍ଧି ପାଇଥିବା ବେଳେ ଥରେ ହ୍ରାସ ଓ ୨ ଥର ସ୍ଥିର ରହିଛି। ପୂର୍ବରୁ ୨୪ କ୍ୟାରେଟ ସୁନା ଦର ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ମଙ୍ଗଳବାର ୨୨ କ୍ୟାରେଟ ସୁନା ମଧ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ୨୨ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦାମ ୧,୦୧,୧୦୦ ଟଙ୍କା ହୋଇଛି। ଏହା ମଙ୍ଗଳବାର ୯୯,୮୫୦ ଟଙ୍କା ଥିଲା।



ଏଥିରେ ୧,୨୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୪ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦର ୧,୧୦,୨୯୦ ଟଙ୍କାରେ ପହଞ୍ଚିଛି। ଦିନକ ପୂର୍ବରୁ ଏହା ୧,୦୮,୯୩୦ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ୧,୩୬୦ ଟଙ୍କା ବୃଦ୍ଧି ହୋଇଛି। ଅନ୍ୟପଟେ ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୮୨,୭୨୦ ଟଙ୍କା ରହିଛି। ମଙ୍ଗଳବାର ୮୧,୭୦୦ ଟଙ୍କା ଥିଲା। ଏଥିରେ ୧,୦୨୦ ଟଙ୍କା ବୃଦ୍ଧି ହୋଇଛି। ୧୦୦ ଗ୍ରାମ ରୁପା ଦାମ ୧୪,୦୦୦ ଟଙ୍କା ରହିଛି।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବ୍‌ର ଦ୍ୱିତୀୟ ସପ୍ତାହରେ ଘୋଷିତ ୩ ଲକି ବିଜେତାଙ୍କ ମଧ୍ୟରୁ ପ୍ରଥମ ବିଜେତା ସବ୍ୟସାଚୀଙ୍କୁ କଟନ ଫ୍ୟାବ୍‌ର ମ୍ୟାନେଜର ସାବନ କୁମାର ପୁରସ୍କୃତ କରୁଛନ୍ତି।

## ୟୁବିଆଇ ପକ୍ଷରୁ ୫୨.୫୦ଲକ୍ଷର ମୃତ୍ୟୁଜନିତ ଦାବି ସମାଧାନ

ଭୁବନେଶ୍ୱର,୯।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍‌ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ ସୁପର ସାଲାରି ଆକାଉଣ୍ଟ ଅଧୀନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା। ଏହିପରି ମୋଟ ୫୨.୫୦ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦାସ ସରକାରୀ କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଖୁଚୁରା ଋଣ ଉତ୍ପାଦ ଉପରେ ଆଲୋକପାତ କରିଥିଲେ। ଓଏସ୍‌ଏପିର କମାଣ୍ଡାଟ୍ ଏସ୍.ଏନ୍. ମଲ୍ଲିକ ଉତ୍କୃଷ୍ଟ ତଥା ତୁରନ୍ତ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପ୍ରଶଂସା କରିଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍. ସାଇଙ୍କ ସମେତ ଓଏସ୍‌ଏପିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ୟୁନିୟନ ବ୍ୟାଙ୍କର ସେବା ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ଲିଡ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା।




ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ୪୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

## ଦୁବାଇରେ ୟୁପିଆଇ-ୟୁପିୟୁର ଶୁଭାରମ୍ଭ

ଭୁବନେଶ୍ୱର,୯।୯

କେନ୍ଦ୍ରୀୟ ଯୋଗାଯୋଗ ଓ ଉତ୍ତର-ପୂର୍ବ କ୍ଷେତ୍ରର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ଦୁବାଇରେ ଆୟୋଜିତ ୨୮ତମ ୟୁନିଭର୍ସାଲ ପୋଷ୍ଟାଲ କଂଗ୍ରେସରେ ୟୁପିଆଇ-ୟୁପିୟୁ ସମନ୍ୱୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଡାକ ବିଭାଗ, ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ୍ (ଏନ୍‌ଆଇପିଏଲ୍) ଏବଂ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ (ୟୁପିୟୁ) ଦ୍ୱାରା ବିକଶିତ ଏହି ପଦକ୍ଷେପ, ଭାରତର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ ୟୁପିୟୁ ଇଣ୍ଟରକନେକ୍ସନ୍ ପ୍ଲାଟ୍‌ଫର୍ମ (ଆଇପି) ସହ ସଂଯୁକ୍ତ କରିବ। ଏହାଦ୍ୱାରା ପୋଷ୍ଟାଲ ନେଟ୍‌ୱାର୍କରେ ୟୁପିଆଇର ବ୍ୟବହାର ଦ୍ରୁତ ଓ ସୁଲଭ ହେବ। ଏହି ଅବସରରେ ସିନ୍ଧିଆ କହିଛନ୍ତି, ଆଧାର, ଜନଧନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସହ ଆମେ ୫୬୦ ନିୟୁତରୁ ଅଧିକ ଆକାଉଣ୍ଟ ଖୋଲିଛୁ, ଯାହା ମଧ୍ୟରୁ ଅଧିକାଂଶ ମହିଳାଙ୍କ ନାମରେ ରହିଛି। ଭାରତୀୟ ଡାକ ଗତ ବର୍ଷ ୯୦୦ ନିୟୁତରୁ ଅଧିକ ଚିଠି ଏବଂ ପାର୍ସଲ ପ୍ରଦାନ କରିଛି। ସିନ୍ଧିଆ ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ଧ୍ୟାନ ଦେଇ ପ୍ରଯୁକ୍ତିବିଦ୍ୟାକୁ ନବସୃଜନରେ ପରିଣତ କରିବା ପାଇଁ ୧୦ ନିୟୁତ ଡଲାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୟୁପିୟୁର ପ୍ରଶାସନ ପରିଷଦ ଏବଂ ପୋଷ୍ଟାଲ ଅପରେଶନ୍ସ ପରିଷଦ ପାଇଁ ଭାରତର ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ଏହା ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ସୀମାପାର ଦେଣନେଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ରାଇସ୍ ବ୍ରାନ୍ ଅଏଲ: ଫ୍ରିଡମ୍

ଭୁବନେଶ୍ୱର,୯।୯

ଦିନକୁ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ବଢ଼ୁଥିବାବେଳେ ଉପଯୁକ୍ତ ଜୀବନଶୈଳୀ ଓ ଖାଦ୍ୟରେ ବ୍ୟବହାର ହେଉଥିବା ଉପାଦାନର ଗୁଣବତ୍ତା ଯାଞ୍ଚ ଜରୁରୀ ହୋଇପଡ଼ିଛି। ଏହା ମଧ୍ୟରେ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି, ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ଚାଉଳର ଉପର ବାଦାମୀ ଆସ୍ତରଣରୁ ପ୍ରସ୍ତୁତ କରାଯାଉଛି। ତେଣୁ ଏଥିରେ ପୋଷକତତ୍ତ୍ୱ ଭରିରହିଛି। ଏଥିରେ ଉତ୍ତମ ଫ୍ୟାଟ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଭରି ରହିଥିବା କମ୍ପାନୀ ଦାବି କରିଛି। ଏହା ଖାଦ୍ୟକୁ ସୁସ୍ୱାଦୁ କରିବା ସହ ମନ ପ୍ରଫୁଲ୍ଲ ରଖିଥାଏ। କମ୍ପାନୀ ଆହୁରି ମଧ୍ୟ କହିଛି, ଏକ୍ସପର୍ଟମାନେ ଏଥିରେ କୋଲେଷ୍ଟରଲ୍ ଲେଭଲ ଠିକ୍ ମାତ୍ରାରୁ ଅନୁଧ୍ୟାନ କରିଛନ୍ତି। ଏଥିରେ ମନୋଅନ୍‌ସାଚୁରେଟେଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟ୍ ଠିକ୍ ଅନୁପାତ ରହିଥିବାରୁ ଏହା ଏଲ୍‌ଡିଏଲ୍ ହ୍ରାସ ଏବଂ ଏଚ୍‌ଡିଏଲ୍ ବୃଦ୍ଧିରେ ସହାୟକ ହୁଏ। ଏଆଇଜି ହସ୍ପିଟାଲର ଚେୟାରମ୍ୟାନ ଡା. ଡି. ନାଗେଶ୍ୱର ରେଡ୍ଡିଙ୍କ ଦ୍ୱାରା ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ରାଇସ୍ ବ୍ରାନ୍ ଅଏଲ ଏବଂ ଅଲିଭ ଅଏଲ୍ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। ରାଇସ୍ ବ୍ରାନ୍ ଅଏଲରେ ଯଥେଷ୍ଟ ପରିମାଣର ଗାମା ଅରାଇଜନାଲ ଥିବାରୁ ଏହା କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରୁଥିବା ଉଲ୍ଲେଖ କରିଛନ୍ତି। ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବରିଷ୍ଠ ଉପସଭାପତି ପି .ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି, ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏହି ତେଲ ପ୍ରସ୍ତୁତ କରାଯାଉଛି। ଏହା ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟୁନିସିଆକୁ ଫିଫା ବିଶ୍ୱକପ୍ ଯୋଗ୍ୟତା



ମ୍ୟାଚ ଜିତିବା ପରେ ଉଲ୍ଲସିତ ଟ୍ୟୁନିସିଆ ଖେଳାଳିମାନେ।

**ଟ୍ୟୁନିସ୍ (ଟ୍ୟୁନିସିଆ), ୯।୯(ଏପି)**

ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ତରଫରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ। ଏହି ଦଳ ଆଉ ଦୁଇଟି ଗେମ୍ ବାକିଥାଇ ଆସନ୍ତାବର୍ଷ ନର୍ଥ ଆମେରିକାରେ ହେବାକୁଥିବା ଏହି ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ ପାଇଁ ଏକମାତ୍ର ବିଜୟ ଆବଶ୍ୟକ କରୁଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମ୍ବିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି। ନାମ୍ବିଆ ହାତରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ଗୋଟିଏହେଲେ ଗୋଲ୍ ବରଣ କରିନାହିଁ। ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍‌ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଆପେ ଯୋଗ୍ୟତା ହାସଲ କରିଛନ୍ତି।

# ସାତ୍ତ୍ୱିକ-ଚିରାଗ, କିରଣ ଜର୍ଜ ବିଜୟୀ

**ହଂକଂ, ୯।୯ (ପି.ଟି.)**

ଭାରତର ଶ୍ରେଷ୍ଠ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଜୟ ସହ ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ କିରଣ ଜର୍ଜ କ୍ୱାଲିଫାଇଂରେ ଲଢୁଆ ପ୍ରଦର୍ଶନ କରି ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇପାରିଛନ୍ତି। ନିକଟରେ ପ୍ୟାରିସଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ସାତ୍ତ୍ୱିକ ଓ ଚିରାଗ ସେମାନଙ୍କ ଓପନିଂ ରାଉଣ୍ଡରେ ତାଇୱାନର ଚିଉ ହିଆଙ୍ଗ ଚିଏ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୧୮-୨୧, ୨୧-୧୦ରେ ହରାଇ ଦେଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଯୋଡ଼ି ତଥା ୮ମ ସିଡ୍ ଦ୍ୱିତୀୟ ରାଉଣ୍ଡରେ ଜାପାନର କେନ୍ୟା ମିତ୍‌ସୁହାସି/ହିରୋକି ଓକାମୁରା ଓ ଥାଇଲାଣ୍ଡର ପିରାଚାଇ ସୁକପାହୁନ/ ପାକାପନ ତିରାରାତ୍‌ସାକୁଲ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ କିରଣ କ୍ୱାଲିଫାଇଙ୍ଗରେ ପଛକୁ ପଛ ବିଜୟ ସହ ମୁଖ୍ୟ ଡ୍ର'ରେ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ସେ ପ୍ରଥମେ ମାଲେସିଆର ଚିମ୍ ଜୁନ୍ ୱିଙ୍କୁ ଏବଂ ପରେ ନିଜ ଦେଶର ଏସ୍. ଶଙ୍କର ମୁଥୁସାମୀ ସୁବ୍ରମଣ୍ୟନଙ୍କୁ ପରାସ୍ତ କରିଥିଲେ।

# ଲଦାଖ ମାରାଥନ୍

**ଲେହ (ଲଦାଖ), ୯।୯(ପି.ଟି.):** ଲଦାଖ ମାରାଥନ୍‌ରେ ଭାରତ ସମେତ ମୋଟ୍ ୩୧ଟି ଦେଶରୁ ୬,୬୦୦ ଧାବକ ଅଂଶଗ୍ରହଣ କରିବେ। ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଇଭେଣ୍ଟ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ହେବ।

# ଭାରତ ଆଜି କୋରିଆକୁ ଭେଟିବ

**ହାଙ୍ଗ୍‌ଝୋ (ଚାଇନା), ୯।୯ (ପି.ଟି.)**

ଭାରତ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଏହାର ପ୍ରଥମ ମ୍ୟାଚ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଜିତି ଦଳ ଟୁର୍ନାମେଣ୍ଟରେ ଏହାର ଅପରାଜେୟ ଧାରା ବଜାୟ ରଖିବାକୁ ଚେଷ୍ଟା କରିବ। ଭାରତ ପୁଲ୍ 'ବି'ରେ ଥାଇଲାଣ୍ଡକୁ ୧୧-୦ ରେ ପରାସ୍ତ କରିଥିବା ବେଳେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ ୨-୨ରେ ଡ୍ର ରଖିଥିଲା। ପରେ ସିଙ୍ଗାପୁର ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚକୁ ଭାରତ ୧୨-୦ ଗୋଲରେ ଜିତି ନେଇଥିଲା। ପୁଲ୍ 'ବି'ରେ ଜାପାନ ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଭିତ୍ତିରେ ଭାରତ ଶୀର୍ଷରେ ରହିଥିଲା। ଭାରତ ଏଠାରେ ଟାଇଟଲ ବିଜୟୀ ହୋଇ ବେଲଜିୟମ ଓ ନେଦରଲାଣ୍ଡସରେ ଆୟୋଜନ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call-9937717477, Whatsapp-9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

## GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



## REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ୍, **2BHK/3BHK Flat/ Duplex** ଅଛି। **8327785834.** D-1781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923





The massage felt totally professional! & comfortable at all times-7978109255. D-76492

## AFFIDAVIT

By virtue of an affidavit before Notary Public, Kantabanji bearing No.-791 on 16.08.2025 that in my Aadhaar Card and other documents my name spells as "Ambika Bariha" W/o-Gurudeb Bariha of Village – Saraspara P.O.- Patrapali P.S.- Bangomunda Dist.- Balangir, Odisha but in my S.B. Account of Bank of Baroda, Kantabanji my name is wrongly entered as Ambika Padhan whereas Ambika Bariha and Ambika Padhan W/o Gurudeb Bariha is same and one person. D-1926

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate/Notary Public, Muniguda, Dated - 08/09/2025, Bisikeshan Kumuruka, Village-Koramohan, P.O.-Kumudabali, P.S.-Ambadola, Dist.-Rayagada, Odisha my son old name Premananda Kumuruka declare that I have changed the new name of to Paramananda Kumuruka. Henceforth, he/she shall be known as newname Paramananda Kumuruka for all purposes. D-1925

Before the Court of Notary Public, Jajpur Road, I Minakshi Malik, aged about 35 year W/o Manoj Jena of Village -Mundamal, P.O./P.S.- Jajpur Road, Dist. - Jajpur, Odisha, PIN -755019. My Adhaar No.- xxxx xxxx 3578, My daughter namely Manisha Jena. Hereby declare that Minakshi Jena and Minakshi Malik both the name are one and same person. D-1924

By virtue of an affidavit sworn before Executive Magistrate, Bhubaneswar, dated-08.09.2025 bearing C.F. No.- 50, 08.09.2025, I, Susila Palei(New Name) Address: At- Dalakhai Basti, Laxmisagar, P.O.-Budheswari Colony, P.S.- Laxmisagar, Bhubaneswar, PIN-751006, Dist.- Khordha, Odisha, declare that I have changed my name from Bouri Palei (Old Name) to Susila Palei (New Name). Henceforth, I shall be known as Susila Palei (New Name) for all purposes. D-1916

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Talasu Sanjib Kumar Patra, S/o- Late T. Syambabu Patro, resident, At- Aska Main Road, Kalinga Road, Aska, Post/ P.S.- Aska, Dist.- Ganjam, Odisha, PIN- 761110, declare by this affidavit No.- 1475, dtd.- 06.09.2025 that now onwards I shall be known as T.Sanjeeb Kumar Patro for all future purposes. D-1922

By virtue of an affidavit sworn before the Notary Public, Bhubaneswar, dated-08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.-Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my minor son's name from Kamaleswar Rajual to Kamaleswar Ray. Henceforth, he shall be known as Kamaleswar Ray for all purposes.
Kamaleswar Ray
D-1917

By virtue of an affidavit sworn before the Notary Public, Bhubaneswar, dated-08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.-Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Ramachandra Rajual to Ramachandra Ray. Henceforth, I shall be known as Ramachandra Ray for all purposes.
Ramachandra Ray.
D-1918

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Pramila Ray, W/o- Ramachandra Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Pramila Rajual to Pramila Ray. Henceforth, she shall be known as Pramila Ray for all purposes.
Pramila Ray.
D-1919

**I, Dheeraj Kumar Daga, S/o- Lunkaran Daga, resident of Niharika Apartment, Laxmi Sagar, Bhubaneswar, State-Odisha, PIN- 751006 declare by this affidavit No.- 39, dtd. 09.09.2025, that now onwards I shall be known as Dhiraj Kumar Daga for all future purposes.** D- 1920

I was known as Sampad Kumar Khara, S/o- Late Nilambara Khora, resident of Village- Kelar, P.O.-Kusumaguda, P.S.-Kakiriguma, Dist.- Koraput, Odisha, PIN- 765013, declare by this affidavit No.- 310, date- 04.09.2025, that now onwards I shall be known as Sampad Kumar Khora, resident of Village- Kelar, P.O.- Kusumaguda, P.S.-Kakiriguma, Dist.- Koraput, Odisha, PIN- 765013 for my all future purposes. D- 1931

By virtue of an affidavit sworn before the Executive Magistrate, Jajpur Road dated on 09.09.25, I Arundhoti Sahoo W/o Pravat Kumar Nayak of vill- Tarailo, Uchabali, P.S.- Tamaka, Dist.-Jajpur do hereby declare that name of my husband in my son's (Auroprasanta Nayak) birth certificate is Pravat Ku. Nayak, & his name mentioned in his Aadhaar Card is Pravat kumar Nayak. Both these name of my husband are of same person. This is true & best of my knowledge & belief. D-1927

By the virtue of an affidavit sworn before the Notary Public, Cuttack dated 12.2.2025, I, Subash Chandra Jena, S/o - Prananath Jena, At-sobera, Post- Ostapal, P.S.-Tamaka, Dist.- Jajpur. my daughter's correct name is Champabati Jena but in Aadhaar Card recorded as Sweet Sampurna Jena. I have changed my daughter name from Sweet Sampurna Jena to Champabati Jena. Henceforth, she will known as Champabati Jena for all purposes.
Subash Chandra Jena
D-1932

## ମନେ ପଡ଼ନ୍ତି

**୧୧ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ବାଞ୍ଛାନିଧି ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଡାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ବାପା! ଚାହୁଁ ଚାହୁଁ ୧୧ବର୍ଷ ବିତିଗଲା। ଏଇ ୧୧ବର୍ଷରେ ଆପଣଙ୍କ ଅନୁପସ୍ଥିତି ଆମକୁ କେତେ ଯେ କଷ୍ଟ ଦେଇଛି ତାହା ସେଇ ଈଶ୍ୱର ଜାଣନ୍ତି। ଯେଉଁଠିବି ଅଛନ୍ତି ଖୁସିରେ ଥାଆନ୍ତୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ଆପଣଙ୍କର ଆଦରଣୀୟ- ରୁକ୍ମିଣୀ, ଝିଅ- ଜ୍ୱାଇଁ ଓ ନାତି- ନାତୁଣୀମାନେ।
ଧ-1930

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଉଷାରାଣୀ ଶତପଥୀ**
ସୋମନାଥନଗର ଦ୍ୱିତୀୟଲେନ, ବ୍ରହ୍ମପୁର
ଆବିର୍ଭାବ: ୧୫।୦୮।୧୯୫୮
ତିରୋଧାନ: ୩୦।୦୮।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
ଶୋକସନ୍ତପ୍ତ- ପରିବାରବର୍ଗ, ସ୍ୱାମୀ- ସୁରେଶଚନ୍ଦ୍ର ଶତପଥୀ, ବଡ଼ପୁଅ- ସୁରଜିତ, ସାନପୁଅ- ସତ୍ୟଜିତ, ମନସ୍ୱିନୀ, ପ୍ଲାବରୀ, ଶସ୍ତଶ୍ରୀ, ଶ୍ରୀଜିତ, ଶ୍ରୀୟାଶ୍ରୀ, ଜ୍ଞାନଦ୍ରେ, ଶୁଭଶ୍ରୀ, ସ୍ମୃତି, ସୌମ୍ୟକା।
Ph- 8806550066
ଧ-1929

**ଷଷ୍ଠ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଙ୍କର ମଲ୍ଲିକ୍ (ବର୍ଣ୍ଣି)**
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବର୍ଣ୍ଣିରେ....!
ଚାହୁଁ ଚାହୁଁ ବିତିଗଲା ଛଅବର୍ଷ, ତୁ ଯିବା ପରଠାରୁ ଆଖିରୁ ଆମ ଶୁଖୁନି ଲୁହର ଧାରା। ଇଏ କେବଳ ଏକ ଔପଚାରିକ ମାତ୍ର । ତୋ ଦାୟିତ୍ୱ ଦେଇଛୁ ଈଶ୍ୱରଙ୍କୁ ସେ ତୋତେ ଭଲରେ ରଖିଥାନ୍ତୁ। ଆଜି ତୋର ଷଷ୍ଠ ପୁଣ୍ୟତିଥିରେ ଏତିକି ଗୁହାରି ତାଙ୍କ ପାଦତଳେ ।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, ଭଉଣୀ ଶୀତୁ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।
ଧ-1928

## କୁକୁଡ଼ା ପାଳନ କରୁଥିଲେ...

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।



## ମାଛଚାଷ ସମୟରେ...

ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍‌ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆକୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ପୋଟଳ ଚାଷରେ ଧଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ବେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।
- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ । ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ । ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



# ଫସଲ ଉତ୍ପାଦନରେ ସିଲିକନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଉଭିଦରେ ୯ ଗୋଟି ଉପାଦାନ ଥିବାର ରାସାୟନିକ ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ସେଥିମଧ୍ୟରୁ ୧୮ ଗୋଟି ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ। ଅନ୍ୟ ୭୨ ଗୋଟି ଉଭିଦର ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ଉକ୍ତ ଉପାଦାନସବୁ ଉଭିଦ ବା ଫସଲ ଉତ୍ପାଦନରେ ବିଭିନ୍ନ ଭୂମିକା ନେଇଥାନ୍ତି । ଉକ୍ତ ୭୨ଟି ଉପାଦାନ ମଧ୍ୟରୁ ସିଲିକନ ଅନ୍ୟତମ । ଫସଲ ଉତ୍ପାଦନରେ ସିଲିକନ୍‌ର ଭୂମିକା ସବୁଠାରୁ ଅଧିକ। ଫସଲ ସିଲିକନ୍‌କୁ ଚେ଼ର ମାଧ୍ୟମରେ ସିଲିସିଲିକ ଅମ୍ଳ ଭାବେ ମାଟିରୁ ଶୋଷଣ କରିଥାଏ । ମାଟିରେ ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକା ନାମରେ ଥାଏ। ଫସଲର ଚେ଼ରରୁ ଅଙ୍ଗାରକାମ୍ଳଜାନ ନିର୍ଗତ ହୋଇ ଜୈବ କାର୍ବୋନିକ୍ ଅମ୍ଳ ସିଲିକାକୁ ଦ୍ରବୀଭୂତ କରି ସିଲିସିଲିକ ଅମ୍ଳ ଭାବେ ଫସଲ ଚେ଼ର ଦ୍ୱାରା ଗ୍ରହଣ ହୁଏ। ସିଲିସିଲିକ ଅମ୍ଳ ଫସଲର ଖାଦ୍ୟ ନୁହେଁ। କିନ୍ତୁ ଫସଲର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ପହଞ୍ଚି ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ। ଉକ୍ତ ସିଲିକା ଫସଲକୁ ବିଭିନ୍ନ ଉପାୟରେ ସୁରକ୍ଷାଦେଇ ଉତ୍ପାଦନ ବଢ଼ାଏ।

ସିଲିକା, ଫସଲର ବିଭିନ୍ନ ଅଂଶରେ ସ୍ତରୀକୃତ ଭାବେ ରହି ଫସଲର ଓଜନ ବଢ଼ାଏ । ଏହାଛଡ଼ା ସ୍ତରୀକୃତ ସିଲିକା ଫସଲକୁ ବାହ୍ୟ ରୋଗ ଓ ପୋକ ଆକ୍ରମଣରୁ ସୁରକ୍ଷା ଦିଏ । ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ ଦ୍ୱାରା ଧାନ ଫସଲ ଛନଛନିଆ ହୋଇ ବଢ଼େ। ଏହାଦ୍ୱାରା ଫସଲ ମହିଷା, ବ୍ଲାଇଟ୍, ପତ୍ରଦାଗ ଆଦି କବକ ରୋଗରେ ଆକ୍ରାନ୍ତ ହୁଏ । ଧାନ ପତ୍ରରେ ସ୍ତରୀକୃତ ସିଲିକା ଥିବାରୁ କବକ ରୋଗର କାରକ ମାଇସେଲ (ସରୁ ସୂତା ପରି ଏକ ପଦାର୍ଥ) ସିଲିକା ସ୍ତରକୁ ଭେଦ କରିପାରେ ନାହିଁ। ଏହାଦ୍ୱାରା ଧାନ ଫସଲ କବକଜନିତ ରୋଗରୁ ରକ୍ଷା ପାଏ। ଧାନ ଫସଲ ବିଭିନ୍ନ ପୋକ ଯଥା କାଣ୍ଡବିନ୍ଧା, ଗନ୍ଧିବଗ୍, ଥ୍ରିପସ୍, ମାଇଟ୍, ଚ଼କଡା (ଗଲମିଜ) ଆଦି ଦ୍ୱାରା ବହୁଳ ଭାବରେ ଆକ୍ରାନ୍ତ ହୁଏ। ଧାନଗଛର ପତ୍ର ଏବଂ କାଣ୍ଡରେ ସ୍ତରୀକୃତ ସିଲିକା ଥିବାରୁ ପୋକର ଶୁଣ୍ଢ ସିଲିକା ସ୍ତରକୁ ଭେଦକରି ନ ପାରିବା ହେତୁ ଫସଲ ପୋକ ଆକ୍ରମଣରୁ ଶତକଡ଼ା ୭୦ ରୁ ୮୦ ଭାଗ ସୁରକ୍ଷା ପାଏ । ଧାନର ଚଷୁରେ ୨୦ରୁ ୨୫ ଶତକଡ଼ା ସିଲିକା ଥିବାରୁ ସାଇତା ଧାନରେ ରୋଗ ଏବଂ ପୋକ ଆକ୍ରମଣ କମ୍ । ଧାନ ଫସଲ ପରି ଆଖୁ, ବାଜରା ଜୁଆର ଏବଂ ମକା ଆଦି ଫସଲର ପତ୍ର ଏବଂ କାଣ୍ଡରେ ସିଲିକା ଥିବାରୁ ଏହି ସବୁ ଫସଲରେ ରୋଗ ଏବଂ ପୋକ ଆକ୍ରମଣ କମ୍। ପରୀକ୍ଷାରୁ ଜଣାପଡ଼ିଛି ଯେ ଆଖୁରେ ସିଲିକା ଥିବା ପଦାର୍ଥ ପ୍ରୟୋଗକଲେ ଆଖୁର ଓଜନ ବଢ଼ିବା ସହ ଆଖୁରୁ ଅଧିକ ରସ ବାହାରେ ଏବଂ ଏହି ରସରୁ ପ୍ରସ୍ତୁତ ଗୁଡ଼ର ମାନ ବଢ଼େ । ପରୀକ୍ଷାରୁ ଆହୁରି ଜଣାପଡ଼ିଛି ଯେ ସବୁଜ ଗୋଖାଦ୍ୟ ଫସଲରେ ସିଲିକା ପ୍ରୟୋଗ ଦ୍ୱାରା ଏହି ଫସଲ ରୋଗ ଏବଂ ପୋକ ଆକ୍ରମଣରୁ ରକ୍ଷା ପାଇବା ସହ ଓଜନ ବଢ଼ିଛି।

"ସିଲିକା ଅଭାବରେ ଢିପ ଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍‌ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ। ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ। ଫସଲ ଚେ଼ର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣକରେ। ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେ଼ର ମଧରେ ରହି କଠିନ ସିଲିକାରେ ପରିଣତ ହୁଏ। ଚେ଼ରରେ ସିଲିକା ଅଭାବରେ ଚେ଼ର ଦୁର୍ବଳ ହୁଏ। ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି।"



ସିଲିକା ଅଭାବରେ ଢିପଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍‌ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ । ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ । ଫସଲ ଚେ଼ର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣ କରେ । ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେ଼ର ମଧ୍ୟରେ ରହି କଠିନ ସିଲିକାରେ ପରିଣତ ହୁଏ । ଚେ଼ରରେ ସିଲିକା ଅଭାବରେ ଚେ଼ର ଦୁର୍ବଳ ହୁଏ । ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି । ଫସଲରେ ସିଲିକା ପରିମାଣ କମିଗଲେ ଗଛର ଶାଖା ପ୍ରଶାଖା ଦୁର୍ବଳ ହୋଇ ଭାଙ୍ଗିପଡ଼େ । ପରୀକ୍ଷାରୁ ଜଣା ପଡ଼ିଛି ଯେ ଧାନ ଫସଲ ଏବଂ ସବୁଜ ଗୋଖାଦ୍ୟରେ ସିଲିକା ପରିମାଣ କମିଲେ ଫସଲ ପବନରେ ଶୋଇପଡ଼େ । ଧାନର ନଡ଼ା ଏବଂ ଗୋଖାଦ୍ୟର ମାନ କମେ।

ମାଟିରେ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟଠାରୁ ସିଲିକାର ପରିମାଣ ସବୁଠାରୁ ଅଧିକ । ଅମ୍ଳ ମାଟିରେ ଲୁହା ଏବଂ ଆଲୁମିନିୟମ ସଂଲଗ୍ନରେ ଆସି ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ । ଅଙ୍ଗାରକାମ୍ଳ ବାଷ୍ପରେ ମିଶି ଏହା ସିଲିସିଲିକ ଅମ୍ଳରେ ପରିଣତ ହୁଏ । ଅମ୍ଳ ମାଟିରେ ଅଦ୍ରବଣୀୟ ସିଲିକା ଅଧିକ । ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କଲେ ସିଲିକା ଦ୍ରବୀଭୂତ ହୋଇ ସିଲିସିଲିକ ଅମ୍ଳ ଭାବେ ଫସଲ ପାଏ। ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କରିବା ଉଚିତ୍। ଏହା ଦ୍ୱାରା ଉଭୟେ ଫସ୍‌ଫରସ୍ ଏବଂ ସିଲିକନ୍‌କୁ ଫସଲ ପାଇଥାଏ । ହେକ୍ଟର ପିଛା ଏକ ହଜାର କିଲୋଗ୍ରାମ ଚୂନ ପ୍ରୟୋଗ କରିବା ଉଚିତ୍ । ଚୂନ ବଦଳରେ ହେକ୍ଟର ପିଛା ୧୫୦୦ କିଲୋଗ୍ରାମ କାଗଜକଳର ମଇଳା ପ୍ରୟୋଗ କରାଯାଇ ପାରେ । ରାୟଗଡ଼ାସ୍ଥ କାଗଜକଳ ମଇଳାକୁ ଚାଷୀ ତା' ନିକଟବର୍ତ୍ତୀ ଅମ୍ଳ ମାଟିରେ ସହଜରେ ପ୍ରୟୋଗ କରିପାରିବେ। ଆମ ରାଜ୍ୟରେ ପ୍ରାୟ ୭୦ ଭାଗ ଚାଷ ଜମିର ମାଟି ଅମ୍ଳ। ତେଣୁ ଉକ୍ତ ମାଟିରେ ଉଭୟ ଫସ୍‌ଫରସ୍ ଏବଂ ସିଲିକନ୍ ଅଭାବ ରହିଛି । ଅଧିକ ଫସଲ ଅମଳ ପାଇଁ ଅମ୍ଳ ମାଟିରେ ଚୂନ ପ୍ରୟୋଗ ଜରୁରୀ । ମାଟିର ପିଏଚ୍ ପରୀକ୍ଷାକରି ଚୂନ ପ୍ରୟୋଗ କରାଯାଏ । ମାଟିର ପିଏଚ୍ ୬.୫ରୁ ଅଧିକ ହେଲେ ଚୂନ ପ୍ରୟୋଗର ଆବଶ୍ୟକତା ନାହିଁ । ଖାରୀ ଏବଂ ବୁନିଆ ମାଟିର ପିଏଚ୍ ୬.୫ ରୁ ୭.୫ ମଧ୍ୟରେ ଥାଏ । ଉକ୍ତ ମାଟିରେ ସିଲିକନ୍ ଫସଲକୁ ଗ୍ରହଣ ଯୋଗ୍ୟ ଅବସ୍ଥାରେ ଥାଏ।

ରାଉରକେଲାସ୍ଥ ଲୁହା କାରଖାନରୁ ନିର୍ଗତ ହେଉଥିବା ବେସିକ୍ ସ୍ଲାଗ୍‌ରେ ୧୭ ରୁ ୨୧ ଭାଗ ସିଲିକା ସହ ୪୩ ରୁ ୪୮ ଭାଗ କାଲ୍‌ସିୟଅକ୍ସାଇଡ୍ ଥାଏ । ଏହାର ଗୁଣ୍ଡ ହେକ୍ଟରକୁ ୧୦୦୦ କି.ଗ୍ରା. ଅମ୍ଳମାଟିରେ ପ୍ରୟୋଗକଲେ ମାଟିର ଅମ୍ଳତ୍ୱ କମିବା ସହ ଉଭୟ ସିଲିକନ୍ ଏବଂ ଫସ୍‌ଫରସ୍ ଫସଲକୁ ମିଳିଥାଏ। ବଜାରରେ ସୋଡିୟମ ସିଲିକେଟ୍ ନାମରେ ଏକ ରାସାୟନିକ ପଦାର୍ଥ ମିଳେ। ଏଥିରୁ ହେକ୍ଟର ପିଛା ୪୫୦ କିଲୋଗ୍ରାମ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲକୁ ସିଲିକନ୍ ମିଳିଥାଏ। ତାଳଚେ଼ରସ୍ଥ ବିଦ୍ୟୁତ୍‌ଚାଳିତ କୋଇଲା ଚୁଲାରୁ ନିର୍ଗତ ଫ୍ଲାଏଆଶ୍ ବା ପାଉଁଶରୁ ଶତକଡ଼ା ୪୦ ରୁ ୪୫ ଭାଗ ସିଲିକା ଥାଏ । ଏହାକୁ ଢିପ ଜମିସ୍ଥ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲ ସିଲିକନ୍ ପାଇବା ସହ ମାଟିର ଜଳଧାରଣ ଶକ୍ତି ବଢ଼ିଥାଏ। ଉକ୍ତ ପାଉଁଶରୁ ହେକ୍ଟର ପ୍ରତି ୫ଟନ୍ ପ୍ରୟୋଗ କଲେ ଧାନ ଫସଲ ସିଲିକନ୍ ପାଇବା ସହ ଫସଲ ମରୁଡ଼ିରୁ ରକ୍ଷାପାଏ। ଧାନରୁ ବାହାରୁଥିବା ଚଷୁରେ ପ୍ରାୟ ୨୦ ରୁ ୨୫ ଭାଗ ସିଲିକା ଏବଂ ଧାନ ନଡ଼ାରେ ପ୍ରାୟ ୧୦ ରୁ ୧୨ ଭାଗ ସିଲିକା ଥାଏ । ଏହାକୁ କ୍ଷେତରେ ନ ପୋଡ଼ି ଧାନକ୍ଷେତରେ ପ୍ରୟୋଗକରି ହେକ୍ଟର ପ୍ରତି ୧୦ କିଲୋ ୟୁରିଆ ପ୍ରୟୋଗ କଲେ ଚ଼ଷୁ ଏବଂ ନଡା ଶୀଘ୍ର ପଚି ସିଲିକା କ୍ଷେତରେ ମିଶେ । ସିଲିକା ସହ ଜୈବ ଅଙ୍ଗାର ମଧ ଫସଲକୁ ମିଳିଥାଏ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣା ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ତାଙ୍କ ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ ପ୍ରୟୋଗ କରନ୍ତୁ ।

## ଡାଲି ଜାତୀୟ ଫସଲ ବୁଣିବା ପୂର୍ବରୁ..

ଜମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ଧାନ ଅମଳ ପୂର୍ବରୁ...



ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗକରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଢ଼େଇବା ପର୍ଯ୍ୟନ୍ତ ଜମିରେ ୫ ରୁ ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ ।



ଏସିଆ କପ୍ କ୍ରିକେଟ ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ଦୁବାଇରେ ଟ୍ରଫି ସହ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

# ଆଜିଠୁ ଭାରତର ଅଭିଯାନ

ଦୁବାଇ, ୯।୯(ପି.ଟି.)

ଏସିଆ କପ୍ କ୍ରିକେଟ୍-୨୦୨୫ରେ ଭାରତର ଅଭିଯାନ ବୁଧବାର ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଦଳୀୟ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ମୁଖ୍ୟ କାର୍ଯ୍ୟ ହେବ। ତେଣୁ ତୃତୀୟ ସ୍ପିନର

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ଭାରତ ବନାମ ୟୁଏଇ**

**ଭେନ୍ୟୁ: ଦୁବାଇ,**

**ସମୟ: ରାତି ୮ଟା**

**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

କିମ୍ବା ଜଣେ ଅତିରିକ୍ତ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ଖେଳାଯିବ ତା' ଉପରେ ନଜର ରହିବ। ଗୌତମ ଗମ୍ଭୀର ଭାରତୀୟ ଦଳର କୋଚ୍ ଦାୟିତ୍ୱ ନେବାପରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିପାରୁଥିବା ଖେଳାଳିଙ୍କ ଗୁରୁତ୍ୱ ବଢ଼ିଛି। ଅର୍ଥାତ୍ ୮ ନମ୍ବର ପର୍ଯ୍ୟନ୍ତ ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସେ ଦୃଢ଼ ରଖିବାକୁ ଚାହୁଁଛନ୍ତି। ଆସନ୍ତା ୧୪ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ତେଣୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏହାର ଡ୍ରେସ୍ ରିହର୍ସାଲ ଭାବେ ବିବେଚନା କରାଯାଉଛି। ବିଶେଷକରି ୟୁଏଇ ବିପକ୍ଷ ମ୍ୟାଚ୍‌ରୁ ଦଳୀୟ ସନ୍ତୁଳନ ସଜାଡ଼ିବା ଉପରେ ନଜର ରଖାଯିବ।

ୟୁଏଇର ଅନେକ ଖେଳାଳିଙ୍କ ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଗୁରୁତ୍ୱ ରଖିବ। କାରଣ ଆଇସିସିର ସହଯୋଗୀ ଦେଶର ଖେଳାଳିଭାବେ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ସମ୍ମୁଖୀନ ହେବା କିମ୍ବା ଶୁବମନ ଗିଲ୍‌ଙ୍କୁ ବୋଲିଂ କରିବା କେବେହେଲେ ସହଜ ହେବନାହିଁ। ଏଥିରୁ ସେମାନଙ୍କୁ ପର୍ଯ୍ୟାପ୍ତ ଅଭିଜ୍ଞତା ମିଳିବ।

ଭାରତୀୟ ସେଟ୍‌ଅପ୍‌ରେ ସଞ୍ଜୁ ସାମ୍‌ସନ ବନାମ ଜୀତେଶ ଶର୍ମାଙ୍କୁ ନେଇ ଦେଖା ଦେଇଥିବା ଦ୍ୱନ୍ଦ୍ୱ ସମାଧାନ ହୋଇଥିବା ପରି ଲାଗୁଛି। ଜଣେ ସଫଳ ଫିନିଶର ଭାବେ ବିଦର୍ଭର ଜୀତେଶ କେରଳର ସାମ୍‌ସନଙ୍କୁ ପଛରେ ପକାଇ ଦେଇଥିବା ନେଟ୍ସ ଅବସରରେ ପରିଲକ୍ଷିତ ହୋଇଛି। ଟପ୍ ଅର୍ଡରରେ ଶୁବମନ ଗିଲ୍‌ଙ୍କ ଉପସ୍ଥିତି ଫଳରେ ବିସ୍ଫୋରକ ବ୍ୟାଟର ସଞ୍ଜୁଙ୍କୁ ବାହାରେ ବସିବାକୁ ପଡ଼ିବ। ଗିଲ୍ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଆଇସିସି ଟି୨୦ ବ୍ୟାଟିଂ ର୍‍ୟାଙ୍କିଂର ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ତିଳକ ବର୍ମା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩ ଏବଂ ୪ ନମ୍ବର ସ୍ଥାନ ପାଇଁ ଫିଟ୍। ଏହାପରେ ଆସିବ ଅଲ୍‌ରାଉଣ୍ଡରଙ୍କ ପାଳି। ପେସ୍ ବୋଲର ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ସ୍ଲୋ ଟ୍ରାକ୍‌ରେ ଭଲ ବୋଲିଂ କରିବାର ଦକ୍ଷତା ରଖିଥିବା ଶିବମ୍ ଦୁବେ ୬ ଏବଂ ଜୀତେଶ ୭ ନମ୍ବରରେ ଆସିବା ଏକପ୍ରକାର ନିଶ୍ଚିତ। ଏହି ସ୍ଥାନରେ ପ୍ରଭାବୀ ପ୍ରଦର୍ଶନକରି ଜୀତେଶ ରୟାଲ ଚ୍ୟାଲେଞ୍ଜର୍ସକୁ ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କୋଚ୍ ଗମ୍ଭୀର ବ୍ୟାଟିଂ ଲାଇନ୍‌ଅପ୍‌ରେ ଗଭୀରତା ଚାହୁଁଥିବାରୁ ସ୍ପିନ୍ ବୋଲିଂ ସହ ଭଲ ବ୍ୟାଟିଂ କରିବାର ଦକ୍ଷତା ରଖିଥିବା ଅକ୍ଷର ପଟେଲ ନମ୍ବର ୮ରେ ଆସିବେ। କପିଳ ଦେବଙ୍କ ପରେ ଭାରତର ସବୁଠୁ ଭଲ ଫାଷ୍ଟ ବୋଲର ବିବେଚିତ ହେଉଥିବା ଯଶ୍‌ପ୍ରୀତ୍ ବୁମ୍‌ରା ଏବଂ ଭାରତର ସବୁଠାରୁ ସଫଳ ଟି୨୦ ବୋଲର ଅର୍ଶଦୀପ ସିଂ ପରବର୍ତ୍ତୀ ୨ଟି ସ୍ଥାନ ପାଇଁ ସ୍ୱାଭାବିକ ପସନ୍ଦ ଭାବେ ଉଭା ହେବେ। ଅବଶିଷ୍ଟ ଗୋଟିଏ ସ୍ଥାନ ପୂରଣ ଲାଗି ମ୍ୟାଚ ଦିନ ପିଚ୍ ଦେଖି ନିଷ୍ପତ୍ତି ନିଆଯିବ।

ସେପ୍ଟେମ୍ବରରେ ଏସିଆ କପ୍ ହେଉଛି ଅର୍ଥ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପିଚ୍ ଗ୍ରୀନ୍ ଏବଂ ସତେଜ ରହିବ। ତେଣୁ ଏଥିରୁ ବାଉନ୍ସ ମିଳିବ ଏବଂ ବଲ୍ ଭଲଭାବେ କ୍ୟାରି କରିବ। ଏଭଳି ସ୍ଥିତିରେ ୫୦ ଓଭରବିଶିଷ୍ଟ ଚାମ୍ପିୟନ ଟ୍ରଫିରେ ଭାରତ ୪ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳାଇଥିଲା। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍ ପାଇଁ ଆଉ ଜଣେ ସ୍ପିନର ବରୁଣ କିମ୍ବା କୁଲଦୀପଙ୍କୁ ସାମିଲ କରାଯାଇପାରେ। ଭାରତର ଅଭ୍ୟାସ ସେସନରେ ଅଭିଷେକ ମଧ୍ୟ ବେଶ୍ କିଛି ସମୟ ସ୍ପିନ୍ ବୋଲିଂ କରିଥିବା ଦେଖିବାକୁ ମିଳିଥିଲା।

ୟୁଏଇ ପାଇଁ କୋଚ୍ ଲାଲ୍‌ଚାନ୍ଦ ରାଜପୁତଙ୍କ ଅଧୀନରେ ଟ୍ରେନିଂ ନେଇଥିବା ମହମ୍ମଦ ୱାସିମ୍, ରାହୁଲ ଚୋପ୍ରା ଓ ସିମରନ୍‌ଜିତ ସିଂଙ୍କ ପାଇଁ ଦକ୍ଷତା ଦେଖାଇବାର ସମୟ ଆସିଛି। ଭାରତ ବିପକ୍ଷ ଗେମ୍ କଷ୍ଟସାଧ ହେବ ବୋଲି ରାଜପୁତ ସ୍ୱୀକାର କରିଛନ୍ତି। ତେବେ ୟୁଏଇ ଖେଳାଳିମାନଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଭଲ ସୁଯୋଗ ରହିଛି। ଅନ୍ୟପକ୍ଷେ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବନାହିଁ ବୋଲି ସେ ପୂର୍ବାନୁମାନ କରିଛନ୍ତି।



ନ୍ୟୁ ଲୁକ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା।

## ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସିନ୍‌ୱାରିଙ୍କ ଅବସର

**କରାଚୀ, ୯।୯ (ପି.ଟି.):** ପାକିସ୍ତାନର ବାମହାତୀ ପେସର ଉସ୍‌ମାନ ସିନ୍‌ୱାରି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ତରଫରୁ ସେ ଶେଷଥର ପାଇଁ ୬ ବର୍ଷ ପୂର୍ବେ ଖେଳିଥିଲେ। ୩୧ ବର୍ଷୀୟ ସିନ୍‌ୱାରି ୨୦୧୩ରୁ ୨୦୧୯ ମଧ୍ୟରେ ସମସ୍ତ ଫର୍ମାଟ୍‌ରେ ମାତ୍ର ୩୪ ମ୍ୟାଚ୍ ଖେଳିଛନ୍ତି। ତେବେ ସେ କ୍ରିକେଟ୍ ଲିଗ୍‌ରେ ଖେଳିବା ଜାରି ରଖିଛନ୍ତି। ସେ ଗୋଟିଏ ଟେଷ୍ଟ, ୧୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସିନ୍‌ୱାରି ୨୦୧୩ ଡିସେମ୍ବରରେ ଦୁବାଇଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

## ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ

**କଲମ୍ବୋ, ୯।୯ (ପି.ଟି.):** ଏସିଆ କପ୍ କ୍ରିକେଟ ପାଇଁ ଘୋଷଣା କରାଯାଇଥିବା ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ ସ୍ଥାନ ପାଇଛନ୍ତି। ଏହି ମିଡଲଅର୍ଡର ବ୍ୟାଟର ୨ ବର୍ଷ ପରେ ଅନ୍ତର୍ଜାତୀୟ ଟି୨୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚାରିଥ ଆସାଲାଙ୍କାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳର ସଂଖ୍ୟା ୧୭ରେ ପହଞ୍ଚିଛି। ସେପ୍ଟେମ୍ବର ୧୩ରେ ଆବୁଧାବିଠାରେ ବାଂଲାଦେଶ ବିପକ୍ଷରେ ଖେଳି ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ୩୦ ବର୍ଷୀୟ ଲିୟାଙ୍ଗେ ହେଉଛନ୍ତି ଜଣେ ହ୍ୱାଇଟ୍ ବଲ୍ ସ୍ପେସାଲିଷ୍ଟ। ସେ ୨୮ ଅନ୍ତର୍ଜାତୀୟ ଦିନିକିଆ ଖେଳି ୮୨୪ ରନ ସଂଗ୍ରହ କରିଛନ୍ତି।

# ପାରା ସ୍ପୋର୍ଟ୍ସରେ ଉଦୟଙ୍କ ଭାଗ୍ୟୋଦୟ


ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ଜାପାନର ଟୋକିଓରେ ବୁଧବାରଠାରୁ ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ-୨୦୨୫ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଇତିହାସରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ଉଦୟ କୁମାର ରାଉତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ଉଦୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଜାମଧର ଗ୍ରାମର ବାସିନ୍ଦା। ସେ ଗୀତାଞ୍ଜଳି ରାଉତ ଓ ବିଜୟ

**ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ**

କୁମାର ରାଉତଙ୍କ ପୁଅ। ବାପାଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବା ସମୟରେ ପରିବାରର ଆର୍ଥିକଭାର କମାଇବା ପାଇଁ ଦିଲ୍ଲୀର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଦିନେ କାମ ସମୟରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇ ଟ୍ରାନ୍ସଭର୍ସ ମାଇଲାଇଟିସ୍ ରୋଗରେ ପୀଡ଼ିତ ହେଲେ। ଫଳରେ ଶାରୀରିକ ଶକ୍ତି ହରାଇ ସେ ଦିବ୍ୟାଙ୍ଗ ଜୀବନ ବାଛିବାକୁ ବାଧହେଲେ। ଏହିଠାରୁ ହିଁ ହୋଇଥିଲା ତାଙ୍କ ଭାଗ୍ୟ ପରିବର୍ତ୍ତନ। କଠିନ ପରିସ୍ଥିତିରେ ଉଦୟ ମନୋବଳ ହରାଇ ନ ଥିଲେ। ପାରା ସ୍ପୋର୍ଟ୍ସକୁ ନୂଆ ଆଶାର ମାର୍ଗ କରିନେଲେ। ଖେଲୋ ଇଣ୍ଡିଆରେ ବ୍ରୋଞ୍ଜ୍ ଏବଂ ଇନ୍ଦୋରରେ ଜାତୀୟ ଖେଳରେ ରୌପ୍ୟ ପଦକ ଭଳି ସଫଳତା ଲାଭ କରି ସେ ନିଜ ଭାଗ୍ୟୋଦୟର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ ଗୁଜରାଟର ଗାନ୍ଧୀ ନଗରରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କମଳାକାନ୍ତ ରଥ କହିଛନ୍ତି, ଉଦୟଙ୍କ ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ସେ ଅନେକ ପ୍ରତିଭାଙ୍କ ଲାଗି ପ୍ରେରଣା ସାଜିଛନ୍ତି।



ଉଦୟ କୁମାର ରାଉତ

# ଫେବୃଆରୀ ୭ରୁ ମାର୍ଚ୍ଚ ୮ ସମ୍ଭାବନା

ନୂଆଦିଲ୍ଲୀ, ୯।୯ (ପି.ଟି.)

**୨୦୨୬ ଟି୨୦ ବିଶ୍ୱକପ**

୨୦୨୬ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ହେବା ସମ୍ଭାବନା ରହିଛି। ମ୍ୟାଚ୍‌ଗୁଡ଼ିକ ଭାରତର ୫ ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଫାଇନାଲ ଅହମଦାବାଦ୍ କିମ୍ବା କଲମ୍ବୋରେ ଆୟୋଜନ କରାଯିବ। ପ୍ରତିଯୋଗିତାରେ ପାକିସ୍ତାନ କିପରି ପ୍ରଦର୍ଶନ କରୁଛି ତା' ଉପରେ ଫାଇନାଲ ଭେନ୍ୟୁ ନିର୍ଦ୍ଧାରଣ ହେବ। ପାକିସ୍ତାନ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟରେ ଏ ସମ୍ପର୍କରେ ଚୁକ୍ତି ହୋଇଛି। ପ୍ରତିଯୋଗିତା ପାଇଁ ଆଇସିସି ୱିଣ୍ଡୋ ବାହାର କରି ଅନ୍ୟ ବୋର୍ଡଗୁଡ଼ିକୁ ଅବଗତ କରାଇଛି। ତେବେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବା ବାକି ରହିଛି। ୱେଷ୍ଟଇଣ୍ଡିଜ୍ ଓ ୟୁଏସ୍‌ଏରେ ଅନୁଷ୍ଠିତ ୨୦୨୪ ଟି୨୦ ବିଶ୍ୱକପ୍ ଫର୍ମାଟ୍ ଅନୁସାରେ ଆଗାମୀ ପ୍ରତିଯୋଗିତା ହେବ। ଭାଗନେବାକୁ ଥିବା ୨୦ଟି ଦଳ ୪ଟି ଗ୍ରୁପ୍‌ରେ ବିଭକ୍ତ ହେବେ। ପ୍ରତି ଗ୍ରୁପ୍‌ରେ ୫ ଲେଖାଏ ଦଳ ରହିବେ। ଲିଗ୍ ପର୍ଯ୍ୟାୟ ପରେ ସୁପର ଏଇଟ୍ ଏବଂ ସେମିଫାଇନାଲ ହେବ। ଇଟାଲୀ ପ୍ରଥମଥର ପାଇଁ ବିଶ୍ୱକପ ଲାଗି ଯୋଗ୍ୟତା ଅର୍ଜନ କରିଛି। ଗତଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା ଓ ନେଦରଲାଣ୍ଡସ୍ ଆଦି ୧୫ଟି ଦଳ ଏଥିରେ ଭାଗନେବା ସ୍ପଷ୍ଟ ହୋଇସାରିଛି। ଅବଶିଷ୍ଟ ୨ଟି ଦଳ ଆଫ୍ରିକା କ୍ୱାଲିଫାୟର୍ସ ଏବଂ ୩ଟି ଦଳ ଏସିଆ ଏବଂ ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟର୍ସରୁ ଆସିବେ।



ଲିଭରପୁଲ୍‌ରେ ଜାପାନର ୟୁମା ନିଶିନାକାଙ୍କ ବିପକ୍ଷ ଲଢ଼େଇ ଅବସରରେ ଭାରତର ନିଖତ ଜରିନ।

# କ୍ୱାର୍ଟରରେ ନିଖତ ଜରିନ୍

ଲିଭରପୁଲ, ୯।୯

ଦୁଇଥର ବିଶ୍ୱ ଚାମ୍ପିୟନ ଭାରତର ନିଖତ ଜରିନ୍ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୧ କେଜି ପ୍ରି-କ୍ୱାର୍ଟର ଫାଇନାଲରେ ନିଖତ ଜାପାନର ୟୁମା ନିଶିନାକାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ୨୯ ବର୍ଷୀୟ ନିଖତ୍ ପ୍ରଥମ ରାଉଣ୍ଡରେ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ଅଭିଜ୍ଞତାର ଉପଯୋଗ କରି ସେ ଏହି ଲଢ଼େଇକୁ ସହଜ କରି ଦେଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଇଭେଣ୍ଟ। ନିଖତଙ୍କ ରିଦିମ ଭାଙ୍ଗିବାକୁ ନିଶିନାକା ଚେଷ୍ଟ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆଉ ୩ ମହିଳା ବକ୍ସର ମଧ୍ୟ ପୋଡିୟମ ମଣ୍ଡନଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୱାର୍ଲ୍ଡ ବକ୍ସିଂ ଅଧୀନରେ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ୨୦ ବକ୍ସର ଭାଗ ନେଇଛନ୍ତି।

# ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୯।୯(ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ପରିସୀମା ମଧ୍ୟରେ ଥିବା ସ୍ୱୀକୃତିପ୍ରାପ୍ତ ସ୍କୁଲ, କଲେଜ, କ୍ଲବ, ସଙ୍ଗଠନ, ସରକାରୀ, ଅର୍ଦ୍ଧସରକାରୀ ଅଫିସ ଆଦି ଅନୁଷ୍ଠାନଗୁଡ଼ିକ ଭାଗ ନେଇପାରିବେ। କୌଣସି ଅଣସ୍ୱୀକୃତିପ୍ରାପ୍ତ କ୍ଲବ କିମ୍ବା ସଙ୍ଗଠନ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସ୍ପଷ୍ଟ କରିଛନ୍ତି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ଆସୋସିଏଶନ ସହ ଅନୁବନ୍ଧିତ ନୁହନ୍ତି ତେବେ ସେମାନଙ୍କୁ ଆସୋସିଏଶନର କୌଣସି ଦୁଇଜଣ ଆଜୀବନ କିମ୍ବା ବାର୍ଷିକ ସଦସ୍ୟଙ୍କଠାରୁ ଲିଖିତଭାବେ ସୁପାରିସ୍ ଦାଖଲ କରିବାକୁ ହେବ। ବିଶଦ୍ ବିବରଣୀ ପାଇଁ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ